# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

VOLUME- 43 ISSUE-141 MONDAY 17 NOVEMBER 2025 PAGE-12 ₹ 6.00 | JEYPORE | ବର୍ଷ-୪୩ ସଂଖ୍ୟା-୧୪୧ ସୋମବାର ୧୭ ନଭେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦




ଆସିପାରେ 'କୁଛ କୁଛ ହୋତା ହୈ'ର ସିକ୍ୱେଲ

ପୃଷ୍ଠା ୧୧ ଦେଖନ୍ତୁ...





# ଉଜୁଡ଼ି ଗଲା ଲାଲୁ ପରିବାର

## ରୋହିଣୀଙ୍କ ପରେ ଘର ଛାଡ଼ିଲେ ଆଉ ତିନି ଝିଅ, ଦିଲ୍ଲୀ ପଳାଇଲେ

**ପାଟନା, ୧୬।୧୧ (ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନରେ ବଡ଼ ପରାଜୟ ପରେ ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ଘରେ ଅଦିନିଆ ଝଡ଼ ଆସିଛି। ପରିବାରର ସଦସ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ବଡ଼ ପୁଅ ତେଜପ୍ରତାପ ଯାଦବଙ୍କ ପରେ ଏବେ ବାପାଙ୍କୁ କିଡ୍‌ନୀ ଦେଇଥିବା ଝିଅ ରୋହିଣୀ ଆଚାର୍ଯ୍ୟ ପରିବାର ଏବଂ ପାର୍ଟି ଛାଡ଼ି ପଳାଇଛନ୍ତି। ତାଙ୍କୁ ସମର୍ଥନ କରି ଲାଲୁଙ୍କ ଆଉ ତିନି ଝିଅ ମଧ୍ୟ ଆଜି ପାଟନା ଘର ଛାଡ଼ି ପିଲାମାନଙ୍କୁ ନେଇ ଦିଲ୍ଲୀ ପଳାଇଛନ୍ତି। ଏହି ତିନି ଝିଅ ହେଲେ ରାଜଲକ୍ଷ୍ମୀ, ରାଗିନୀ ଏବଂ ଚନ୍ଦା। ସେମାନେ ମଧ୍ୟ ପରିବାର ସହିତ ସଂପର୍କ ତୁଟାଇବାକୁ ଘୋଷଣା କରିଛନ୍ତି।

ବାହାରର ଦୁଇ ବ୍ୟକ୍ତିଙ୍କ ଯୋଗୁଁ ଏବେ ଜଣଙ୍କ ପରେ ଜଣେ ଆରଜେଡି ଏବଂ ଲାଲୁଙ୍କୁ ଛାଡ଼ି ଚାଲି ଯାଉଛନ୍ତି। ରାଜନୀତି ଏବଂ ପରିବାର ଛାଡ଼ିବାର ଦିନକ ପରେ ରବିବାର ରୋହିଣୀ ସାମାଜିକ ଗଣମାଧ୍ୟମ ପୋଷ୍ଟ ମାଧ୍ୟମରେ ଗୁମର ଖୋଲିଛନ୍ତି। ସେ ତେଜସ୍ୱୀ ଯାଦବ ଏବଂ ସଞ୍ଜୟ ଯାଦବଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ରୋହିଣୀ ଏକ କୋହଭରା ପୋଷ୍ଟରେ କହିଛନ୍ତି ଯେ ମୋତେ ଶ୍ୱଶୁର ଘରଠାରୁ ଅଲଗା କରି ଅନାଥ ବନାଇ ଦିଆଗଲା। କାନ୍ଦି କାନ୍ଦି ଘର ଛାଡ଼ିବାକୁ ପଡ଼ିଲା। ମୋ ଉପରକୁ ମଧ୍ୟ ଚପଲ ଉଠାଗଲା। ଆତ୍ମସମ୍ମାନ ସହ ସାଲିସ ନ କରି ମୁଁ ବାହାରି ଆସିଲି। ଆଉ କେହି ମୋ ଭଳି ଦୁର୍ଦ୍ଦଶା ନଭୋଗନ୍ତୁ। କୌଣସି ଘରେ ମୋ ଭଳି ଭାଇ-ଭଉଣୀ ନ ରୁହନ୍ତୁ। ଏହି ପୋଷ୍ଟ ରୋହିଣୀ କିଡ୍‌ନୀ ଦେଇଥିବାର ଭିଡିଓ ପୋଷ୍ଟ କରିଛନ୍ତି।



**ମୋ ସହିତ ଖରାପ ବ୍ୟବହାର କରାଯାଉଥିଲା: ରୋହିଣୀ**
**ଭଉଣୀଙ୍କ ପ୍ରତି ଅପମାନ ସହିବି ନାହିଁ: ତେଜପ୍ରତାପ**

ଅନ୍ୟ ଏକ ପୋଷ୍ଟରେ ରୋହିଣୀ ଲେଖିଛନ୍ତି ଯେ ଶନିବାର ମତେ ଗାଳିଗୁଲଜ କରାଯାଇଥିଲା। ବାପାଙ୍କୁ ଖରାପ କିଡନୀ ଦେଇ କୋଟି କୋଟି ଟଙ୍କା ଏବଂ ଟିକଟ ନେଇଥିବା କୁହାଯାଇଥିଲା।

ନିର୍ବାଚନରେ ପରାଜୟକୁ ନେଇ ତେଜସ୍ୱୀ ଏବଂ ରୋହିଣୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶନିବାର ଅପରାହ୍ଣରେ ଇଣ୍ଡିଆ ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଥିବା ତେଜସ୍ୱୀ ପରାଜୟ ପାଇଁ ରୋହିଣୀଙ୍କୁ ଦାୟୀ କରିଥିଲେ। ତେଜସ୍ୱୀ ତାଙ୍କ ଉପରକୁ ଚପଲ ଫୋପାଡ଼ି ଥିଲେ। ଲାଲୁ ପରିବାରର ଏହି ବିବାଦ ପଛରେ ବାହାରର ଦୁଇ ଜଣ ବ୍ୟକ୍ତିଙ୍କ ହାତ ଥିବା କୁହାଯାଉଛି। ସେମାନେ ହେଲେ ତେଜସ୍ୱୀଙ୍କ ଘନିଷ୍ଠ ସଞ୍ଜୟ ଯାଦବ ଏବଂ ରମିଜ ଖାନ। ଉଭୟଙ୍କ ପାଇଁ ଭାଇ ତାଙ୍କୁ ଏଭଳି ବ୍ୟବହାର କଲା ବୋଲି ରୋହିଣୀ ଅଭିଯୋଗ କରିଛନ୍ତି। ଆଜି ମୁମ୍ବାଇ ଯିବା ସମୟରେ ରୋହିଣୀ କହିଛନ୍ତି, ସେ ତାଙ୍କର ସଂପର୍କ କେବଳ ତେଜସ୍ୱୀଙ୍କ ସହ ତୁଟାଇଛନ୍ତି। ବାପା ମାଆ ଏବଂ ଅନ୍ୟ ଭାଇ ଭଉଣୀ ତାଙ୍କ ସହିତ ଅଛନ୍ତି ବୋଲି ସେ କହିଛନ୍ତି। ଏହି ବିବାଦ ଉପରେ ସେ ଅଧିକ କିଛି କହିବାକୁ ମନା କରିଦେଇଥିଲେ।

ଇତିମଧ୍ୟରେ ଏହି ବିବାଦକୁ ନେଇ ମୁହଁ ।।ଖୋଲିଛନ୍ତି ଲାଲୁଙ୍କ ବଡ଼ ପୁଅ ତେଜପ୍ରତାପ। ସେ କହିଛନ୍ତି ଯେ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ସେ ସହିଛନ୍ତି। କିନ୍ତୁ ତାଙ୍କ ଭଉଣୀ ରୋହିଣୀଙ୍କ ପ୍ରତି ହୋଇଥିବା ଅପମାନକୁ ସେ ଆଦୌ ସହିବେ ନାହିଁ। ବାହାର ଲୋକଙ୍କ ପାଇଁ ତାଙ୍କ ଘରେ ଝଗଡ଼ା ହେଉଛି ଏବଂ ଏହା ଗ୍ରହଣୀୟ ନୁହେଁ। ବାପା (ଲାଲୁ)ଙ୍କ ଇସାରା ମିଳିବା ମାତ୍ରେ ରାଜ୍ୟବାସୀ ଏହି ବାହାର ଲୋକଙ୍କୁ ସାବାଡ଼ କରିଦେବେ। ସୂଚନାଯୋଗ୍ୟ ଯେ ନିର୍ବାଚନ ପୂର୍ବରୁ ଲାଲୁ ତାଙ୍କ ପରିବାର ଓ ଦଳରୁ ତେଜ ପ୍ରତାପଙ୍କୁ ବହିଷ୍କାର କରିଥିଲେ। ଅନ୍ୟ ଜଣେ ମହିଳାଙ୍କ ସହ ସଂପର୍କ ପାଇଁ ତେଜ ପ୍ରତାପଙ୍କୁ ବିଦା କରାଯାଇଥିଲା। ଏହାପରେ ତେଜ ପ୍ରତାପ ନୂଆ ଦଳ ଗଠନ କରି ଆରଜେଡି ବିରୋଧରେ ପ୍ରାର୍ଥୀ ଦେଇଥିଲେ। କିନ୍ତୁ ସମସ୍ତେ ହାରିଯାଇଥିଲେ।

## ବିବାହର କିଛି ଘଣ୍ଟା ପୂର୍ବରୁ କନ୍ୟାକୁ ହତ୍ୟା କଲା ବର

**ଭାବନଗର,୧୬।୧୧(ଏଜେନ୍ସି):** ଗୁଜରାଟର ଭାବନଗରରେ ବିଚଳିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ବିବାହର କିଛି ଘଣ୍ଟା ପୂର୍ବରୁ ଜଣେ ବର ତାଙ୍କର କନ୍ୟା ତଥା ଭାବି ପତ୍ନୀଙ୍କୁ ହତ୍ୟା କରିଛନ୍ତି। ହଳଦୀ ସମାରୋହର ଗୋଟିଏ ଦିନ ପରେ ସୋନୀ ରାଠୋରଙ୍କୁ ହତ୍ୟା କରାଯାଇଥିଲା। ବର ସାଜନ ବରେୟାଙ୍କୁ ପୁଲିସ ମୁଖ୍ୟ ଅଭିଯୁକ୍ତ ବୋଲି କହିଛି। ସୋନୀ ଓ ସାଜନ ଗତ ଦେଢ଼ବର୍ଷ ହେବ ସାଥି ହୋଇ ଏକାଠି ରହୁଥିଲେ। ଦୁହିଁଙ୍କର ନିର୍ବନ୍ଧ ହୋଇସାରିଥିଲା। ବିବାହର ସବୁ ପରମ୍ପରା ପାଳନ ହୋଇ ସାରିଥିଲା। ଶନିବାର ରାତିରେ ସେମାନେ ବାହା ହୋଇଥାନ୍ତେ। ତେବେ ଏହାପୂର୍ବରୁ ସବୁ କିଛି ଶେଷ ହୋଇଛି। ସାଢ଼ି ଓ ଟଙ୍କା ପଇସାକୁ ନେଇ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା।



ଏଥିରେ ଉତ୍‌କ୍ଷିପ୍ତ ହୋଇ ସାଜନ ଏକ ଲୁହା ପାଇପ୍‌ରେ ସୋନୀଙ୍କୁ ବାଡେଇଥିଲେ ଓ ସୋନୀଙ୍କ ମୁଣ୍ଡକୁ କାନ୍ଥରେ ପିଟିଥିଲେ। ଫଳରେ ସୋନୀ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ ବୋଲି ପୁଲିସ କହିଛି। ଫେରାର ହେବା ପୂର୍ବରୁ ସାଜନ ଘରେ ଭଙ୍ଗାରୁଜା ମଧ୍ୟ କରିଥିଲା। ସୂଚନା ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସୋନୀଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସାଜନ ଶନିବାର ପଡୋଶୀଙ୍କ ସହ ମଧ୍ୟ ଝଗଡ଼ା କରିଥିଲା ବୋଲି ପୁଲିସ କହିଛି। ସାଜନକୁ ଧରିବା ପାଇଁ ପୁଲିସ ଏକାଧିକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

### ପାକିସ୍ତାନରେ ସମ୍ବିଧାନ ସଂଶୋଧନକୁ ବିରୋଧ

## ସୁପ୍ରିମକୋର୍ଟ ପରେ ଲାହୋର ହାଇକୋର୍ଟ ଜଜ୍‌ଙ୍କ ଇସ୍ତଫା

**ଇସ୍‌ଲାମାବାଦ,୧୬।୧୧(ଏଜେନ୍ସି):** ପାକିସ୍ତାନରେ ସମ୍ବିଧାନ ସଂଶୋଧନକୁ ବିରୋଧ କରି ଲାହୋର ହାଇକୋର୍ଟର ଜଣେ ବରିଷ୍ଠ ବିଚାରପତି ଇସ୍ତଫା ଦେଇଛନ୍ତି। ଫଳରେ ନ୍ୟାୟ ପାଳିକା ଉପରେ ସଙ୍କଟ ଆହୁରି ବୃଦ୍ଧି ପାଇଛି। ଲାହୋର ହାଇକୋର୍ଟର ଜଜ୍ ଜଷ୍ଟିସ ଶମ୍ସ ମେହମୁଦ ମିର୍ଜା ଇସ୍ତଫା ଦେଇଛନ୍ତି। ସେ ପ୍ରଥମ ଜଜ୍ ଭାବେ ହାଇକୋର୍ଟରୁ ଇସ୍ତଫା ଦେଇଛନ୍ତି। ମିର୍ଜା ୨୦୨୮ ମାର୍ଚ୍ଚ ୬ରେ ଅବସର ନେଇଥାନ୍ତେ। ସେ ଇମ୍ରାନ ଖାନ୍‌ଙ୍କ ପାର୍ଟି ପିଟିଆଇର ବରିଷ୍ଠ ନେତା ସଲମାନ ଆକ୍ରାମ ରାଜାଙ୍କ ଶାଳକ। ଏହା ପୂର୍ବରୁ ନଭେମ୍ବର ୧୩ରେ ସୁପ୍ରିମକୋର୍ଟର ଦୁଇଜଣ ବରିଷ୍ଠ ବିଚାରପତି ସୟଦ ମନସୁର ଅଲି ଶାହ ଓ ଜଷ୍ଟିସ ଅତର ମିନଲ୍ଲାହ ମଧ୍ୟ ସମାନ କାରଣ ଯୋଗୁ ଇସ୍ତଫା ଦେଇଥିଲେ। ୨୭ତମ ସମ୍ବିଧାନ ସଂଶୋଧନକୁ ସମ୍ବିଧାନ ଓ ନ୍ୟାୟପାଳିକା ଉପରେ ଆକ୍ରମଣ ସଦୃଶ ବୋଲି ସେମାନ କହିଥିଲେ। ଏହି ସଂଶୋଧନ ସୁପ୍ରିମକୋର୍ଟକୁ ଶେଷ କରୁଛି ଓ ସରକାର ସ୍ୱାଧୀନତାକୁ ବିପଦରେ ପକାଇଛି ବୋଲି ଜଷ୍ଟିସ ମନସୁର ଅଲି କହିଛନ୍ତି। ନ୍ୟାୟପାଳିକାକୁ ସରକାର ନିଜ ନିୟନ୍ତ୍ରଣକୁ ନେଉଛନ୍ତି ଓ ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛି। ଫେଡେରାଲ କନ୍‌ଷ୍ଟିଚୁସନାଲ କୋର୍ଟ (ଏଫ୍‌ସିସି) ସୁପ୍ରିମକୋର୍ଟଙ୍କୁ ଦେଶର ଦେଶର ସବୁଠୁ ଉଚ୍ଚତମ ନ୍ୟାୟଳୟ ପଦରୁ ହଟାଇ ଦେଇଛି ବୋଲି ଇସ୍ତଫା ଦେଇଥିବା ଜଜ୍‌ମାନେ କହିଛନ୍ତି।

## ବିହାର ନିର୍ବାଚନରେ ବଣ୍ଟା ହୋଇଛି ବିଶ୍ୱ ବ୍ୟାଙ୍କ ଋଣ: ପ୍ରଶାନ୍ତ କିଶୋର

**ପାଟନା, ୧୬।୧୧ (ଏଜେନ୍ସି):** ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ଜନସୁରାଜ ପାର୍ଟି ପକ୍ଷରୁ ବଡ଼ ଅଭିଯୋଗ କରାଯାଇଛି। ବିଶ୍ୱ ବ୍ୟାଙ୍କ ଦେଇଥିବା ୧୪ ହଜାର କୋଟି ଟଙ୍କାର ଋଣକୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ସରକାର ବିଧାନସଭା ନିର୍ବାଚନରେ ଖର୍ଚ୍ଚ କରିଥିବା କୁହାଯାଇଛି। ନିର୍ବାଚନରେ ଗୋଟିଏ ହେଲେ ବି ଆସନ ଜିତିପାରି ନ ଥିବା ଜନସୁରାଜ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି କୁହାଯାଇଛି ଯେ ଋଣ ଅର୍ଥକୁ ମାଗଣା ବାଣ୍ଟିବା ପାଇଁ ବ୍ୟବହାର କରାଯାଇଥିଲା। ଗତ ଜୁନ୍ ମାସରୁ ନିର୍ବାଚନ ଘୋଷଣା ହେବା ପର୍ଯ୍ୟନ୍ତ ୪୦ ହଜାର କୋଟି ଟଙ୍କା ବଣ୍ଟା ଯାଇଛି। ଏହି ଟଙ୍କା ବ୍ୟବହାର କରି ନୀତୀଶ କୁମାରଙ୍କ ସରକାର ଭୋଟ କିଣିଛନ୍ତି। ଲୋକଙ୍କ ଟଙ୍କାରେ ଭୋଟ କିଣାଯାଇଛି। ଏହି ପରିମାଣ କଳ୍ପନାଠାରୁ ବାହାରେ ଥିଲା। ବିଶ୍ୱ ବ୍ୟାଙ୍କ ଦେଇଥିବା ୧୪ ହଜାର କୋଟି ଟଙ୍କାର ଋଣକୁ ବି ଛଡ଼ା ଯାଇ ନ ଥିଲା। ଠିକ୍ ନିର୍ବାଚନ ପୂର୍ବରୁ ଏହି ଅର୍ଥରେ ମହିଳାଙ୍କ ବ୍ୟାଙ୍କ ଖାତାକୁ ୧୦ ହଜାର ଟଙ୍କା ଲେଖାଏଁ ଦିଆ ଯାଇଥିଲା।

- ୧୪୦୦୦ କୋଟି ଟଙ୍କା ମିଳିଥିଲା: ଏହି ଟଙ୍କା ମହିଳାଙ୍କୁ ଦିଆଯାଇଥିଲା
- ମତଦାନର ପୂର୍ବ ଦିନ ପର୍ଯ୍ୟନ୍ତ ମହିଳାଙ୍କ ଖାତାକୁ ଯାଉଥିଲା ଟଙ୍କା



ଜନସୁରାଜର ଜାତୀୟ ଅଧ୍ୟକ୍ଷ ଉଦୟ ସିଂହ କହିଥିଲେ ଯେ ପ୍ରଥମ ଥର ପାଇଁ ବିହାରରେ ମତଦାନ ହେବାର ଦିନେ ପୂର୍ବରୁ ବି ମହିଳାଙ୍କ ଖାତାକୁ ଟଙ୍କା ଯାଇଥିଲା। ନିର୍ବାଚନ ଆଚରଣ ବିଧି ଲାଗିଥିବା ସତ୍ତ୍ୱେ ଏପରି କରାଯାଇଥିଲା। ଅତି କଷ୍ଟରେ ଜୀବନଯାପନ କରୁଥିବା ମହିଳାଙ୍କ ଭୋଟ ହାତେଇବା ପାଇଁ ଏହି ଟଙ୍କା ଯଥେଷ୍ଟ ଥିଲା। ଯଦି ଲୋକଙ୍କ ଟଙ୍କାକୁ ଭୋଟ କିଣିବା ପାଇଁ ବ୍ୟବହାର କରାଯାଇ ନ ଥାଆନ୍ତା ତେବେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପୁଣି କ୍ଷମତାକୁ ଆସି ନ ଥାଆନ୍ତା। ଜନସୁରାଜ ବୃଦ୍ଧବୃଦ୍ଧାଙ୍କୁ ମାସକୁ ୨ ହଜାର ଟଙ୍କା ଭତ୍ତା ଦେବାକୁ ଘୋଷଣା କରିଥିଲା। କିନ୍ତୁ ପରେ ବିଜେପି ଏହାକୁ ୭୦୦ରୁ ବଢ଼ାଇ ୧୧୦୦ କରିଦେଲା।

ଜନସୁରାଜ ନେତା ପବନ ବର୍ମା କହିଛନ୍ତି ଯେ ଏବେ ବିହାର ଉପରେ ୪, ୦୬, ୦୦୦ କୋଟି ଟଙ୍କାର ଋଣ ରହିଛି। ଏଥିପାଇଁ ଦିନକୁ ୬୩ କୋଟି ଟଙ୍କାର ସୁଧ ଦିଆଯାଉଛି। ଟ୍ରେଜେରି ଖାଲି ଥିବାବେଳେ ମହିଳାଙ୍କୁ ୧୦ ହଜାର ଲେଖାଏଁ ଦିଆଯାଉଛି। ବିଶ୍ୱ ବ୍ୟାଙ୍କ ଦେଇଥିବା ୨୧ ହଜାର କୋଟିର ଋଣରୁ ୧୪ ହଜାର କୋଟି ନେଇ ୧.୨୫ କୋଟି ମହିଳାଙ୍କୁ ଟଙ୍କା ଦିଆଯାଇଛି। ଏହା ଅନୁଚିତ ବୋଲି ସେ କହିଛନ୍ତି। ଏହା ସହିତ ନିର୍ବାଚନ କମିଶନଙ୍କ ନିରବତାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି।

## ମେକ୍ସିକୋରେ ମାତିଲେ ଜେନ୍ ଜେଡ୍

**ମେକ୍ସିକୋ, ୧୬।୧୧ (ଏଜେନ୍ସି):** ଶ୍ରୀଲଙ୍କା, ବାଂଲାଦେଶ, ନେପାଳ ପରେ ଏବେ ଆଉ ଏକ ଦେଶରେ ଜେନ୍-ଜେଡ୍ ଆନ୍ଦୋଳନ ଆରମ୍ଭ ହୋଇଛି। ମେକ୍ସିକୋରେ ଶନିବାର ହଜାର ହଜାର ଯୁବଗୋଷ୍ଠୀ ସରକାରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ବର୍ଦ୍ଧିତ ଅପରାଧ, ଦୁର୍ନୀତି, ହିଂସା, ସାର୍ବଜନୀନ ହତ୍ୟା ଏବଂ ସୁରକ୍ଷା ବ୍ୟବସ୍ଥା ଭୁଶୁଡ଼ିଯିବାକୁ ନେଇ ଜେନ-ଜେଡ୍ ଉଗ୍ର ବିକ୍ଷୋଭ କରିଛନ୍ତି। ସାର୍ବଜନୀନ ସ୍ଥାନରେ ମେୟରଙ୍କୁ ହତ୍ୟା ପରେ ଏହା ଉଗ୍ର ହୋଇ ଉଠିଥିଲା। ପଶ୍ଚିମ ରାଜ୍ୟର ମିଚୋଆକେନରେ ନଭେମ୍ବର ୧ରେ ଅରୁଅପନର ମେୟର କାର୍ଲୋସ ମଞ୍ଜୋଙ୍କୁ ଏକ କାର୍ଯ୍ୟକ୍ରମରେ ଗୁଳି କରି ହତ୍ୟା କରାଯାଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜେନ୍-ଜେଡ୍ ଗୋଷ୍ଠୀ ରାଷ୍ଟ୍ରପତିଙ୍କ ସରକାରୀ ବାସଭବନର କାନ୍ଥ ଭାଙ୍ଗି ଦେଇଛି। ବିକ୍ଷୋଭକାରୀ ପୁଲିସ ଉପରକୁ ପଥର, ହାତୁଡି, ବାଣ, ଠେଙ୍ଗାବାଡ଼ି ଏବଂ ଶିକୁଳିରେ ଆକ୍ରମଣ କରିଛନ୍ତି। ଏହାକୁ ରୋକିବା ପାଇଁ ପୁଲିସ ଲୁହବୁହା ଗ୍ୟାସ୍ ମାଡ଼ କରିଛି। ଏଥିରେ ୧୦୦ ପୁଲିସ ଅଧିକାରୀଙ୍କ ସମେତ ୧୨୦ ଜଣ ଆହତ ହୋଇଛନ୍ତି। ଏହି ମାମଲାରେ ୨୦ ଜଣଙ୍କୁ ଗିରଫ କରାଯାଇଛି।

- ମେୟରଙ୍କ ମୃତ୍ୟୁକୁ ନେଇ କ୍ଷୁବ୍ଧ ଯୁବଗୋଷ୍ଠୀ
- ରାଷ୍ଟ୍ରପତି ଭବନର କାନ୍ଥ ଭାଙ୍ଗିଦେଲେ
- ପୁଲିସ ଉପରେ ହାତୁଡି, ଠେଙ୍ଗାରେ ଆକ୍ରମଣ

ଚଳିତ ବର୍ଷ ଅନେକ ଦେଶରେ ଯୁବ ଗୋଷ୍ଠୀ ଆନ୍ଦୋଳନ କଲେଣି। ଅସମାନତା, ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସ, ଦୁର୍ନୀତି ବିରୋଧରେ ଯୁବଗୋଷ୍ଠୀ ରାସ୍ତାକୁ ଓହ୍ଲାଇଛନ୍ତି। ଗତ ସେପ୍ଟେମ୍ବରରେ ଜେନ୍-ଜେଡ୍ ଗୋଷ୍ଠୀ ନେପାଳ ସରକାରକୁ ଭୁଶୁଡ଼ାଇ ଦେଇଥିଲେ। ଏବେ ଦୁର୍ନୀତି ଏବଂ ଅପରାଧକୁ ନେଇ ଚିନ୍ତିତ ମେକ୍ସିକୋ ଯୁବୋ ଗୋଷ୍ଠୀ ରାସ୍ତାକୁ ବାହାରିଛନ୍ତି। ୨୯ ବର୍ଷୀୟ ବ୍ୟବସାୟିକ କନସୋଲଟାଣ୍ଟ ଆଣ୍ଡ୍ରେସ ମାସା କହିଛନ୍ତି ଯେ ଆମକୁ ଅଧିକ ସୁରକ୍ଷା ଦରକାର। କେବଳ ଯୁବ ଗୋଷ୍ଠୀ ନୁହେଁ, ବୟସ୍କ ଏବଂ ୪୦ରୁ ୫୦ ବର୍ଷୀୟ ବ୍ୟକ୍ତି ମଧ୍ୟ ଆନ୍ଦୋଳନରେ ସାମିଲ ଅଛନ୍ତି। ଅନ୍ୟ ଜଣେ ଆନ୍ଦୋଳନକାରୀ ୪୩ ବର୍ଷୀୟ ଡାକ୍ତର ଏରିଜବେଥ ଗାର୍ସିଆ କହିଛନ୍ତି ଯେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ପାଇଁ ଆମେ ଅଧିକ ପାଣ୍ଠି ଚାହୁଁଛୁ। କିନ୍ତୁ ସୁରକ୍ଷା ସବୁଠୁ ବଡ଼ ସମସ୍ୟା ହୋଇ ରହିଛି। ଏବେ ଡାକ୍ତର ବି ଅସୁରକ୍ଷିତ। ଏଠାରେ ଅନେକ ଲୋକଙ୍କ ଜୀବନ ଯାଉଛି।

କିଛିଦିନ ହେଲା ମେକ୍ସିକୋରେ ଘଟିଥିବା ହାଇପ୍ରୋଫାଇଲ ହତ୍ୟାକାଣ୍ଡକୁ ନେଇ ରାଷ୍ଟ୍ରପତି କ୍ଲାଉଡିଆ ସିନବାମ ଜନତାଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଏହି ବିକ୍ଷୋଭର କିଛି ଦିନ ପୂର୍ବରୁ ଦକ୍ଷିଣପନ୍ଥୀ ବିରୋଧୀ ଦଳ ବିରୋଧରେ ରାଷ୍ଟ୍ରପତି ଗମ୍ଭୀର ଅଭିଯୋଗ ଲଗାଇ ଥିଲେ। ଏହି ଦଳ ଜେନ-ଜେଡ୍‌କୁ ସମର୍ଥନ ଦେଉଛି। ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି ବିକ୍ଷୋଭକୁ ବଡ଼ ଆକାର ଦେବାକୁ ପ୍ରୟାସ କରୁଛନ୍ତି। ଏହି ବିକ୍ଷୋଭରେ ଜାପାନୀ କମିକ୍ସ 'ୱାନ ପିସ'ର ଚରିତ୍ର ଲୁଫି ଯୁବ ଗୋଷ୍ଠୀଙ୍କ ସଙ୍କେତ ପାଲଟିଛି। ଜେନ-ଜେଡ୍ ଗୋଷ୍ଠୀ ହାତରେ ଖପୁରୀ ଚିତ୍ର ଥିବା ଟୋପି ପିନ୍ଧୁଛନ୍ତି। ଏହା ଲୁଫିର ପରିଚୟ ପାଲଟିଛି।

## ଜମ୍ମୁ-କାଶ୍ମୀରରେ କାର୍- ଡମ୍ଫର ଧକ୍କା ୪ ମୃତ; ୫ ଆହତ

**ବଡ଼ଗାଁଓ,୧୬।୧୧(ଏଜେନ୍ସି):** ଜମ୍ମୁ-କାଶ୍ମୀର ବଡ଼ଗାଁଓ ଜିଲ୍ଲାରେ ଶନିବାର ବିଳମ୍ବିତ ରାତିରେ ଏକ ଏସ୍‌ୟୁଭି କାର୍ ଓ ଡମ୍ଫର ଟ୍ରକ୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ୯ ଜଣଙ୍କୁ ହସ୍ପିଟାଲ ନିଆଯାଇଥିଲା। ଏମାନଙ୍କ ମଧ୍ୟରୁ ୪ ଜଣଙ୍କୁ ମୃତ ଘୋଷିତ କରାଯାଇଥିଲା ବୋଲି ପୁଲିସ କହିଛି। ଦୁର୍ଘଟଣା ବଡ଼ଗାଁଓର ରିଙ୍ଗରୋଡ୍‌ରେ ଘଟିଥିଲା। ସୂଚନା ମିଳିବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପୁଲିସ ଏହି ଘଟଣାରେ ମାମଲା ରୁଜୁ କରିଛି। ଦୁର୍ଘଟଣା ପାଇଁ ଜମ୍ମୁ-କଶ୍ମୀର ମୁଖମନ୍ତ୍ରୀ ଉମର ଅବଦୁଲ୍ଲା ଦୁଃଖ ପ୍ରକାଶ କରିଛନ୍ତି। ପୀଡିତଙ୍କ ସବୁ ପ୍ରକାର ସହାୟତା ପ୍ରଦାନ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣାର କାରଣ ଜାଣିବା ପାଇଁ ସେ ଠିକ୍ ଭାବେ ଯାଞ୍ଚ୍ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

## ଫାରୁକ୍ ଅବଦୁଲ୍ଲା-ଶଶୀ ଥରୁର ମୁହାଁମୁହିଁ

**ନୂଆଦିଲ୍ଲୀ, ୧୬।୧୧ (ଏଜେନ୍ସି):** କଂଗ୍ରେସ ସାଂସଦ ଶଶୀ ଥରୁର ବଡ଼ ଟିପ୍ପଣୀ ଦେଇଛନ୍ତି। ସେ ରବିବାର କହିଛନ୍ତି ଯେ ଆତଙ୍କବାଦ ୧୯୮୦-୯୦ରେ କଶ୍ମୀରରେ ଆରମ୍ଭ ହୋଇଥିଲା। ଏହା ଧିରେ ଧିରେ ମୁମ୍ବଇ, ପୁନେ, ଦିଲ୍ଲୀ ପର୍ଯ୍ୟନ୍ତ ବ୍ୟାପିଗଲା। ଗତ ୩୦ ବର୍ଷ ହେଲା ଭାରତ ଆତଙ୍କବାଦ ସମସ୍ୟାର ମୁକାବିଲା କରୁଛି। ଏବେ ଏହା ଉପରେ କଠୋର ଏବଂ ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ପ୍ରତ୍ୟେକ ଆତଙ୍କବାଦୀ ଘଟଣାରେ ଦୁଇଟ ଦିଗକୁ ଧ୍ୟାନ ଦେବା ଜରୁରୀ। କିଏ ଏହି ଆକ୍ରମଣ କରିଛି ଏବଂ ଯେପରି ପୁଣି ଆକ୍ରମଣ ହେବ ନାହିଁ ତାହାର ବ୍ୟବସ୍ଥା କରିବା ଆବଶ୍ୟକ। ସବୁ ପ୍ରସଙ୍ଗକୁ ଯୁଦ୍ଧ ଏବଂ ଶାନ୍ତିର ଚଷମାରେ ଦେଖିବା ଅନୁଚିତ। ଆତଙ୍କବାଦ ବିରୋଧରେ ଦୃଢ଼ତାର ସହ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। କିନ୍ତୁ ଦେଶର ବିକାଶ ଲକ୍ଷ୍ୟକୁ ମଧ୍ୟ ଅଣଦେଖା କରିବା ଅନୁଚିତ। ଦିଲ୍ଲୀ ବିସ୍ଫୋରଣକୁ ନେଇ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟ ଫାରୁକ ଅବଦୁଲ୍ଲା ଦେଇଥିବା ମନ୍ତବ୍ୟ ପରେ ଥରୁର ଏହି ଟିପ୍ପଣୀ ଦେଇଛନ୍ତି। ଫାରୁକ କହିଥିଲେ ଯେ ପ୍ରତ୍ୟେକ କାଶ୍ମୀରୀ ଉପରେ ଅଙ୍ଗୁଳି ଉଠାଯାଉଛି। କେବେ ଆମକୁ ହିନ୍ଦୁସ୍ତାନୀ ବୋଲି ମାନିବେ? ଏହି ସମୟ କେବେ ଆସିବ? ଆମ ଏଥିପାଇଁ ଦାୟୀ ନୁହେଁ। ଯିଏ ଦାୟୀଙ୍କୁ ତାଙ୍କୁ ପ୍ରଶ୍ନ କରାଯାଉ। ଡାକ୍ତରମାନଙ୍କୁ ଏହି ରାସ୍ତା କାହିଁକି ଆପଣାଇବାକୁ ପଡ଼ିଲା ପଚରାଯାଉ। ଏହାର ଗଭୀର ଯାଞ୍ଚ ଏବଂ ଅଧ୍ୟୟନ ଜରୁରୀ। ଫାରୁକ ପୁଣି ପାକିସ୍ତାନ ସହ ସମ୍ପର୍କ ସୁଧାରିବାକୁ ପରାମର୍ଶ ଦେଇଛନ୍ତି। ପଡ଼ୋଶୀ ସହ ଭଲ ସମ୍ପର୍କ ରହିଲେ ଭଲରେ ରହିବେ, ନଚେତ ବିକାଶ ଅଟକି ଯିବ। ସେହିପରି 'ଅପରେସନ ସିନ୍ଦୂର'ର କୌଣସି ପ୍ରଭାବ ପଡ଼ି ନାହିଁ ବୋଲି ସେ କହିଛନ୍ତି।

## ମଧ୍ୟପ୍ରଦେଶ, ରାଜସ୍ଥାନରେ ଭୟଙ୍କର ଦୁର୍ଘଟଣା, ଗଲା ୧୧ ଜୀବନ

**ନୂଆଦିଲ୍ଲୀ, ୧୬।୧୧ (ଏଜେନ୍ସି):** ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ରବିବାର ସକାଳେ ଦୁଇ ଦୁଇଟି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୧୧ ଜଣ ପ୍ରାଣ ହରାଇଥିବାବେଳେ ୧୨ ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ମଧ୍ୟପ୍ରଦେଶ ଗ୍ୱାଲିୟର-ଝାନ୍‌ସୀ ରାସ୍ତାରେ ଆଜି ବଡ଼ି ଭୋରରେ ଦ୍ରୁତଗତିରେ ଆସୁଥିବା ଏକ ଫର୍ଚ୍ୟୁନର କାର୍ ବାଲି ନେଇ ଆସୁଥିବା ଟ୍ରାକ୍ଟର-ଟ୍ରଲିକୁ ପଛ ପଟୁ ଧକ୍କା ଦେଇଥିଲା। ଏହା ଏତେ ଭୟାବହ ଥିଲା ଯେ ଘଟଣାସ୍ଥଳରେ ଫର୍ଚ୍ୟୁନରରେ ଯାତ୍ରା କରୁଥିବା ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହା ଟ୍ରଲିର ତଳେ ପଶି ଯାଇଥିଲା। ତେଣୁ କୌଣସି ଯାତ୍ରୀଙ୍କ ଜୀବନ ବଞ୍ଚି ପାରି ନ ଥିଲା। ଗାଡ଼ିକୁ କଟରରେ କାଟି ମୃତଦେହ ବାହାର କରାଯାଇଥିଲା। ସମସ୍ତ ମୃତକ ଗ୍ୱାଲିୟରର ବାସିନ୍ଦା। ଫର୍ଚ୍ୟୁନରଟି ଉତ୍ତର ପ୍ରଦେଶର ଝାନ୍‌ସୀର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ଗ୍ୱାଲିୟର ଫେରୁଥିଲା। ରାସ୍ତାର ଏକ ବୁଲାଣିରେ ଏହା ନିୟନ୍ତ୍ରଣ ହରାଇ ଥିଲା। ଅନ୍ୟପକ୍ଷରେ ରାଜସ୍ଥାନର ଯୋଧପୁର-ଜୈସାଲମେର ଏନ୍‌ଏଚରେ ଏକ୍ ମିଳେଟ ବୋଝେଇ ଟ୍ରକ ବିପରୀତ ଦିଗରୁ ଆସି ଟେମ୍ପୋକୁ ଧକ୍କା ଦେଇଛି।

- ଗ୍ୱାଲିୟରରେ ଟ୍ରଲିରେ ପଶିଲା ଫର୍ଚ୍ୟୁନର; ୫ ମୃତ
- ରାଜସ୍ଥାନରେ ଟେମ୍ପୋକୁ ଧକ୍କାଦେଲା ଟ୍ରକ; ୬ ମୃତ

## ଆତ୍ମଘାତୀ ଖୋଜୁଥିଲେ ଆତଙ୍କବାଦୀ

**ନୂଆଦିଲ୍ଲୀ, ୧୬।୧୧ (ଏଜେନ୍ସି):** ଆତଙ୍କବାଦୀ ଡ. ଉମର ନବି ସହ ସମ୍ପର୍କରେ ରଖିଥିବା କିଛି ଲୋକଙ୍କୁ ଜମ୍ମୁ-କଶ୍ମୀର ପୁଲିସ ଗିରଫ କରିଛି। ସେମାନେ କହିଛନ୍ତି ଯେ ଏହି ଡାକ୍ତରମାନେ ଗତ ବର୍ଷ ଜଣେ ଆତ୍ମଘାତୀ ଖୋଜୁଥିଲେ। ଡ.ଉମରକୁ ଏହି ଦାୟିତ୍ୱ ଦିଆଯାଇଥିଲା। ସେ ୨୦୨୩ ଅକ୍ଟୋବରରେ କାଜିଗୁଣ୍ଡର ଜସିର ଓରଫ ଦାନିଶ ସହ ଯୋଗାଯୋଗ କରିଥିଲା। ପରେ ତାକୁ ଫରିଦାବାଦର ଅଲ-ଫଲାହ ବିଶ୍ୱବିଦ୍ୟାଳୟକୁ ଅଣା ଯାଇଥିଲା। ଏଠାରେ ଭଡ଼ା ଘରେ ତାକୁ ରଖା ଯାଇଥିଲା। ସେ ଓଭରଗ୍ରାଉଣ୍ଡ ୱାର୍କର ହେଉ ବୋଲି ସମସ୍ତେ ଚାହୁଁଥିଲେ। ଏଥିପାଇଁ ଉମର ଅନେକ ମାସ ପର୍ଯ୍ୟନ୍ତ ତାର ମାଇଣ୍ଡ ୱାସ କରିଥିଲା। ଆତ୍ମଘାତୀ ପାଇଁ ରାଜି କରାଇବାକୁ ଚାହିଁଥିଲା। କିନ୍ତୁ ଘରର ଆର୍ଥିକ ସ୍ଥିତି ଖରାପ ଥିବାରୁ ଏବଂ ଇସ୍‌ଲାମରେ ଆତ୍ମହତ୍ୟା ହାରାମ କହି ଦାନିଶ ଆତ୍ମଘାତୀ ହେବାକୁ ମନା କରିଦେଇଥିଲା। ଲାଲକିଲ୍ଲା ବିସ୍ଫୋରଣର ଅନ୍ୟତମ ଅଭିଯୁକ୍ତ ଡ. ସାହିନ ସୈୟିଦକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ସେ ୧୦ ବର୍ଷ ହେଲା ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ (ଜେଇଏମ) ସହ ଜଡ଼ିତ ଥିଲା। ଏନ୍‌ଆଇଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ସାହିନ ୨୦୧୫ରେ ଜୈସରେ ସାମିଲ ହୋଇଥିଲା। ୨୦୨୧ରେ ସାହିନ ଚାକିରି ଛାଡ଼ିବାରୁ ସ୍ୱାମୀ ଅଟକାଇ ଥିଲେ। ଏହାର ଉତ୍ତରରେ ସେ କହିଥିଲା ଯେ ପରିବାର ଏବଂ ଚାକିରିରେ କିଛି ନାହିଁ। ନିଜ ପାଇଁ ବହୁତ ଜିଇଁଲି। ଏବେ ନିଜ ସମ୍ପ୍ରଦାୟର ଲୋକଙ୍କ ଋଣ ସୁଝିବାର ସମୟ ଆସିଛି। ସେହିପରି ଆତଙ୍କବାଦୀ ଡାକ୍ତର ଉମର, ମୁଜାମ୍ମିଲ ଏବଂ ସାହିନକୁ ମିଳିଥିବା ୨୦ ଲକ୍ଷ ଟଙ୍କାର 'ଫଣ୍ଡି ଟ୍ରେଲ' ଉପରୁ ଗୁଇନ୍ଦା ଏଜେନ୍ସି ଗୁଡ଼ିକ ପରଦା ଉଠାଇଛନ୍ତି। ଜୈସର ଆତଙ୍କବାଦୀ ହାୱାଲା ମାଧ୍ୟମରେ ଏହି ଟଙ୍କା ପଠାଇ ଥିବା ଜଣାପଡ଼ିଛି।

- ୧୦ ବର୍ଷ ହେଲା ଜୈସ ସହ ସାହିନ୍‌ର ସଂପର୍କ
- ଋଣ ସୁଝିବା ପାଇଁ ଛାଡ଼ିଥିଲା ଚାକିରି
- ହୱାଲା ମାଧ୍ୟମରେ ମିଳିଥିଲା ୨୦ ଲକ୍ଷ

### ଦିଲ୍ଲୀ ବୋମା ବିସ୍ଫୋରଣ

## ସ୍କାନରରେ ୨୦୦ ସନ୍ଦିଗ୍ଧ, ଧରାପଡ଼ିଲେଣି ୬୦

**ଫରିଦାବାଦ, ୧୬।୧୧ (ଏଜେନ୍ସି):** ଦିଲ୍ଲୀ ବିସ୍ଫୋରଣର ତଦନ୍ତ ପରିସର ବଢ଼ିବା ପରେ ବିଚଳିତ କରିବା ଭଳି ଘଟଣା ସାମ୍ନାକୁ ଆସିବାରେ ଲାଗିଛି। ଏବେ ଯାଞ୍ଚ ଏଜେନ୍ସି ଫରିଦାବାଦର ଅଲ-ଫଲାହ ୟୁନିଭର୍ସିଟର ଡ. ମୁଜାମିଲ ଏବଂ ମହିଳା ଡାକ୍ତର ସାହିନର ମୋବାଇଲ କଲ୍ ରେକର୍ଡ ଏବଂ ଡିଜିଟାଲ ଟ୍ରାନ୍ସଫର ପେମେଣ୍ଟକୁ ନେଇ ବିସ୍ମୟକର ତଥ୍ୟ ଆସିଛି। ଏହି ଆତଙ୍କବାଦୀମାନେ ନିଜ ଯୋଜନାରେ ସଫଳତା ପାଇବା ପାଇଁ ସହାୟତା ନାମରେ ଅନେକଙ୍କୁ ଟଙ୍କା ବାଣ୍ଟି ଥିଲେ। ଫରିଦାବାଦର ଧୌଜ, ଫତେହପୁର ତଗା ଗାଁ ଏବଂ ନୁହ ଜିଲ୍ଲା ଏହି ଷଡ଼ଯନ୍ତ୍ରର କେନ୍ଦ୍ର ଥିଲା। ଏହି 'ହ୍ୱାଇଟ-କଲାର ଟେରର ମଡ୍ୟୁଲୋ' ସହ ପ୍ରାୟ ୨୦୦ ଜଣ ସାମିଲ ଥିଲେ। ଏଥିରୁ ପ୍ରାୟ ୬୦ ଜଣଙ୍କୁ ଏନ୍‌ଆଇଏ ଏବଂ ପୁଲିସ ଗିରଫ କଲାଣି। ୪୦ ମୋବାଇଲ ମଧ୍ୟ ଜବତ କରାଯାଇଛି। ଏଥିରୁ ଅନେକ ଫୋନରେ ଥିବା ଏନ୍‌କ୍ରିପଟେଡ ଆପ୍ ସନ୍ଦେହଜନକ ଗୋଷ୍ଠୀରେ ସାମିଲ ରହିଛି। ଅଲଗା ଅଲଗା ଯାଞ୍ଚ ଟିମ୍ ଗଠନ କରି ମାମଲାର ତଦନ୍ତ କରାଯାଉଛି।

- ସହାୟତା ନାମରେ ଟଙ୍କା ବାଣ୍ଟିଥିଲେ ମୁଜାମିଲ୍, ସାହିନ
- ବିସ୍ଫୋରଣ ସ୍ଥଳରୁ ମିଳିଲା ନିଷିଦ୍ଧ ୯ ଏମ୍‌ଏମ୍ କ୍ୟାଟ୍ରିଜ୍

ଅଲ-ଫଲାହ ବିଶ୍ୱବିଦ୍ୟାଳୟର ୧୭, ୧୩ ଏବଂ ୩୨ ନମ୍ବର ପ୍ରକୋଷ୍ଠରେ ଗୁପ୍ତ ବୈଠକ ହେଉଥିଲା। ଏଠାରୁ ଜବତ ଡାଏରୀରେ ୨୫-୩୦ ନାମ ରହିଛି। ଗତ ୮-୧୨ ତାରିଖ ମଧ୍ୟରେ ହୋଇଥିବା ଯୋଜନାର ନୋଟ୍ ମିଳିଛି। ସୂଚନା ଅନୁଯାୟୀ ଡ. ମୁଜାମିଲ ଅନେକ ଲୋକଙ୍କୁ ଆର୍ଥିକ ସହାୟତା ଦେଇ ଫସାଇ ଥିଲା। ମୌଲବୀଙ୍କ ଜମିରେ କ୍ୟାମ୍ପ ପାଇଁ ୩୫ ହଜାର ଟଙ୍କା ଦିଆଯାଇଥିଲା। ସେହିପରି ବାପାଙ୍କ ଚିକିତ୍ସା ପାଇଁ ୫୦ ହଜାର ଟଙ୍କା ନେଇଥିବା କଶ୍ମୀର ଯୁବକ ପରେ ଆଇଇଡି ଆସେମ୍ବ୍ଲିଂରେ ସହାୟତା କରିଥିଲା। ଏହା ବ୍ୟତୀତ ଜଣେ ଏମ୍‌ବିବିଏସ ଛାତ୍ର ଭାଇ ବାହାଘର ପାଇଁ ଲକ୍ଷେ ଟଙ୍କା ନେଇ ଆତଙ୍କର ରାସ୍ତାରେ ଚାଲିଥିଲା।



ଅନ୍ୟପକ୍ଷରେ ରାଜସ୍ଥାନ ସାଞ୍ଚୌରର ମୌଲବୀ ଓସାମା ଉମର ଆତଙ୍କବାଦୀ ସଂଗଠନ ତେହରିକ-ଇ-ତାଲିବାନ (ଟିଟିପି) ପାଇଁ ସ୍ଲିପର ସେଲ୍ ପ୍ରସ୍ତୁତ କରିଥିଲା। ସେ ଯୁବ ଗୋଷ୍ଠୀଙ୍କୁ ଜିହାଦୀ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲା। ଏହି ମୌଲବୀକୁ ଗିରଫ କରାଯାଇଛି। ତା ଫୋନରୁ ୩ ଲକ୍ଷରୁ ଅଧିକ ଆପତ୍ତିଜନକ ଭୋଟ ମିଳିଛି। ସେ ଆଫଗାନିସ୍ତାନ ଯାଇ ପ୍ରଶିକ୍ଷଣ ନେବାକୁ ମଧ୍ୟ ପ୍ରସ୍ତୁତ ହେଉଥିଲା। ଏହା ମଧ୍ୟରେ ଦିଲ୍ଲୀ ବିସ୍ଫୋରଣ ସ୍ଥଳରୁ ନାଗରିକଙ୍କ ବ୍ୟବହାର ପାଇଁ ନିଷିଦ୍ଧ ୯ ଏମଏମ ବୁଲେଟ ଜବତ କରାଯାଇଛି। ସେହିପରି ବିସ୍ଫୋରଣ ପୂର୍ବରୁ ଆତଙ୍କବାଦୀ ଡ. ଉମର ନବି ନୁହର ଏକ ଭଡ଼ାଘରେ ରହିଥିଲା। ଏହାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ସେ ବିସ୍ଫୋରଣର ୧୮ ଘଣ୍ଟା ପୂର୍ବରୁ କାର୍ ନେଇ ଏଟିଏମକୁ ଟଙ୍କା ଉଠାଇବାକୁ ଯାଇଥିବା ଦେଖାଯାଉଛି।




ଭାରତ ଏ'କୁ ଜିତାଇଲେ ଗାଏକୱାଡ

▶କ୍ରୀଡ଼ା ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-141 ♦MONDAY ♦17 NOVEMBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୪୧ ♦ସୋମବାର ♦୧୭ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


ଲାଲ୍‌କିଲ୍ଲା କାର୍ ବିସ୍ଫୋରଣ

## ଧରାପଡ଼ିଲା ଉମର୍ ସହଯୋଗୀ

■ **ନୂଆଦିଲ୍ଲୀ,୧୬ ।୧୧(ଏଜେନ୍ସି):** ଦିଲ୍ଲୀ ଲାଲ୍‌କିଲ୍ଲା ବିସ୍ଫୋରଣ ମାମଲାରେ ନ୍ୟାସନାଲ ଇନ୍‌ଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) ଆଉ ଜଣେ ସଂଦିଗ୍ଧଙ୍କୁ ଗିରଫ କରିଛି । ବିସ୍ଫୋରଣର ୬ ଦିନ ପରେ ଆତ୍ମଘାତୀ ଆକ୍ରମଣକାରୀ ଉମର ନବୀର ଜଣେ ସହଯୋଗୀ ଆମୀର ରସିଦ ଅଲିକୁ ଗିରଫ କରାଯାଇଛି । ଆମୀର ଜମ୍ମୁ-କଶ୍ମୀରର ପାମ୍ପୋରର ବାସନ୍ଦା । ବିସ୍ଫୋରଣ ପାଇଁ ଉମର ସହ ମିଶି ଆମୀର ଷଡ଼ଯନ୍ତ୍ର କରିଥିଲା । ବିସ୍ଫୋରଣ ପାଇଁ ବ୍ୟବହୃତ ହୋଇଥିବା କାର୍‌ର ମାଲିକ ହେଉଛି ରସିଦ । ବିସ୍ଫୋରଣ ପାଇଁ ସେ ହିଁ କାର କିଣି ଉମରକୁ ଦେଇଥିଲା । ସେ ଫରିଦାବାଦ୍‌ରୁ ଏହି କାର୍ କଣିଥିଲା ବୋଲି ଏନ୍‌ଆଇଏ ତରଫରୁ କୁହାଯାଇଛି । ଅନ୍ୟ ସଂଦିଗ୍ଧଙ୍କୁ ଗିରଫ କରିବା ପାଇଁ ଏନ୍‌ଆଇଏ ଚଢ଼ାଉ ଜାରି ରଖିଛି । ସେହିପରି ପୁଲିସ ନୁହ ସହରରୁ ଆଉ ଦୁଇଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ରିଜୱାନ ଓ ସୋଏବ । ଆତଙ୍କବାଦୀ ମାମଲାରେ ଦୁହେଁ ପାଣ୍ଠି ଯୋଗାଡ଼ କରିଥିବାର ଅଭିଯୋଗ ହୋଇଛି ।



**ଆଉ ଜଣେ ମହିଳା ଡାକ୍ତର ଗିରଫ**

ଏନ୍‌ଆଇଏ ପକ୍ଷରୁ କୁହାଯାଇଛି ଯେ ଦିଲ୍ଲୀ ବିସ୍ଫୋରଣ ଥିଲା ଆତ୍ମଘାତୀ ବିସ୍ଫୋରଣ । ଆଉ ଏକ ଉଲ୍ଲେଖନୀୟ ଘଟଣାକ୍ରମେ ପୁଲିସ୍ ଏହି ମାମଲାରେ ଜମ୍ମୁ-କଶ୍ମୀରର ଅନନ୍ତ ନାଗରେ ଚଢ଼ାଉ କରି ଜଣେ ମହିଳା ଡାକ୍ତରଙ୍କୁ ଗିରଫ କରିଛି । ସେ ହେଉଛନ୍ତି ହରିୟାଣାର ପ୍ରିୟଙ୍କା ଶର୍ମା । ସେ ଅନନ୍ତନାଗର ମଲକନାଗ ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିଲେ । ବିସ୍ଫୋରଣରେ ସେ ଜଡିତ ଥିବା ପୁଲିସ ସନ୍ଦେହ କରୁଛି ।

ସାରା ରାଜ୍ୟରେ ଶୀତ ଲହରୀ

## ୫ ଡିଗ୍ରୀକୁ ଖସିଲା ପାରଦ

■ **ଭୁବନେଶ୍ୱର, ୧୬।୧୧ (ସମିସ):** ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ଶୀତ ଜାରି ରହିଛି । କ୍ରମାଗତ ଭାବେ ରାଜ୍ୟକୁ ଆସୁଥିବା ଥଣ୍ଡା ଓ ଶୁଷ୍କ ପବନ ତାପମାତ୍ରା ହ୍ରାସରେ ସହାୟକ ହେଉଥିବା ବେଳେ ଥଣ୍ଡା ବଢ଼ି ଚାଲିଛି । ଯାହାଫଳରେ ଚଳିତ ବର୍ଷ ରାଜ୍ୟରେ ପ୍ରଥମ ଥର ପାଇଁ ତାପମାତ୍ରା ୫ ଡିଗ୍ରୀକୁ ଖସିଛି । ଗତ ୨୪ ଘଣ୍ଟାରେ ରାଜ୍ୟର ୧୩ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରହିଥିବା ବେଳେ ଜି ଉଦୟଗିରିରେ ତାପମାତ୍ରା ୫.୮ ଡିଗ୍ରୀ ରେକର୍ଡ ହୋଇଛି । ଏହା ବ୍ୟତୀତ ଭୁବନେଶ୍ୱର ଓ କଟକରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୫ ଡିଗ୍ରୀ ତଳକୁ ଖସିଯାଇଥିବା ବେଳେ ଏଠାରେ ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ସୃଷ୍ଟି ହୋଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ରାଜ୍ୟରେ ଜି.ଉଦୟଗିରି ରେ ତାପମାତ୍ରା ୫.୮ ଡ଼ିଗ୍ରୀ ରେକର୍ଡ ହେବା ସହ ଏହା ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି । ସେହିପରି କଟକରେ ତାପମାତ୍ରା ୧୩.୬ ଡିଗ୍ରୀ ରହିଥିବା ବେଳେ ଏଠାରେ ▶ପୃଷ୍ଠା-୭



ଦେଶର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଋଣ ୯୪ ଲକ୍ଷ କୋଟି

# ଋଣ ଚାପରେ ଅର୍ଥନୀତି

■ **ନୂଆଦିଲ୍ଲୀ/ଭୁବନେଶ୍ୱର, ୧୬।୧୧ (ସମିସ):** ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ନିମନ୍ତେ ନିଜସ୍ୱ ରାଜସ୍ୱ ଓ ଅଣରାଜସ୍ୱ ବୃଦ୍ଧି ପରିବର୍ତ୍ତେ ଦେଶର ବିଭିନ୍ନ ରାଜ୍ୟ କେବଳ ଋଣ ଉପରେ ଭରସା କରୁଛନ୍ତି । ଯାହା ଫଳରେ ବିଭିନ୍ନ ରାଜ୍ୟ ଉପରେ ଋଣ ପରିମାଣ ବଢ଼ିବଢ଼ି ଚାଲିଛି ଏବଂ ଚଳିତ ବର୍ଷ ଶେଷ ବେଳକୁ ଏହି ପରିମାଣ ୯୯ ଲକ୍ଷ କୋଟି ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି । ରିଜର୍ଭ ବ୍ୟାଙ୍କର ଏକ ରିପୋର୍ଟ ଅନୁସାରେ ଅକ୍ଟୋବର ୨୦୨୫ ସୁଦ୍ଧା ଦେଶର ବିଭିନ୍ନ ରାଜ୍ୟଗୁଡ଼ିକ ୯୩.୯୩ କୋଟିରେ ପହଞ୍ଚିଛି ଓ ବିଭିନ୍ନ ରାଜ୍ୟଗୁଡ଼ିକ ଆର୍ଥିକ ବର୍ଷରେ ଦେଶ ଦୁଇଟି ତ୍ରୟମାସିକରେ ପ୍ରାୟ ୫ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଋଣ କରିବାକୁ ପ୍ରସ୍ତାବ ଦେଇଛନ୍ତି ।

**ମାର୍ଚ୍ଚ ଶେଷ ବେଳକୁ ରାଜ୍ୟଗୁଡ଼ିକର ଋଣ ହେବ ୯୯ ଲକ୍ଷ କୋଟି ଟଙ୍କା**

**୧୦ ବର୍ଷରେ ରାଜ୍ୟ ସମୂହର ଋଣ ପରିମାଣ ୪ ଗୁଣା ବଢ଼ିଛି**

**୨୦୦୪ରୁ ୨୦୧୪ ମଧ୍ୟରେ ଋଣ ବଢ଼ିଥିଲା ମାତ୍ର ୩ ଗୁଣା**



ରିପୋର୍ଟ ଅନୁସାରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକରେ ଦେଶର ୧୬ଟି ରାଜ୍ୟ ସେମାନଙ୍କ ବାର୍ଷିକ ଋଣରେ ୫୮% ବୃଦ୍ଧି କରିଛନ୍ତି । ଯାହାର ପରିମାଣ ପ୍ରାୟ ୧.୩୬ ଲକ୍ଷ କୋଟି ବୋଲି କୁହାଯାଉଛି । ଋଣ ପରିମାଣ ବୃଦ୍ଧି ଯୋଗୁଁ ସମ୍ପୃକ୍ତ ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ଦୁର୍ବଳ ହେବାରେ ଲାଗିଛି ଏବଂ ରାଜ୍ୟବାସୀଙ୍କ ଉପରେ ଋଣ ବୋଝ ପାଲଟି ଯାଇଛି । କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟଗୁଡ଼ିକୁ ସୁଧମୁକ୍ତ ଋଣ ବାବଦରେ ୩.୬ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରିବା ସତ୍ତ୍ୱେ ନିର୍ବାଚନୀ ପ୍ରତିଶ୍ରୁତି, ମାଗଣା ବଣ୍ଟନ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ରାଜ୍ୟଗୁଡ଼ିକୁ ଅଧିକ ଋଣ କରିବାକୁ ପଡୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜସ୍ୱ ସଂଗ୍ରହ (ପ୍ରତ୍ୟକ୍ଷ ଓ ପରୋକ୍ଷ)ରେ ଅଭିବୃଦ୍ଧି ଘଟୁ ନ ଥିବାର ରାଜ୍ୟଗୁଡ଼ିକ ଋଣ ଉପରେ ନିର୍ଭରଶୀଳ ହେଉଛନ୍ତି ବୋଲି କୁହାଯାଉଛି ।

୨୦୦୪ ମସିହାରେ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଉପରେ ଋଣର ପରିମାଣ ଥିଲା ମାତ୍ର ୮.୮ ଲକ୍ଷ କୋଟି ଟଙ୍କା । ୨୦୧୪ ଜୁନ୍ ମାସ ସୁଦ୍ଧା ଏହା ୨୩.୯୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା । ମାତ୍ର ୨୦୨୮ ଅକ୍ଟୋବର ମାସ ସୁଦ୍ଧା ଏହା ୯୪ ଲକ୍ଷ କୋଟିରେ ପହଞ୍ଚିଛି । ଅର୍ଥାତ୍ ୨୦୧୪ରୁ ୨୦୨୫ ମଧ୍ୟରେ ରାଜ୍ୟଗୁଡ଼ିକ ୭୦ ଲକ୍ଷ କୋଟି ଟଙ୍କା ଋଣ କରିଛନ୍ତି ।

ରାଜ୍ୟଗୁଡ଼ିକର ଜିଏସ୍‌ଡିପି ଓ ଋଣ ଅନୁପାତ ଦୃଷ୍ଟିରୁ ଅରୁଣାଚଳ ପ୍ରଦେଶ, ପଞ୍ଜାବ, ହିମାଚଳ ପ୍ରଦେଶ, ନାଗାଲାଣ୍ଡ ଓ ମେଘାଳୟ ସବୁଠାରୁ ଖରାପ ▶ପୃଷ୍ଠା-୭

# ଛିଡୁନି ବିହାର ଅଡୁଆ

## ବିଳମ୍ବିତ ହୋଇପାରେ ନୂଆ ସରକାର ଗଠନ

■ **ପାଟନା, ୧୬।୧୧ (ଏଜେନ୍ସି):** ବିହାରରେ ନୂଆ ସରକାର କେବେ ଶପଥ ନେବ? ଏସଂପର୍କରେ ବିଜେପି କିମ୍ବା ଜେଡିୟୁ ମୁହଁ ଖୋଲୁ ନାହାନ୍ତି । ତେବେ ଏନ୍‌ଡିଏର ଅନ୍ୟତମ ଅଂଶୀଦାର ଏଲଜେପିର ନେତା ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ କହିଛନ୍ତି ଯେ ଆସନ୍ତା ୨୨ ତାରିଖ ପୂର୍ବରୁ ନୂଆ ମନ୍ତ୍ରିମଣ୍ଡଳ ଶପଥ ନେବ ଏବଂ ଯାହା ଜଣାପଡୁଛି ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ନେଇ ଆଜି ମଧ୍ୟ ସସପେନ୍ସ ରହିଥିଲେ ମଧ୍ୟ ଦୁଇ ଦଳର ନେତା କିଛି କହୁ ନାହାନ୍ତି । ଆଜି ସନ୍ଧ୍ୟାରେ ବିଜେପିର ବରିଷ୍ଠ ନେତା ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇ ଏହା ଉପରେ ବିଚାରବିମର୍ଶ କରାଯାଇଛି । କିନ୍ତୁ କିଛି ସୂଚନା ଦିଆଯାଇ ନାହିଁ ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ପାଇଁ ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ପଦରେ ରହିବେ । ତେବେ ସେ କେତେ ଦିନ ରହିବେ, ସେଥିପାଇଁ ଫର୍ମୁଲା ପ୍ରସ୍ତୁତ କରାଯାଉଛି ।



**ଦିଲ୍ଲୀରେ ଏନ୍‌ଡିଏ ନେତାଙ୍କ ଘନଘନ ବୈଠକ**

**୨୦ ତାରିଖ ସୁଦ୍ଧା ନୂଆ ମନ୍ତ୍ରିମଣ୍ଡଳ ଶପଥ**

**ଆଜି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ନୀତୀଶ**

ନିର୍ବାଚନରେ ଜେଡିୟୁ ଅପେକ୍ଷା ବିଜେପି ଅଧିକ ଆସନ ପାଇଥିବାରୁ ପରବର୍ତ୍ତୀ ସମୟରେ ଏହାର ନେତାଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ । ଏବେ ଯେଉଁ ନୂଆ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିବ, ସେଥିରେ ଜେଡିୟୁ ଅପେକ୍ଷା ବିଜେପିର ଅଧିକ ବିଧାୟକଙ୍କୁ ମନ୍ତ୍ରିପଦ ମିଳିବ । ଏହା ଉପରେ ଅଧିକ ବିଚାରବିମର୍ଶ ଚାଲିଥିବାରୁ ଶପଥ ଗ୍ରହଣରେ ବିଳମ୍ବ ହୋଇପାରେ ବୋଲି କୁହାଯାଉଛି । ତେବେ ନୀତୀଶ କୁମାର ଆସନ୍ତାକାଲି ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ପ୍ରଦାନ କରିବେ । ଏବେ ମୋଟ୍ ୩୩ରୁ ୩୬ ମନ୍ତ୍ରୀ ଶପଥ ଗ୍ରହଣ କରିବେ । ବିଜେପିରୁ ୧୬ ଏବଂ ନୀତୀଶଙ୍କ ଜେଡିୟୁରୁ ୧୪ ଜଣ ମନ୍ତ୍ରୀ ହେବେ । ଚିରାଗ ପାଶ୍ୱାନଙ୍କ ଦଳରୁ ଦୁଇ ଜଣଙ୍କୁ ମନ୍ତ୍ରିପଦ ମିଳିବାର ସମ୍ଭାବନା ରହିଛି । ନୂଆ ମନ୍ତ୍ରିମଣ୍ଡଳରେ ତିନି ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବାର ସମ୍ଭାବନା ରହିଛି । ପାଶ୍ୱାନ ତାଙ୍କ ଦଳରୁ ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୭

ଡିସେମ୍ବର ୧ରୁ ପୁଲିସକୁ ଗାଡ଼ି ଚେକିଂ ପାଇଁ ଅଖଣ୍ଡ କ୍ଷମତା

# ସରକାର-ସଂଘ ମୁହାଁମୁହିଁ

■ **ଭୁବନେଶ୍ୱର,୧୬ ।୧୧(ସମିସ):** ବହୁ ବାଦ ବିବାଦ ଓ ଆନ୍ଦୋଳନ ଚେତାବନୀ ପରେ ମଧ୍ୟ ସରକାର ନିଜ ନିଷ୍ପତ୍ତିରେ ଅଟଳ । ଡିସେମ୍ବର ୧ ତାରିଖରୁ ପୁଲିସକୁ ମିଳିବ ଗାଡ଼ି ଯାଞ୍ଚର ଅଖଣ୍ଡ କ୍ଷମତା । ଏହି କ୍ଷମତା ବଳରେ ପୁଲିସ ବାହିନୀ ପୂର୍ବାପେକ୍ଷା କ୍ଷମତାଶାଳୀ ଓ ଅର୍ଥଶାଳୀ ହେବ । ତେବେ ପୁଲିସକୁ ଗାଡ଼ି ଯାଞ୍ଚ କ୍ଷମତାକୁ ବିରୋଧ କରି ଆସିଥିବା ବସ୍‌ମାଲିକ ଓ ଅନ୍ୟ ଗାଡ଼ି ମାଲିକ ସଂଘ ଖୁବ୍ ଶୀଘ୍ର ଜରୁରୀ ବୈଠକ ଡାକିବେ ବୋଲି ସୂଚନା ମିଳିଛି । ସରକାର ତାଙ୍କ ଆଭିମୁଖ୍ୟ ପରିବର୍ତ୍ତନ ନ କଲେ ଗାଡ଼ି ମାଲିକମାନେ ମଧ୍ୟ ବିକଳ୍ପ ବାଛିପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଯାହାକୁ ନେଇ ସରକାର ଓ ଗାଡ଼ି ମାଲିକ ସଂଘ ମୁହାଁମୁହିଁ ସ୍ଥିତିକୁ ଆସିଛନ୍ତି ।

**ବସ୍ ମାଲିକ ସଂଘର ଆନ୍ଦୋଳନ ଚେତାବନୀ ସତ୍ତ୍ୱେ ପଛକୁ ହଟିଲାନି ବିଭାଗ**

**ଦୁଇଟି ବ୍ୟତୀତ ସବୁ ଉଲ୍ଲଂଘନ ପାଇଁ ଜରିମାନା କରିବ ପୁଲିସ**

ରାଜ୍ୟରେ ବର୍ତ୍ତମାନ ଏମଭି ଆଇନ ୧୯୮୮ ଅନୁଯାୟୀ ପୁଲିସକୁ କିଛି କ୍ଷମତା ପ୍ରଦାନ କରାଯାଇଛି । ଏହି କ୍ଷମତା ବଳରେ ପୁଲିସ ପକ୍ଷରୁ ହେଲ୍‌ମେଟ୍ ଓ ରଙ୍ଗସାଇଡ୍ ଗାଡ଼ି ଚାଳନା, ଟ୍ରିପଲ ରାଇଡର ଓ ସିଟ୍ ବେଲ୍ଟ ନ ବାନ୍ଧିବା ଭଳି ନିୟମ ଉଲ୍ଲଙ୍ଘନ ପାଇଁ ଜରିମାନା ଆଦାୟ କରୁଛି । ମାତ୍ର ଡିସେମ୍ବର ୧ ପୁଲିସକୁ ଏ କ୍ଷେତ୍ରରେ ଅଖଣ୍ଡ କ୍ଷମତା ଦେବା ପାଇଁ ପରିବହନ ବିଭାଗ ନିଷ୍ପତ୍ତି ନେଇଛି । ଅନୁଯାୟୀ ଏମ୍‌ଭି ଆଇନ୍‌ର ଧାରା-୩ର ଉପଧାରା-୧ ଓ କେନ୍ଦ୍ରୀୟ ଏମ୍‌ଭି ଆଇନ୍ ୧୯୪(୧)ରେ ଥିବା କ୍ଷମତାକୁ ବାଦ୍ ଦେଇ ବାକି ସବୁ କ୍ଷେତ୍ରରେ ପୁଲିସକୁ ଜରିମାନା ଆଦାୟ କ୍ଷମତା ଦିଆଯିବାକୁ ନିଷ୍ପତ୍ତି ହୋଇଛି ।

ଯଦିଓ ରାଜ୍ୟରେ ଦୁର୍ଘଟଣା ହ୍ରାସକୁ ଅଟକଳ କରି ବିଭାଗ ଏଭଳି ନିଷ୍ପତ୍ତି ନେବା ପାଇଁ ଯୋଜନା କରୁଛି, ହେଲେ ବିଭାଗର ଏଭଳି ନିଷ୍ପତ୍ତି ପଛରେ କିଛି ଷଡ଼ଯନ୍ତ୍ର ଥିବା ସଡ଼କ ସୁରକ୍ଷା ବିଶେଷଜ୍ଞମାନେ ଗନ୍ଧବାରିଛନ୍ତି । ବରିଷ୍ଠ ଆଇନଜୀବୀ ତଥା ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦ କହିଛନ୍ତି ଯେ ଗୋଟିଏ ଏହାଦ୍ୱାରା ଲୋକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବାର ଆଶଙ୍କା ରହିଛି । ଯାହାକୁ ନେଇ ପୂର୍ବରୁ ମାସାନୀ କମିସନ ଆପତ୍ତି ଉଠାଇବା ସହ ଏଭଳି ନିୟମ କାର୍ଯ୍ୟକାରୀ ନ କରିବାକୁ ସୁପାରିସ୍ କରିଛନ୍ତି । ଅନ୍ୟପଟେ ବର୍ତ୍ତମାନ ପୁଲିସ ନିଜ କ୍ଷମତା ବଳରେ ଯେଉଁ ଜରିମାନା ଅର୍ଥ ଆଦାୟ କରୁଛି, ଏହି ଅର୍ଥକୁ ମାସ ମାସ ଧରି କୋର୍ଟକୁ ପଠାଉନାହିଁ । ମାତ୍ର ପୁଣି ଯେଉଁ ଦଫାଗୁଡ଼ିକରେ ପୁଲିସ କ୍ଷମତା ଦେବାକୁ ଯୋଜନା ହେଉଛି, ସେହି ଦଫାରେ ଜରିମାନାର ପରିମାଣ ବହୁ ଅଧିକ ରହିଥିବାରୁ ଦୁର୍ନୀତି ବଢ଼ିବାର ଆଶଙ୍କା ରହିଛି ବୋଲି ସେ କହିଛନ୍ତି ।

ପୁଲିସକୁ ଗାଡ଼ି ଯାଞ୍ଚ କ୍ଷମତା ପ୍ରଦାନ କରିବା ଲାଗି ପରିବହନ କମିସନର ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବା ପରେ ନିଖିଳ ଓଡିଶା ମିନି ଟ୍ରକ ମାଲିକ ମହାସଂଘ ଓ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା । ରାଜ୍ୟର ଏହି ଦୁଇ ପ୍ରମୁଖ ସଂଘ ଏ ସଂକ୍ରାନ୍ତରେ ନିଷ୍ପତ୍ତିର ପୁନର୍ବିଚାର ପାଇଁ ସରକାରଙ୍କୁ ନିବେଦନ କରିଥିବା ବେଳେ ଏହି ନିୟମ ଲାଗୁ ହେଲେ ରାଜ୍ୟରେ ଚକ ଅଖ ବନ୍ଦ କରିଦିଆଯିବ ବୋଲି ଚେତାବନୀ ଦେଇଥିଲେ । ହେଲେ ସରକାର ସଂଘମାନଙ୍କ ଚେତାବନୀକୁ ଭ୍ରୂକ୍ଷେପ ନ କରି ଏହି ନିଷ୍ପତ୍ତି ନେବାକୁ ଯୋଜନା କରୁଥିବା ଜଣାପଡ଼ିଛି ।

ଅତୀତରେ ପୁଲିସ ବିଭାଗକୁ ଗାଡି ଯାଞ୍ଚ କ୍ଷମତା ଦେବା ଲାଗି ବହୁବାର ପ୍ରୟାସ କରାଯାଇଥିଲା । ହେଲେ ପରବର୍ତ୍ତୀ ସମୟରେ ତାହା ବିଫଳ ହେଇଥିଲା । ବିଗତ ବର୍ଷରେ ଏ ସମ୍ପର୍କିତ ପ୍ରସ୍ତାବକୁ ଖୋଦ୍ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ କମିଟିଗୁଡ଼ିକ ଦ୍ୱାରା ନାପସନ୍ଦ କରାଯାଇଥିଲା । ରାଜ୍ୟରେ ଚଳାଚଳ କରୁଥିବା ମୋଟରଯାନ ଯାଞ୍ଚ ପାଇଁ ପୂର୍ବ ସରକାର "ଓଡ଼ିଶା ମୋଟରଯାନ ପ୍ରବର୍ତ୍ତନ ବିଭାଗ' ନାମରେ ଏକ ପୃଥକ ଶାଖା ସୃଷ୍ଟି କରିଥିଲେ । ଯଦି ପୁଲିସକୁ ଅଧିକ କ୍ଷମତା ନ୍ୟସ୍ତ କରାଯାଏ, ତେବେ ଏହା ହଇରାଣ, ଦୁର୍ନୀତି ବଢ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି ।

ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ମାମଲା

# ଆଜି ବ୍ରହ୍ମପୁର ଆସିବ ସିବିଆଇ !

■ **ବ୍ରହ୍ମପୁର, ୧୬।୧୧ (ସମିସ):** ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ମାମଲାରେ ସିବିଆଇ ଟିମ୍‌ର ତଦନ୍ତ ଆଗେଇଛି । ସୋମବାର ସିବିଆଇର ଏକ ତଦନ୍ତକାରୀ ଦଳ ବ୍ରହ୍ମପୁର ଆସିବ ବୋଲି ସୂଚନା ମିଳିଛି । ଏଠାରେ ପହଞ୍ଚିବା ପରେ ପୂର୍ବରୁ ମାମଲାର ତଦନ୍ତ କରୁଥିବା ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିବେ । ଦୁର୍ନୀତିରେ ସମ୍ପୃକ୍ତ ଦଲାଲମାନଙ୍କ ରିମାଣ୍ଡ ପାଇଁ ଅଦାଲତରେ ଆବେଦନ କରିବେ ବୋଲି ଜଣାପଡ଼ିଛି । ତଦନ୍ତକାରୀ ଦଳ ଗତ ଶନିବାର ଦିନତମାମ ମାମଲା ସଂକ୍ରାନ୍ତୀୟ କାଗଜପତ୍ର ଯାଞ୍ଚ କରିଥିଲେ । ଆଗାମୀ ଦିନରେ କେଉଁମାନଙ୍କୁ ଜେରା ପାଇଁ ଡକାଯିବ, ତାହାର ଏକ ତାଲିକା ପ୍ରସ୍ତୁତ କରିଥିଲେ । ୭ଜଣ ଦଲାଲଙ୍କୁ ଜେରା କରିବାକୁ ସିବିଆଇ ପୂର୍ବରୁ ଯୋଜନା ରଖିଥିଲା । ବର୍ତ୍ତମାନ ମାମଲାର ତଦନ୍ତ ପ୍ରାରମ୍ଭରୁ କରିବାକୁ ନିଷ୍ପତ୍ତି ନେଇଛି ସିବିଆଇ । କିଛି ଗିରଫ ଚାକିରି ଆଶାୟୀମାନଙ୍କୁ ମଧ୍ୟ ପଚରାଉଚରା କରିବାକୁ ପାଇଁ ଯୋଜନା କରିଛି । ଆଶାୟୀମାନେ ସିଧାସଳଖ କାହାକୁ ଲାଞ୍ଚ ଟଙ୍କା ଦେଇଥିଲେ? କେଉଁ ଦଲାଲ ସହ ସେମାନେ ଡିଲ୍ କରିଥିଲେ? ଏସବୁର ସ୍ପଷ୍ଟ ତଥ୍ୟ ଆଶାୟୀଙ୍କଠାରୁ ସିବିଆଇ ଓଗାଳିବ ବୋଲି ଜଣାଯାଇଛି ।

ସିବିଆଇ ଟିମ୍ ବ୍ରହ୍ମପୁରରେ ପହଞ୍ଚିବା ପରେ ମାମଲାର ଅଭିଯୋଗକାରୀ ଥିବା ଡିଏସ୍‌ପିଙ୍କ ସହ ଆଲୋଚନା କରିବେ । ଆଶାୟୀମାନେ ଯାଉଥିବା ବସ୍‌କୁ ପିଛା କରି ଆନ୍ଧ୍ରପ୍ରଦେଶ ଯାଇଥିବା ପୁଲିସ ଅଧିକାରୀମାନଙ୍କୁ ମଧ୍ୟ ପଚରାଉଚରା କରିପାରେ । ଏହାପରେ ସିଲିକନ୍ ଟେକ୍ ଲ୍ୟାବ୍ ସଂସ୍ଥାର ସିଇଓ ସୁରେଶ ନାୟକ ଓ ପଞ୍ଚସପ୍ଟ ଟକ୍ନୋଲୋଜି/ଫ୍ରଣ୍ଟଟେକ୍‌ର ନିର୍ଦ୍ଦେଶକ ତଥା ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ଅନ୍ୟତମ କାର୍ପଟଦାର ମୁନା ମହାନ୍ତି ସହ ମୋଟ ୭ ଜଣଙ୍କୁ ରିମାଣ୍ଡରେ ନେବାକୁ ସିବିଆଇ କୋର୍ଟରେ ଆବେଦନ କରିବ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ।

# ଭଉା ଟଙ୍କା ପାଇଁ ବାପାକୁ ମାରିଦେଲା

■ **କବିସୂର୍ଯ୍ୟନଗର, ୧୬ ।୧୧(ସମିସ):** ଭଉା ଟଙ୍କା ପାଇଁ ବାପାକୁ ପିଟିପିଟି ମାରିଦେଲା ପୁଅ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କବିସୂର୍ଯ୍ୟନଗର ଥାନା ଏ-ବରିଡ଼ା ଗୋପାଳ ନଗରରେ । ମୃତକ ହେଲେ, ପଦ୍ମନାଭ ସାହୁ (୮୫) । ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଏହି ଘଟଣାରେ ପୁଲିସ ପଦ୍ମଙ୍କ ପୁଅ ରମେଶ ସାହୁ (୪୦)କୁ ଗିରଫ କରି କୋର୍ଟଚାଲାଣ କରିଛି ।

ସୂଚନାନୁଯାୟୀ, ପଦ୍ମନାଭଙ୍କ ମଝିଆ ପୁଅ ରମେଶ ପ୍ରତିଦିନ ମଦ ପିଇବାକୁ ବାପା-ମା'ଙ୍କୁ ଟଙ୍କା ମାଗିବା ସହ ମାରଧର କରୁଥିଲା । ଶନିବାର ପଦ୍ମନାଭ ବାର୍ଦ୍ଧକ୍ୟ ଭଉା ପାଇଥିବା ଜାଣି ରମେଶ ତାଙ୍କୁ ମଦ ପିଇବାକୁ ଟଙ୍କା ମାଗିଥିଲା । କିନ୍ତୁ ସେ ଟଙ୍କା ଦେବାକୁ ମନା କରିବାରୁ ବାପ-ପୁଅଙ୍କ ମଧ୍ୟରେ ବଚସା ▶ପୃଷ୍ଠା-୭

ଚୌଦ୍ୱାର ଜେଲ୍‌ରୁ ୨ ବିହାରୀ କଏଦୀ ଚମ୍ପଟ ଘଟଣା


# ଧରାପଡ଼ି ନାହାନ୍ତି ଜେଲ୍ ଡିଆଁ; ୱାର୍ଡରଙ୍କୁ ପୁନଃ ନିଯୁକ୍ତି

■ **ଭୁବନେଶ୍ୱର,୧୫।୧୧(ସମିସ):** ଚୌଦ୍ୱାର ଜେଲ୍‌ରୁ କଏଦୀ ଚମ୍ପଟ ଘଟଣାରେ ସାମ୍ନାକୁ ଆସିଲା ଜେଲ୍ ବିଭାଗର ମିଲି ଭଗତ କାରନାମା । ଜେଲ୍ ଡିଆଁ ହାର୍ଡକୋର୍ ବିହାରୀ କଏଦୀଙ୍କୁ ଗିରଫ କରି ଜେଲ୍‌କୁ ଆଣିବାରେ ପୁଲିସ ଏଯାଏଁ ସଫଳ ହୋଇପାରିନାହିଁ । ହେଲେ ଏହି ଘଟଣାରେ ନିଲମ୍ବିତ ଜେଲ୍ ୱାର୍ଡର କିନ୍ତୁ ଜେଲ୍‌କୁ ଫେରି ଆସିଲେଣି । ନିଲମ୍ବିତ ଜେଲ୍ ୱାର୍ଡର ଭଗତ ଚରଣ ରାମ୍‌ଙ୍କୁ କେନ୍ଦ୍ରାପଡ଼ା ସବ୍‌ଜେଲ୍‌ରେ ୱାର୍ଡର ଭାବେ ନିଯୁକ୍ତି ଦିଆଯାଇଛି । ନିଲମ୍ବନର ମାତ୍ର ୧୫ ଦିନ ମଧ୍ୟରେ ତାଙ୍କୁ ମିଳିଗଲା ପୁନଃନିଯୁକ୍ତି । ତାହା ପୁଣି ଏଭଳି ଏକ ଜେଲ୍‌ରେ ଯେଉଁଠି ତାଙ୍କ ବିରୋଧରେ କେଳେଙ୍କାରୀ ଅଭିଯୋଗ ଆସିଥିଲା । ଏଭଳି ଥଇଥାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଯାଜପୁର ଜିଲ୍ଲାର ପାଣିକୋଇଲି ସୁନା ଦୋକାନୀ ହତ୍ୟା ମାମଲାରେ ଗିରଫ ହୋଇ ବିଚାରାଧୀନ କଏଦୀ ଭାବେ ଦୁଇ ବିହାରୀ ଅଭିଯୁକ୍ତ ରାଜା ସାହାଣୀ ଏବଂ ମଧୁକାନ୍ତ କୁମାର ଚୌଦ୍ୱାର ଜେଲ୍‌ରେ ଥିଲେ । ଏହା ରାଜ୍ୟର ସବୁଠାରୁ ହାଇ ସିକ୍ୟୁରିଟି ଜେଲ୍ ହୋଇଥିଲେ ମଧ୍ୟ ଦୁଇ କଏଦୀ ଜେଲ୍ ପାଚେରି ଡେଇଁ ଚମ୍ପଟ ମାରିଥିଲେ । ଜେଲ୍‌ର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ପରେ ବିଭାଗୀୟ ମୁଖ୍ୟ ୱାର୍ଡର ଭଗତ ଚରଣ ରାମ୍‌ଙ୍କ ସମେତ ଅନ୍ୟ ଜଣେ ଜେଲ୍ କର୍ମଚାରୀ ଡ୍ୟୁଟି ୱାର୍ଡର ସିଦ୍ଧାନ୍ତ ସାହୁଙ୍କୁ ଗତ ଅକ୍ଟୋବର ୩ ତାରିଖରେ ନିଲମ୍ବନ କରିଥିଲେ । ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ପୁନଃ ଅବସ୍ଥାପିତ ହୋଇଥିବା ଚିଫ୍ ୱାର୍ଡର ଭଗତ ପୂର୍ବରୁ ସାଲେପୁର ଓ କେନ୍ଦ୍ରାପଡ଼ା ଜେଲ୍‌ରେ ଥିବାବେଳେ ତାଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆସିଥିଲା । ଚୌଦ୍ୱାର ଜେଲ୍‌ରେ ଥିବାବେଳେ ଶ୍ରୀ ରାମ କେନ୍ଦ୍ରାପଡ଼ା ଜେଲ୍‌କୁ ଯିବା ପାଇଁ ଆଗ୍ରହ ପ୍ରକାଶ କରି ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ । ଆବେଦନ ଆଧାରରେ ଚୌଦ୍ୱାରା ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜେଲ୍ ଅଧିକାରୀଙ୍କ ମତାମତ ଲୋଡ଼ିଥିଲେ । କିନ୍ତୁ ପୂର୍ବରୁ କେନ୍ଦ୍ରାପଡ଼ା ଜେଲ୍‌ରେ ଥିବା ସମୟରେ ଶ୍ରୀ ରାମ ଏକାଧିକ କେଳେଙ୍କାରୀରେ ସମ୍ପୃକ୍ତ ଥିବା ଦର୍ଶାଇ ଜେଲ୍ ଅଧୀକ୍ଷକ ତାଙ୍କୁ ଏଠାରେ ପୁନଃ ନିଯୁକ୍ତି ▶ପୃଷ୍ଠା-୭

**ମାତ୍ର ୧୫ ଦିନରେ ହଟିଲା ନିଲମ୍ବନ**

**ଯେଉଁଠି କରିଥିଲେ କେଳେଙ୍କାରୀ; ସେଇଠି ପୁଣି ହେଲେ ଥଇଥାନ**



## ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ଭାଲୁ

# ଲୋକଙ୍କ ଠାରୁ ଖାଉଛି ବିସ୍କୁଟ୍, ନଡ଼ିଆ

ଗୁଣୁପୁର/ରାୟଗଡ଼ା,୧୬।୧୧(ସମିସ):



ଜଙ୍ଗଲ ନଷ୍ଟ ହେଉଥିବା ଯୋଗୁଁ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲୀ ପଶୁ ଗାଁ ମୁହାଁ ହେଉଛନ୍ତି। ଜଙ୍ଗଲି ଭାଲୁ ଗାଁରେ ପ୍ରବେଶ କରି ଲୋକଙ୍କଠାରୁ କଦଳି, ବିସ୍କୁଟ୍ ଓ ନଡ଼ିଆ ଖାଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ମରିଚଗୁଡା ଗାଁରେ ଗତ ସନ୍ଧ୍ୟାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଗାଁର ଉପର ମୁଣ୍ଡରେ ଥିବା ମାତାର ବନାମ ମନ୍ଦିର ତଳେ ଗାଁ ଦାଣ୍ଡରେ ଏକ ଭାଲୁ ଗ୍ରାମବାସୀଙ୍କ ଗହଣରେ ରହି ବିନା ଭୟରେ ନଡିଆ କଦଳୀ ବିସ୍କୁଟ ଖାଉଛି। ମରିଚଗୁଡା ଗାଁରେ ଏଭଳି ଦୃଶ୍ୟ ଦେଖିଲେ ମଣିଷ ଓ ଭାଲୁ ମଧ୍ୟରେ କାହାର କାହା ପ୍ରତି ଡର ନ ଥିବା ସ୍ପଷ୍ଟ ହେଉଛି। ଅତି ନିକଟରୁ ଲୋକେ ନିଜ ମୋବାଇଲରେ ଭାଲୁ ଖାଉଥିବାର ଭିଡିଓ ଉତ୍ତୋଳନ କରୁଛନ୍ତି। ସୂଚନାଯୋଗ୍ୟ, କିଛି ଦିନ ପୂର୍ବେ ଦୁଇଟି ଭାଲୁ ଗାଁ ନିକଟରେ ଥିବା ଜଙ୍ଗଲରୁ ସନ୍ଧ୍ୟା ସମୟରେ ଗାଁ ମୁହାଁ ହୋଇ ଗାଁକୁ ଆସି ଗ୍ରାମବାସୀଙ୍କଠାରୁ ନଡ଼ିଆ କଦଳୀ , ବିସ୍କୁଟ ଖାଇ ପୁଣି ଭୋର ପାହାନ୍ତିଆରେ ଜଙ୍ଗଲକୁ ଚାଲି ଯାଉଛନ୍ତି । ଜଙ୍ଗଲରେ ଖାଦ୍ୟାଭାବ ଯୋଗୁଁ ଖାଦ୍ୟ ଅନ୍ୱେଷଣରେ ଦୁଇଟି ଭାଲୁ ମଧ୍ୟରୁ ଗୋଟିଏ ଭାଲୁ ଗାଁ ମୁହାଁ ହୋଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଜଣାପଡିଛି। କେବଳ ପ୍ରାଣୀ ପ୍ରେମରୁ ଲୋକମାନେ ଖାଇବା ଦେଉଥିଲେ ବୋଲି କିଛି ଗାଁଲୋକ କହିଛନ୍ତି। କିନ୍ତୁ ପ୍ରାଣୀ ବିଶେଷଜ୍ଞମାନେ ଏହାକୁ ଅତ୍ୟନ୍ତ ବିପଦଜନକ ଅଭ୍ୟାସ ବୋଲି ବର୍ଣ୍ଣନା କରିଛନ୍ତି। ଜଙ୍ଗଲୀ ପ୍ରାଣୀକୁ ଲୋକେ ଖାଦ୍ୟ ଦେଲେ ସେମାନେ ଗାଁକୁ ଆସିବାକୁ ଅଭ୍ୟସ୍ତ ହୋଇଯାନ୍ତି, ଯାହା ଆଗାମୀ ଦିନରେ ବଡ଼ ଦୁର୍ଘଟଣାକୁ ଡାକିପାରେ ବୋଲି କୁହାଯାଇଛି।

# ବ୍ୟବସାୟୀଙ୍କ ଠାରୁ ଟଙ୍କା ଲୁଟ୍ ମାମଲା, ୭ ଅଭିଯୁକ୍ତ ଗିରଫ



ଜୟପୁର/କୁନ୍ଦୁରା, ୧୬।୧୧(ସମିସ):

କୋରାପୁଟ ଜିଲ୍ଲା କୁନ୍ଦୁରା ଥାନା ଅନ୍ତର୍ଗତ ଖଟଲାପଦର ପୋଲ ଉପରେ ବ୍ୟବସାୟୀ ମାନଙ୍କ କାର ଅଟକାଇ ସିନେମା ଢଙ୍ଗରେ ଟଙ୍କା ଲୁଟ୍ ହୋଇଥିଲା। ଏହି ମାମଲାରେ ଆଜି କୁନ୍ଦୁରା ଥାନା ପୁଲିସ ୭ଜଣଙ୍କୁ ଗିରଫ କରିଛି। ଏ ନେଇ ଆଜି ଜୟପୁର ଟାଉନ ଥାନାରେ ଏସ୍‌ଡିପିଓ ପାର୍ଥ କାଶ୍ୟପ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଲୁଟେରା ଦଳରେ ଗିରଫ ଅଭିଯୁକ୍ତ ଜୟପୁର ଟାଉନଥାନା କୁନ୍ଦାରିଗୁଡାର ଅରୁଣ ମୁଦୁଲି (୨୬), ସଦରଥାନା ଗଡ଼ପଦର ଗ୍ରାମର ସାନ ହରିଜନ(୨୪), ନନ୍ଦପୁର ଥାନା ଗଞ୍ଜେଇପଦର ଗ୍ରାମର ଅନିଲ ଖୋସ୍ଲା(୧୯), କୁନ୍ଦୁରା ଥାନା ବୁଟୁଗୁଡା ଗ୍ରାମର ଭୁବନ ହରିଜନ(୨୨)। ଏହି ମାମଲାରେ ପୂର୍ବରୁ ଗତ ନଭେମ୍ବର ୯ ତରିଖରେ ଜୟପୁର ସଦର ଥାନା ବାଲିଆ ଗ୍ରାମର ଅଜୟ ହରିଜନ (୩୧), ନୀଳାଗୁଡା ଗ୍ରାମର ରମାକାନ୍ତ ହରିଜନ(୨୨), ଟାଉନଥାନା ଖ୍ରୀଷ୍ଟିଆନ ସାହିର ସୁମିତ ସାହିଲ ନାୟକ(୨୩)ଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତ ମାନଙ୍କ ଠାରୁ ଚୋରି ହୋଇଥିବା ୮୦ ହଜାର ଟଙ୍କା, ୪ଟି ମୋବାଇଲ ୨ଟି ଖଣ୍ଡା, ୫ଟି ବାଇକ୍ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଅକ୍ଟୋବର ୨୯ ତାରିଖରେ କୋଟପାଡ଼ର ଦେବାଶିଷ ପଟ୍ଟନାୟକ କୁନ୍ଦୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ, ଖଟଲାପଦର ବ୍ରିଜ୍ ଉପରେ କାର ଯୋଗେ କୋଟପାଡକୁ ଫେରୁଥିବା ବେଳେ ପ୍ରାୟ ୭ରୁ ୮ ଜଣ ମୁଖାଧାରୀ ଦୁର୍ବୃତ୍ତ ବାଇକ୍ ଯୋଗେ ଆସି ପୋଲ ଉପରେ ଅଟକାଇ ବିଭିନ୍ନ ମାରଣାସ୍ତ୍ର ଦେଖାଇ ୫ରୁ ୬ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ବ୍ୟବସାୟୀ ଶ୍ରୀ ପଟ୍ଟନାୟକ ଓ ତାଙ୍କର ୪ଜଣ ସାଥି କାର ଯୋଗେ କୋଟପାଡ଼ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଏଥିରେ କୁନ୍ଦୁରା ଥାନାରେ ପୁଲିସ ଏକ ମାମଲା (୧୩୪/୨୫) ରୁଜୁ କରି ତଦନ୍ତ କରିଥିଲା। ଡକାୟତି ଘଟଣାର ଏକ ଲାଇଭ୍ ଭିଡିଓ ଉକ୍ତ ରାସ୍ତା ଦେଇ ଯାଉଥିବା ଏକ ବସର ଯାତ୍ରୀ ଉତ୍ତୋଳନ କରିଥିଲେ। ଉକ୍ତ ଭିଡିଓକୁ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରି ଆଜି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳତା ପାଇଥିଲେ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ଓ କୁନ୍ଦୁରା ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକ ଉପସ୍ଥିତ ଥିଲେ।

## ‘ପରବ’ ପାଇଁ କଳାକାରଙ୍କ ପ୍ରସ୍ତୁତି ଆରମ୍ଭ



ନନ୍ଦପୁର,୧୬।୧୧ (ସମିସ): ଜିଲ୍ଲାସ୍ତରୀୟ ‘ପରବ’ ମଶାଲ ଉଦ୍‌ଘାଟନ ପରେ ବ୍ଲକ୍‌ସ୍ତରୀୟ ପରବ ପାଳନ ନେଇ ଦିନ ତାରିଖ ଧାର୍ଯ୍ୟ ହେବା ପରେ କଳାକାର ରବିବାର ସନ୍ଧ୍ୟାରେ ଅଭ୍ୟାସ ଆରମ୍ଭ କରିଥିବା ଦେଖିବାକୁ ମିଳିଛି । ନନ୍ଦପୁର ବାହିରିପଡା କଳା ସଂସ୍କୃତି ପରିଷଦର କଳାକାର ପ୍ରତିବର୍ଷ ଉଚ୍ଚକୋଟୀର କଳା ପ୍ରଦର୍ଶନ କରି ଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ଏହା ବଜାୟ ରଖିବାକୁ ଉଦ୍ୟମ କରିଛନ୍ତି । ଏହି ନନ୍ଦପୁର ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରା, ସମ୍ପାଦକ ରମେଶ କୁମାର ଅଧିକାରୀ, ଉପ ସଭାପତି ବିମଳ ରାଓ ସ୍ମିଥ, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ପାଢ଼ି, ସାମୁଏଲ ଦଳପତି, ଶ୍ରୀରାମ ଖରା ପ୍ରମୁଖ ଆଜି କଳା ପରିଷଦକୁ ଯାଇ କଳାକାରଙ୍କ ମନୋବଳ ଦୃଢ କରିଥିଲେ।

## ଜାତୀୟ ପ୍ରେସ୍ ଦିବସ ପାଳିତ



ଦାମନଯୋଡି,୧୬।୧୧(ସମିସ): ଜାତୀୟ ପ୍ରେସ ଦିବସ -୨୦୨୫ ପାଳନ ଆବାସରରେ “ପ୍ରେସ ସ୍ୱାଧୀନତା ଉପରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ନାଲ୍‌କୋ କମ୍ୟୁନିଟି ସେଣ୍ଟର ପରିସରରେ ଉତ୍କଳ ସାମ୍ବାଦିକ ସଂଘ, କୋରାପୁଟ ଜିଲ୍ଲା ଶାଖା ଓ ମିଡିଆ ହାଉସ୍, ଦାମନଯୋଡିର ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋର ଅର୍ଥ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ଗୁପ୍ତା ଓ ସମ୍ମାନିତ ଅତିଥି ଭାବରେ ଖଣି ବିଭାଗ ମୁଖ୍ୟ ମହାପ୍ରବନ୍ଧକ ପୁରୁଷୋତ୍ତମ ମହାନ୍ତ, ଶିଳ୍ପ ସୁରକ୍ଷା ବାହିନୀର ବରିଷ୍ଠ କମାଣ୍ଡାଣ୍ଟ ସତ୍ୟଦେବ ଆର୍ଯ୍ୟ, ଦାମନଯୋଡି ଥାନା ଅଧିକାରୀଣୀ ପ୍ରମିଳା ବିଡ଼ିକା, ଉତ୍କଳ ସାମ୍ବାଦିକ ସଂଘ କୋରାପୁଟ ଜିଲ୍ଲାର ସଭାପତି କେ ଶ୍ରୀନିବାସ ରାଓ, ମିଡିଆ ହାଉସ୍ ଦାମନଯୋଡିର ସଭାପତି ନରସିଂହ ବ୍ରହ୍ମା, ଉତ୍କଳ ସାମ୍ବାଦିକ ସଂଘ କୋରାପୁଟ ର ଉପ ସଭାପତି ଜୟସିଂହ ପଡ଼ାସେଚ୍ଚି, ଉପ ସଭାପତି ତ୍ରିନାଥ ଖରା ପ୍ରମୁଖ ମଞ୍ଚାସୀନ ଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ତଥା କେବିକେ ସମାଚାର ଖବରକାଗଜର ସମ୍ପାଦକ ବିନୋଦ ମହାପାତ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଶୀର୍ଷକ ବିଷୟ ଉପରେ ଆଲୋକପାତ କରିଥିଲେ। ଇତି ଅବସରରେ ବୈଦ୍ୟୁତିକ ଗଣମାଧ୍ୟମ ‘ନ୍ୟୁଜ୧୮’ କୋରାପୁଟର ଜିଲ୍ଲା ପ୍ରତିନିଧି ତ୍ରିଲୋଚନ ମହାରଣା ଓ ‘ଧରିତ୍ରୀ’ ର ସୁନାବେଡା ପ୍ରତିନିଧିଙ୍କୁ “ସାମ୍ବାଦିକ ଗୌରବ ସମ୍ମାନ” ପ୍ରଦାନ କରାଯାଇଥିଲା। ଅନ୍ୟ ପକ୍ଷରେ ମିଡିଆ ହାଉସ୍ ଦାମନଯୋଡିର ପ୍ରତିଷ୍ଠାତା ଆଇନ ପରାମର୍ଶଦାତା ପୀତାମ୍ବର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ସମସ୍ତ ସାମ୍ବାଦିକ ମାନଙ୍କୁ “ସାମ୍ବାଦିକ ପ୍ରତିଭା ସମ୍ମାନ” ପ୍ରଦାନ କରାଯାଇଥିଲା। ମିଡିଆ ହାଉସ୍ ଦାମନଯୋଡିର ସାଧାରଣ ସମ୍ପାଦକ ମାନସ ରଞ୍ଜନ କର ମଞ୍ଚ ପରିଚାଳନା କରିଥିବା ବେଳେ ସଙ୍ଗଠନ ସମ୍ପାଦକ ଚୈତନ୍ୟ ହନ୍ତାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଉପ ସଭାପତି ସୁଦର୍ଶନ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍କଳ ସାମ୍ବାଦିକ ସଂଘ ଓ ମିଡିଆ ହାଉସ୍‌ର ସମସ୍ତ ସଦସ୍ୟ ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ମାଓ ଡମ୍ପ ଠାବ କଲେ ବିଏସ୍‌ଏଫ ଯବାନ

# ବିପୁଳ ପରିମାଣର ବିସ୍ଫୋରକ ଜବତ

ମାଲକାନଗିରି,୧୬।୧୧(ସମିସ):



ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ବଡିଗେଟା ୧୪୨ ବାଟାଲିୟନ ବିଏସ୍‌ଏଫ ଜବାନ ମାନଙ୍କ ଦ୍ୱାରା ମାଓ ଡମ୍ପ ଠାବ ହେବା ସହ ବିପୁଳ ପରିମାଣର ବିସ୍ଫୋରକ ଜବତ କରାଯାଇଛି। ତଥ୍ୟ ଅନୁଯାୟୀ ବିଏସ୍‌ଏଫ ଦଳ କାଲିମେଳା ତାନା ବେଜାଙ୍ଗିବାଡ଼ା ସଂରକ୍ଷିତ ଜଙ୍ଗଲ କୁର୍ମାନୁର ପଞ୍ଚାୟତ ଅନ୍ତର୍ଗତ ଗୋରେଗାନ୍ଦି ଜଙ୍ଗଲ ଅଞ୍ଚଳରେ ସର୍ଚ୍ଚ ଅପରେସନ କରୁଥିବା ସମୟରେ ଦୁଲାଗାନ୍ଦି ଗ୍ରାମ ନିକଟ ଜଙ୍ଗଲର ଗୋଟିଏ ପାହାଡ ନିକଟ ଗୁମ୍ଫାଭିତରେ ମାଓ ଡମ୍ପ ଥିବା ଦେଖିବାକୁ ପାଇଥିଲେ। ଉକ୍ତ ଗୁମ୍ଫା ମଧ୍ୟରୁ ମାଓ ଡମ୍ପ ଜବତ ହୋଇଥିବା ବେଳେ ଏହି ଡମ୍ପରୁ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଛି। ଜବତ ବିସ୍ଫୋରକ ମଧ୍ୟରେ ଗୋଟିଏ ଆଇଡି ମାଇନ୍, ଗୋଟିଏ ପିସ୍ତଲ, ୩୨୦ ଅଫୁଟା ଗୁଳି, ୧୦ ବ୍ଲାଙ୍କ ରାଉଣ୍ଡ, ୧୪ ମାଓ ପୁସ୍ତିକା, ୧୧୦ ଜିଲୋଟିନ୍ ଷ୍ଟିକ୍, ଗୋଟିଏ ସେନସର୍, ଦୁଇଟି ଇଲେକ୍ଟ୍ରୋନିକ ଟ୍ରମ୍ପେଟ୍ ଜବତ କରିଛନ୍ତି। ଏକଦା ଏହି ଅଞ୍ଚଳ ମାଓବାଦୀଙ୍କ ଅଞ୍ଚଳ ଭାବେ ପରିଚିତ ଥିଲା। ପୁଲିସକୁ ଟାର୍ଗେଟ କରି ମାଓବାଦୀ ମାନେ ଏହି ବିସ୍ଫୋରକ ସାମଗ୍ରୀ ଲୁଚାଇ ରଖିଥିବା ଜବାନ ମାନେ ସୂଚନା ପ୍ରଦାନ କରିଛନ୍ତି। ଏହି ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି।

## ମିଟ୍ସ ରାୟଗଡ଼ା କ୍ୟାମ୍ପସରେ ଉଚ୍ଚଶିକ୍ଷା ମନ୍ତ୍ରୀ




ରାୟଗଡ଼ା,୧୬।୧୧(ସମିସ ): ଦିନିକିଆ ରାୟଗଡା ଜିଲ୍ଲା ଗସ୍ତରେ ଆସିଥିବା ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ରାଜ୍ୟସଭା ସାଂସଦ ସୁଜିତ କୁମାର ରବିବାର ସକାଳେ ମଝିଘରିଆଣୀ ଇନ୍‌ଷ୍ଟିଚ୍ୟୁଟ୍ସ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ (ମିଟ୍ସ ), ରାୟଗଡାର କ୍ୟାମ୍ପସ ଓ ମେଗା ଫୁଡ ପାର୍କ ପରିଦର୍ଶନ କରିଛନ୍ତି। ଅତିଥିମାନଙ୍କୁ ମିଟ୍ସ ଗ୍ରୁପର ଚେୟାରମ୍ୟାନ୍ ବାଳକୃଷ୍ଣ ପଣ୍ଡା, ମୁଖ୍ୟ ନିର୍ବାହୀ ଶ୍ରୀରାମ ପଣ୍ଡା, ଭାଇସ୍-ଚେୟାରମ୍ୟାନ୍ ବିଶ୍ୱଜିତ ପଣ୍ଡା, ନିର୍ଦ୍ଦେଶକ ଡ଼.ସି.ଭି. ଗୋପୀନାଥ, ଡିନ୍ ଡ. ସନ୍ତାନୁ ମହାନ୍ତି ଓ ପ୍ରିନ୍ସିପାଲ୍ ପ୍ରଫେସରରାମାନୁଜ ନାୟକ ପ୍ରମୁଖ ସ୍ୱାଗତ କରିଥିଲେ। ସଂସ୍ଥାନ ଦର୍ଶନ ମିଟ୍ସ ମେଗା ଫୁଡ୍ ପାର୍କର ଭ୍ରମଣ ସହ ଆରମ୍ଭ ହୋଇଥିଲା। ଯେଉଁଠାରେ ମନ୍ତ୍ରୀ ଓ ସାଂସଦ ଚାଲୁ ଉନ୍ନୟନମୂଳକ କାର୍ଯ୍ୟମାନଙ୍କୁ ସମୀକ୍ଷା କରିଥିଲେ ଏବଂ ଅଧିକାରୀମାନଙ୍କ ସହ ସ୍ଥାନୀୟ ନିଯୁକ୍ତି ସୃଷ୍ଟି, ଖାଦ୍ୟ ପ୍ରକ୍ରିୟାକରଣ ପ୍ରକଳ୍ପ ଓ ପରିସଂଖ୍ୟାନିକ ଅବସ୍ଥାପନା ବିଷୟରେ ଆଲୋଚନା କରିଥିଲେ। ଦୁଇଜଣ ନେତା ମିଟ୍ସ ଗ୍ରୁପ୍ ଦ୍ୱାରା କୃଷି-ଭିତ୍ତିକ ଶିଳ୍ପ ସୁଦୃଢ଼ କରିବା ଓ ସ୍ଥାନୀୟ ଯୁବକମାନଙ୍କୁ କୌଶଳ ବିକାଶରେ ସହଯୋଗ ଦେବା ପାଇଁ କରୁଥିବା ପ୍ରୟାସକୁ ପ୍ରଶଂସା କରିଥିଲେ। ଫୁଡ୍ ପାର୍କ ଦର୍ଶନ ପରେ ଅତିଥିମାନେ ମିଟ୍ସ ଖୋଲା ଅଡିଟୋରିୟମ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗ ଦେଇଥିଲେ। ଏହି ଅବସରରେ ଚେୟାରମ୍ୟାନ୍ ଶ୍ରୀ ପଣ୍ଡା ଦୁଇଜଣ ବିଶିଷ୍ଟ ଅତିଥିଙ୍କୁ ସମ୍ମାନ ସୂଚକ ସ୍ମୃତିଚିହ୍ନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ଦେଢ଼ ହଜାର ଛାତ୍ର ଏବଂ ୨୦୦ଜଣ ଶିକ୍ଷକ ଓ କର୍ମଚାରୀ ଯୋଗ ଦେଇଥିଲେ ଛ ସମଗ୍ର ପରିବେଶରେ ଏକତା, ଉତ୍ସାହ ଓ ଗର୍ବର ଭାବନା ପ୍ରକାଶ ପାଇଥିଲା। ମନ୍ତ୍ରୀ ଓ ସାଂସଦ ମିଟ୍ସ ଗ୍ରୁପ୍ ଦକ୍ଷିଣ ଓଡିଶାର ଗ୍ରାମୀଣ ଓ ଜନଜାତୀୟ ଅଞ୍ଚଳରେ ଗୁଣବତ୍ତାପୂର୍ଣ୍ଣ ଶିକ୍ଷା, କୌଶଳ, ବିକାଶ, ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ଦିଆଯାଉଥିବା ଅସାଧାରଣ ଅବଦାନକୁ ପ୍ରଶଂସା କରିଥିଲେ।


## କୋଟପାଡ଼ ପ୍ରେସ୍ କ୍ଲବ୍‌ର ଜାତୀୟ ପ୍ରେସ୍ ଦିବସ




କୋଟପାଡ଼, ୧୬।୧୧ (ସମିସ): ଜାତୀୟ ପ୍ରେସ ଦିବସ ଉପଲକ୍ଷେ କୋଟପାଡ଼ ପ୍ରେସ କ୍ଲବ୍ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ସାମ୍ବାଦିକ ମୂଲ୍ୟବୋଧ ଓ ସମାଜ ଗଠନରେ ସାମ୍ବାଦିକଙ୍କ କଲମ ଚାଳନା ସମାଜରେ ଏକ ବଡ଼ ପରିବର୍ତ୍ତନ ଆଣି ପାରିବ ବୋଲି ବକ୍ତା ମାନେ ମତବ୍ୟକ୍ତ କରିଛନ୍ତି । ସମାଜ ଆରମ୍ଭରୁ ହିଁ ଗଠନ ମୂଳକ ସମାଲୋଚନା, ସାଂସ୍କୃତିକ ଚେତନା ଓ ପରବର୍ତ୍ତି ସମୟରେର ସାମ୍ବାଦିକଙ୍କ କଲମ ଚାଳନା ଦେଶକୁ ସ୍ୱାଧୀନତା ଦେଇଥିବା ବେଳେ ଆଜିର ସମାଜରେ ରାଜନୈତିକ, ସାମାଜିକ ସାଂସ୍କୃତିକ ଓ ଆର୍ଥିକ ବ୍ୟବସ୍ଥା ର ପରିବର୍ତ୍ତନରେ ମୁଖ୍ୟ ଭୂମିକା ନିଭାଇ ଆସୁଛି। ଅନ୍ୟାୟ,ଅତ୍ୟାଚାର ଓ ଲାଞ୍ଚ ଖୋର ମାନଙ୍କୁ ପର୍ଦ୍ଦାଫାଶ କରି ସାମ୍ବାଦିକ ମାନେ ସବୁବେଳେ ନିଜର କର୍ତ୍ତବ୍ୟ ଜାହିର କରୁଛନ୍ତି ବୋଲି କୁହାଯାଇଥିଲା। ଅତିଥି ଭାବେ ଏନଏସି ଅଧକ୍ଷ ଶଙ୍କର ରାଓ, ବ୍ଲକ ଉପାଧ୍ୟକ୍ଷ ତପନ ପାଣିଗ୍ରାହୀ, ପୋଲିସ ବିଭାଗର ଏଏସଆଇ ସଦାଶିବ ଦିଆନ ଯୋଗ ଦେଇ କେକ କାଟି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରେସ କ୍ଲବର ସଭାପତି ପଙ୍କଜ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରେସ କ୍ଲବର ଶୃଙ୍ଖଳା କମିଟିର ଅଧକ୍ଷ ପ୍ରଦୀପ ବକ୍ସି, ଉପ ସଭାପତି ରାଜ ଶେଖର ରାଓ, ସମ୍ପାଦକ ଶଙ୍କର ପ୍ରସାଦ ପଣ୍ଡା, କୋଷାଧକ୍ଷ ମୁକ୍ତେଶ୍ୱର ନାୟକ, ବିଦ୍ୟୁତ୍ ଲତା ବକ୍ସି, ଉମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ମଞ୍ଚାସୀନ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବହୁ ବୁଦ୍ଧିଜୀବୀ ଓ ସାହିତ୍ୟିକ ଓ ସାମ୍ବାଦିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଶତାୟୁ ପୁରୁଷ ନାରାୟଣ ମିଶ୍ରଙ୍କ ଚକ୍ଷୁ ଦାନ

କୋରାପୁଟ,୧୬।୧୧(ସମିସ): ଶତାୟୁ ପୁରୁଷ ନାରାୟଣ ମିଶ୍ରଙ୍କ ଚକ୍ଷୁ ଦାନ ଚରାଯାଇଛି। ତାଙ୍କର ବିୟୋଗରେ ଶୋକର ଛାୟା ଖେଳିଯାଇଛି , ସ୍ୱର୍ଗତ



ମିଶ୍ର ନୟାଗଡ଼ ଜିଲା ଖୁଣ୍ଟପଡା ଗ୍ରାମରେ ୧୯୨୮ ମସିହା ଡିସେମ୍ବର ୪ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ। କିଛି ବର୍ଷ ଧରି ଝିଅ ମଞ୍ଜୁଲତା ଓ ଜ୍ୱାଇଁ ଘନଶ୍ୟାମ ରଥ ଙ୍କ ପାଖରେ ରହୁଥିଲେ। ଗତ କାଲି ସକାଳ ପ୍ରାୟ ୮ ଘଣ୍ଟା ସ୍ରମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ମିଶ୍ର ମୃତ୍ୟୁ ପର୍ଯ୍ୟନ୍ତ ନିଜର କର୍ତ୍ତବ୍ୟ ନିଜେ କରିବା ସହ ଦୈନିକ ଖବରକାଗଜ ବିନା ଚଷମାରେ ପଢୁଥିବାରୁ ତାଙ୍କ ଦୃଷ୍ଟି ଶକ୍ତି ଅନ୍ୟ କାହାର ଜୀବନର ଅନ୍ଧକାରକୁ ଦୂରକରିବାରେ ସହାୟ ହେବା ପାଇଁ ସେ ସର୍ବଦା ପ୍ରକାଶ କରୁଥିବା ବେଳେ କାହାରିକୁ ଦାନ କରିବା ପାଇଁ ତାଙ୍କର ଶେଷ ଇଛା ଥିଲା। ଏହି ଇଚ୍ଛା ପୂରଣ କରିବା ପାଇଁ ତାଙ୍କ ମୃତ୍ୟୁ ପରେ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟରେ ଭୁବନେଶ୍ୱର ସ୍ଥିତ ଏଲଭି ପ୍ରସାଦ ଚକ୍ଷୁ ବିଭାଗର କିଛି କର୍ମଚାରୀ ପହଞ୍ଚି ତାଙ୍କ ଶେଷ ଇଛାକୁ ପୂରଣ କରିଥିଲେ। ଭଣଜା ହରିହର ମୁଖାଗ୍ନି ଦେଇ ଥିଲେ। ତାଙ୍କ ବିୟୋଗରେ କୋରାପୁଟ ପ୍ରେସ କ୍ଲବ ସଭାପତିଙ୍କ ସହ ସମସ୍ତ ସଭ୍ୟ ଶୋକ ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

# ‘ଜିଲ୍ଲାର ବିକାଶରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’

ରାୟଗଡ଼ା,୧୬।୧୧(ସମିସ):

ରାୟଗଡା ଜିଲ୍ଲା ପ୍ରଶାସନ ଓ ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ରାୟଗଡ଼ ବିଧାୟକ କାଡ୍ରାକା ଆପ୍ପାଲସ୍ୱାମୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉପସ୍ଥିତ ସାମ୍ବାଦିକ ବନ୍ଧୁମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନିରପେକ୍ଷ, ନିର୍ଭିକ ଓ ସତ୍ୟନିଷ୍ଠ ଭାବରେ ସମ୍ବାଦ ପରିବେଷଣ ପାଇଁ ସେ ନିବେଦନ କରିଥିଲେ। ସାମ୍ବାଦିକଙ୍କ ସମସ୍ୟା ଉପରେ ବିଧାନସଭାରେ ସେ ବହୁବାର ପ୍ରଶ୍ନ କରିଛନ୍ତି ଏବଂ ଆଗକୁ ମଧ୍ୟ ପ୍ରଶ୍ନ ଉତ୍‌ଥାପନ କରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅଧ୍ୟକ୍ଷା ଜିଲ୍ଲା ପରିଷଦ ସୁଶ୍ରୀ ସରସ୍ୱତୀ ମାଝୀ, ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଚନ୍ଦ୍ରକାନ୍ତ ମାଝୀ, ଉତ୍କଳ ଆଲୁମିନା ଲୋକ ସମ୍ପର୍କ ଅଧିକାରୀ ଅମଜାଦ ଅଲି ଯୋଗ ଦାନ କରି ରାୟଗଡା ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ କାର୍ଯ୍ୟରତ ସାମ୍ବାଦିକ ମାନେ ନିର୍ଭିକ, ନିରପେକ୍ଷ,ସତ୍ୟ ଓ ଗଠନମୂଳକ, ସମସ୍ୟାଭିତିକ ସମ୍ବାଦ ପରିବେଷଣ କରୁଥିବାରୁ ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ଠାରେ ଖବରଗୁଡିକ ପହଞ୍ଚି ଅନେକ ସମସ୍ୟାର ସମାଧାନ ହୋଇ ପାରିବା ସହ ଜିଲ୍ଲା ବିକାଶରେ ମଧ୍ୟ ସାମ୍ବାଦିକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଥିବା କହିଥିଲେ। ନିରପେକ୍ଷତା, ନିର୍ଭୀକତା, ସହୃଦୟତା ସାମ୍ବାଦିକଙ୍କ ପ୍ରାଥମିକତା ହେବା ଆବଶ୍ୟକ ବୋଲି କହିଥିଲେ। ଡ଼ଃ ଉମେଶ ଚନ୍ଦ୍ର ଶତପଥି, ଅତିଥି ଅଧ୍ୟପକ, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା କଳାହାଣ୍ଡି ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରି ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱାସନୀୟତାର ସଂରକ୍ଷଣ ବିଷୟ ଉପରେ ଆଲୋଚନା କରିଥିଲେ।




ବୈଠକରେ ସାମ୍ବାଦିକ ଶିବ ନାରାୟଣ ଗଉଡ଼, ଶିବ ପ୍ରସାଦ ଦୋରା, ପ୍ରଶାନ୍ତ ପାଳ, ଶିବାଜୀ ଦାଶ, ଆଶିଷ ରଞ୍ଜନ ପଣ୍ଡା, ସୁରେଶ ଦାଶ, ସୁବାସ ସୂର୍ଯ୍ୟ, ସନ୍ତୋଷ ଦଳେଇ, ସୁଶାନ୍ତ ପ୍ରଧାନ, ସ୍ମୃତି ରଞ୍ଜନ ମହାନ୍ତି ଓ ଅନ୍ୟ ମାନେ ଉପସ୍ଥିତ ଥିଲେ। ବରିଷ୍ଠ ସାମ୍ବାଦିକ ରାଜେଶ ପଟ୍ଟନାୟକ, ଅଣୁବ୍ରତ ବାରା, ଗୋପ ରଞ୍ଜନ ବକ୍ସିପାତ୍ର, ବୋମାଳୀ କାନ୍ତା ରାଓ ପ୍ରମୁଖ ବ୍ୟକ୍ତବ୍ୟ ରଖିଥିଲେ। ରାୟଗଡା ଜିଲ୍ଲାରେ ୩୦୦ ସାମ୍ବାଦିକ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅର୍ନ୍ତଭୁକ୍ତ ହୋଇଥିବା ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରକାଶ କରିଥିଲେ। ସମସ୍ତ ସାମ୍ବାଦିକ ମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ୬ଜଣ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସାମ୍ବାଦିକଙ୍କ ସହ ପୂର୍ବତନ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜଳନ୍ଧର ପୁଷିକା, ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁର, ଜିଲ୍ଲାସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ, ଧନଞ୍ଜୟ ବେହେରା, ବରିଷ୍ଠ ସହାୟକ, ମାନସ ରଞ୍ଜନ ସାହୁ, ଗ୍ରନ୍ଥାଗାରିକ ଡମ୍ବରୁଧର ପଣ୍ଡା, ସୁଭାଷ କେରକେଟା, ସମ୍ରାଟ ସାହୁ, ରାଜେନ୍ଦ୍ର ଦୋରା ଆୟୋଜନ କରିବାର ସହଯୋଗ କରିଥିଲେ। ବରିଷ୍ଠ କର୍ମଚାର ଅନନ୍ତ ପାତ୍ର ସଂଯୋଜନା କରିଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ



ସୁନାବେଡ଼ା,୧୬।୧୧(ସମିସ): ସୁନାବେଡା ହାଲ ଏସ୍‌ସି ଏସ୍‌ଟି ଏମ୍ପ୍ଲଇଜ ଅଫିସର ଆସୋସିଏସନ୍ ପକ୍ଷରୁ ଗତକାଲି ସନ୍ଧ୍ୟାରେ ସହିଦ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ଭଞ୍ଜ ମଣ୍ଡପ ଠାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପୌଲ ପ୍ରମୋଦ ଲାକ୍ରା ସଭାପତିତ୍ୱ କରିଥିଲେ। ହାଲ ସୁଖେଇ ଇଞ୍ଜିନ ବିଭାଗର ମହାପ୍ରବନ୍ଧକ ସରୋଜ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନୀ ଏବଂ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ପ୍ରମୁଖ ଅବଦାନ ଉପରେ ଆଲୋକପାତ କରିଥିଲେ। ଜୟପୁର ସ୍ଥିତ ବିକ୍ରମଦେବ ବିଶ୍ୱ ବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଲେଫ୍ଟନାଣ୍ଟ ସନ୍ତୋଷିନୀ ମୁଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ହାଲର ଉପ ମହାପ୍ରବନ୍ଧକ ପି ବି ସୋରେନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସହିଦ ବିର୍ସା ମୁଣ୍ଡାଙ୍କ ସଂଘର୍ଷମୟ ଜୀବନରୁ ଅନେକ କିଛି ଶିଖିବାର ଅଛି ବୋଲି କହିଥିଲେ। ସଂଘର ସାଧାରଣ ସମ୍ପାଦକ ସୁଭାଷ ଚନ୍ଦ୍ର ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ସଂଘର ବରିଷ୍ଠ ସଦସ୍ୟ ସଦାଶିବ ହରିଜନ, ଯିୟୋନ ସମୀର ନନ୍ଦ ଭତ୍ରା, ସୁଭାଷ ଚନ୍ଦ୍ର ବେହେରା, ଜିଲା ମାଝୀ, ପଙ୍କଜ କୁମାର ଖମାରୀ, ରାମ ଚନ୍ଦ୍ର ମାଝିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଭୋଲା ଟୁଡୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାମ ଦାସ କିସ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିପିନ ଚନ୍ଦ୍ର ସିଂହ, କଳ୍ପନା ମଲ୍ଲିକ, ଭାନୁ ବେହେରା, ଗୌରହରି ଗଗରାଇ, ଚନ୍ଦନ ହେମ୍ବ୍ରମ, ଭୀମ ଚାନ୍ଦ ସିଦ୍ଧୁ, ମହେନ୍ଦ୍ର କିଣ୍ଡୋ, ବଳରାମ ଚମ୍ପିଆ, ବିମଳ ମୁଣ୍ଡା, ଉପେନ୍ଦ୍ର ନାୟକ, ଟୁନା ସେଠି, ବିଚା ଓରାମ, ଯଶବନ୍ତ ନାୟକ ଏବଂ ଚନ୍ଦନ ସିଂ ସହଯୋଗ କରିଥିଲେ।

### ଜାତୀୟ ପ୍ରେସ୍ ଦିବସ ପାଳିତ

# ଲୋଗୋ ଉନ୍ମୋଚନ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ





ରାୟଗଡ଼ା,୧୬।୧୧(ସମିସ): ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ପ୍ରେସ୍ ଏଣ୍ଡ ମିଡିଆ ୱେଲଫେୟାର ଆସୋସିଏସନ ରାୟଗଡ଼ା ଜିଲ୍ଲାର ଲୋଗୋକୁ ଉନ୍ମୋଚନ କରିଛନ୍ତି ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା,କ୍ରୀଡା, ଓଡ଼ିଶା ଭାଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ରାଜ୍ୟସଭା ସାଂସଦ ସୁଜିତ୍ କୁମାର। ଆଜି ସକାଳେ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଠାରେ ଆସୋସିଏସନ ପକ୍ଷରୁ ଲୋଗୋ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ତ୍ରୀ ଓ ସାଂସଦ ଆସୋସିଏସନର ସମସ୍ତ ସଦସ୍ୟଙ୍କୁ ଜାତୀୟ ପ୍ରେସ ଦିବସର ଶୁଭକାମନା ଜଣାଇବା ସହ ଆସୋସିଏସନର ଲୋଗୋକୁ ଉନ୍ମୋଚନ କରିଥିଲେ। ପୂର୍ବାହ୍ନ ୧୧ଟା ସମୟରେ ସ୍ଥାନୀୟ ତେଜସ୍ୱୀ ହୋଟେଲ ସମ୍ମିଳନୀ କକ୍ଷରେ ପ୍ରେସ ଏଣ୍ଡ ମିଡିଆ ଆସୋସିଏସନ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ସମଦୃଷ୍ଟି ଖବର କାଗଜ କାର୍ଯ୍ୟ ନିର୍ବାହୀ ସଂପାଦକ ବିଘ୍ନେଶ୍ୱର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ବରିଷ୍ଠ ନାଗରିକ କଲ୍ୟାଣ ସଂଘ ସଭାପତି ବିନୋଦଚନ୍ଦ୍ର ପଣ୍ଡା ମଞ୍ଚାସୀନ ଥିଲେ। ଏଠାରେ ମଧ ଅତିଥିଙ୍କ ଦ୍ୱାରା ଲୋଗୋ ଉନ୍ମୋଚନ କରାଯାଇଥିଲା। ଉପାନ୍ତ ରାୟଗଡ଼ା ଜିଲ୍ଲାର ସାମ୍ବାଦିକମାନେ ଗଣମାଧମ ପ୍ରତିନିଧିଙ୍କ କଲ୍ୟାଣ ଚିନ୍ତା କରି ଏଭଳି ସଂଗଠନ ଗଠନ କରିଥିବାରୁ ଅତିଥିମାନେ ସାଧୁବାଦ ଜଣାଇଥିଲେ। ଜାତୀୟ ପ୍ରେସ ଦିବସ ପାଳନ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତ୍ରିନାଥ ଖାଡଙ୍ଗା, ରାଧାକୃଷ୍ଣ ପଟ୍ଟନାୟକ, ଅମୂଲ୍ୟରତ୍ନ ସାହୁ, ମାଉଡି ବାରିକ, ଚିତରଂଜନ ନାୟକ, ସୁରେଶ ଚନ୍ଦ୍ର ଦାଶଙ୍କ ସମେତ ଅନ୍ୟ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ। ପରିଚାଳନା କମିଟି ସଭ୍ୟ ଶିବାଜୀ ଦାସ, ଶିବ ନାରାୟଣ ଗୌଡ଼, କେ.ଶିବ ପ୍ରସାଦ ଦୋରା, ତୁଷାର ରଂଜନ ସାହୁ, ୱାଇ.ଦାମୋଦର ରାଓ, ପ୍ରଶାନ୍ତ ପାଳ ସଭା ପରିଚାଳନା କରିଥିଲେ। ଅନ୍ୟ ଉପସ୍ଥିତ ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଶିବାଜୀ ଦାସ ପ୍ରାରମ୍ଭିକ ଭାଷଣରେ ଆସୋସିଏସନର ଏକତା ସମଗ୍ର ଓଡିଶାରେ ଉଦାହରଣ ସୃଷ୍ଟି କରିବ ବୋଲି କହିଥିଲେ। ଶେଷରେ ସାମ୍ବାଦିକ ଶିବ ନାରାୟଣ ଗଉଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଉଦଘୋଷିକା ବିଦିଶା ଶତପଥି ଉପସ୍ଥିତ ରହି ସୂଚାରୁରୂପେ ମଞ୍ଚ ପରିଚାଳନା କରିଥିଲେ।

## ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟିତ



ବନ୍ଧୁଗାଁ,୧୬।୧୧(ସମିସ): କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ ଆଲୋମଣ୍ଡା ଠାରେ ନବନିର୍ମିତ ଏକଲବ୍ୟ ମଡେଲ ସ୍କୁଲକୁ ଭିଡିଓ କନ୍‌ଫରେନ୍ସ ଯୋଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ କୈଳାଶ କୁଲେସିକା, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା, ଜିଲ୍ଲାପରିଷଦ ଅଧ୍ୟକ୍ଷା ସୁଶ୍ରୀ ସସ୍ମିତା ମେଲେକା, ବିଜେପି ଜୋନ୍ ୧ ସଭାପତି ବିଜୟ କୁମାର ରୁଙ୍ଗାନା, ବନ୍ଧୁଗାଁ ଜୋନ୍ ୨ ବଜେପି ସଭାପତି ଦାସା ମେଲେକା ବନ୍ଧୁଗାଁ ବିଡିଓ ମିନତି ଜଗଦ୍ଦେବ, ତହସିଲଦାର ସୋନାଲି ପାତ୍ର, ଅର୍ଜୁନ ନାୟକ, ବିଜେପି ଜିଲ୍ଲା କାର୍ଯ୍ୟକର୍ତ୍ତା ଶରତ ପାତ୍ର, ଆଲୋମଣ୍ଡା ସରପଞ୍ଚ ଗୈରି ମେଲେକା, ବିଧାୟକ ପ୍ରତିନିଧି ଏଙ୍କାଟିବାବୁ ,ଏମପି ପ୍ରତିନିଧି ଲକ୍ଷ୍ମଣ ଖୋସଲା, ଲକ୍ଷ୍ମୀପୁର ବିଜେପି ବ୍ଲକ ସଭାପତି ମୋନଜ ସାହୁ ,ଉଦୟ ହିକକା ପ୍ରମୁଖ ଉପସ୍ଥିତ ରହିଥିଲେ। ବିଧାୟକ ଏବଂ ପୂର୍ବତନ ବିଧାୟକ ମଞ୍ଚରେ ବନ୍ଧୁଗାଁ ଠାରେ ଏହି ବିଦ୍ୟାଳୟ ଜନଜାତି ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ଉନ୍ନତି କରିବାରେ ସହାୟକ ହେବ ବୋଲି କହିଥିଲେ। ବିଦ୍ୟାଳୟଟି ୧୪ ଏକର ଜମିରେ ୩୦କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ବେଳେ ୫୬୦ ଶିକ୍ଷାର୍ଥୀ ଷଷ୍ଠ ଶ୍ରେଣୀରୁ ଶିକ୍ଷା ଆରମ୍ଭ ହୋଇ ଦ୍ୱାଦଶ ପର୍ଯ୍ୟନ୍ତ ଶିକ୍ଷାଦାନ କରିବାର ବ୍ୟବସ୍ଥା ରହିଛି। ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ସିବିଏସ୍‌ଇ କୋର୍ସରେ ପାଠ ପଢ଼ାଇବାର ବ୍ୟବସ୍ଥା ରହିଛି।

## ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ରାୟଗଡ଼ା,୧୬।୧୧(ସମିସ):



ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ରାୟଗଡ଼ା ଜିଲ୍ଲା ତରଫରୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟାବଂଶୀ ସୁରଜଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।

ସୂଚନାଯୋଗ୍ୟ, ବେସରକାରୀ ମହାବିଦ୍ୟାଳୟରେ ୨୦୦୮ ରୁ ୨୦୧୮ (ଶିକ୍ଷାରେ ଅଗ୍ରଗାମୀ ଜିଲ୍ଲା) ଏବଂ ୨୦୧୦ ରୁ ୨୦୨୦ (ଶିକ୍ଷାରେ ପଛରେ ପଡିଥିବା ଜିଲ୍ଲା ) ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରଙ୍କ ପ୍ରତିନିଧି ପିପିଲି ବିଧାୟକ, ଭୁବନେଶ୍ୱର ଏକାମ୍ର ବିଧାୟକ ଏବଂ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କ ଆଲୋଚନା ମୁତାବକ ଅକ୍ଟୋବର ୧୫ ତାରିଖରେ ସରକାରଙ୍କ ସହ ସଂଘର ଆଲୋଚନା ସମାହିତ ହୋଇଛି। ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ସୁରଜଙ୍କ ଅଧ୍ୟକ୍ଷତାରେ ଏହି ଆଲୋଚନାରେ ବିଧାୟକ ପିପିଲି ଆଶ୍ରିତ ପଟ୍ଟନାୟକ, ଉଚ୍ଚ ଶିକ୍ଷା ସଚିବ, ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଯୋଗ ଦେଇଥିଲେ। ଉଚ୍ଚ ଶିକ୍ଷା ମନ୍ତ୍ରୀ ଖୁବ ଶୀଘ୍ର ୨୦୦୮ ରୁ ୨୦୧୮ (ଶିକ୍ଷାରେ ଅଗ୍ରଗାମୀ ଜିଲ୍ଲା) ଏବଂ ୨୦୧୦ ରୁ ୨୦୨୦ (ଶିକ୍ଷାରେ ପଛରେ ପଡିଥିବା ଜିଲ୍ଲା ) ଅନୁଦାନ ନୀତି ପ୍ରଣୟନ ପାଇଁ ନିର୍ଭର ପ୍ରତିଶୃତି ପ୍ରଦାନ କରିଥିଲେ। ଆଜିର ସମ୍ବର୍ଦ୍ଧନା ପର୍ବରେ ସଂଘର ରାୟଗଡ଼ା ଜିଲ୍ଲା ସଂଯୋଜକ ଡ଼. ସଂଗ୍ରାମ କେଶରୀ ନାୟକ, ଖଣ୍ଡ ସଂଯୋଜକ ଅନନ୍ତ ଚୌଧରୀ, ଅଧ୍ୟାପକ ଦେବଦତ୍ତ ନାୟକ, ଅଧ୍ୟପିକା ଦୀପିକା ପଟ୍ଟନାୟିକ ଏବଂ ସ୍ମୃତିଦୀପାଳି ସାମଲଙ୍କ ସମେତ ଜିଲ୍ଲାର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ।

## ପ୍ରାଥମିକ ଚିକିତ୍ସା ସଚେତନତା କାର୍ଯ୍ୟକ୍ରମ

କୋରାପୁଟ,୧୬।୧୧(ସମିସ): ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ଅନ୍ତର୍ଗତ ଯୁବ ରେଡ଼କ୍ରସ୍ ଆନୁକୁଲ୍ୟରେ ସରକାରୀ ଡିଏଭି ମହାବିଦ୍ୟାଳୟର କନଫରେନ୍ସ କକ୍ଷଠାରେ ଦ୍ୱିଦିବସୀୟ ଜୋନ୍‌ସ୍ତରୀୟ ପ୍ରାଥମିକ ଚିକିତ୍ସା ସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ନଭେମ୍ବର ୧୫ ଓ ୧୬ ଦୁଇ ଦିନ ଧରି ହେବାକୁ ଥିବା ଏହି ସଚେତନତା ଶିବିରର ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାର କନିଷ୍ଠ ରେଡ଼କ୍ରସ୍ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୋରାପୁଟ ଜିଲ୍ଲା ଏମର୍ଜେନ୍ସି ଅଫିସର ସୌରଂଜିତା ମାଝି, ମୁଖ୍ୟବକ୍ତା ଭାବେ ସରକାରୀ ଡିଏଭି ମହାବିଦ୍ୟାଳୟ ପରିଚାଳନା ପରିଷଦ ଅଧ୍ୟକ୍ଷ ଡ.ଜୟନ୍ତ କୁମାର



ମହାନ୍ତି, କୋରାପୁଟ ଜିଲ୍ଲା ରେଡ଼କ୍ରସ ଆବାହକ ଡ.ଲୋପାମୁଦ୍ରା ସ୍ୱାଇଁ, ସରକାରୀ ଡିଏଭି ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ଜିଲ୍ଲା ରେଡ଼କ୍ରସ ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ ଏବଂ ଜିଲ୍ଲା ରେଡ଼କ୍ରସ ସଂଯୋଜକ ଡ.ନରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଲକ୍ଷ୍ମଣ ସ୍ୱାଇଁ, ଗୁଲସନ କୁମାର ଦାସ ଓ ଡ. ରଂଜନ କୁମାର ସ୍ୱାଇଁ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାୟଗଡା, ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ୧୪୦ ଛାତ୍ରଛାତ୍ରୀ ଓ ୩୦ ଜଣ ଅଧ୍ୟାପକ ଅଧ୍ୟାପିକା କାଉନ୍‌ସିଲର ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଯୁବ ରେଡ଼କ୍ରସ୍ କାଉନସିଲର ରଂଜନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାଥମିକ ଶିକ୍ଷକ ସଂଘର ବାର୍ଷିକ ନିର୍ବାଚନ

କୁଡୁମୁଲୁଗୁମା,୧୬ ।୧୧(ସମିସ): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମା ଶିକ୍ଷା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ବାର୍ଷିକ ନିର୍ବାଚନ ଆଜି ଅନୁଷ୍ଠିତ ହୋଇଛି। ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ତାରକ ମଣ୍ଡଳ ମହାଶୟ,ଜିଲ୍ଲା ସମ୍ପାଦକ ଦାମୋଦର ସାହୁ , ଜିଲ୍ଲା କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ସରକାର, ଜିଲ୍ଲା ଉପଦେଷ୍ଟା ପ୍ରଦୀପ ଦଳେଇ, ଖଇରପୁଟ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଂପାଦକ ହିମାଂଶୁ ଶେଖର ପାଢ଼ୀ ତଥା କୁଡୁମୁଲୁଗୁମା ବ୍ଲକ ଶିକ୍ଷକ ସଂଘର ପୂର୍ବତନ ସଭାପତି ଉପସ୍ଥିତ ଥିଲେ। ନିର୍ବାଚନୀ ପ୍ରକ୍ରିୟା ଶେଷରେ କୁଡୁମୁଲୁଗୁମା ଶିକ୍ଷା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ନୂତନ କାର୍ଯ୍ୟକାରୀ ସମିତିର ଘୋଷଣା କରାଯାଇଥିଲା। ସଭାପତି ଭାବେ ରମେଶ ଚନ୍ଦ୍ର ନେଲୁରୁ ନିର୍ବାଚିତ ହୋଇଛନ୍ତି। ଉପ ସଭାପତି ଭାବେ ସୁଧାକର ନାୟକ ଓ ଉପ ସଭାନେତ୍ରୀ ଜ୍ୟୋସ୍ନାରାଣୀ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସଂପାଦକ ପଦବୀ ପାଇଁ ବ୍ରଜନାରାୟଣ ଦାସ, ସଂଗଠନ ସଂପାଦକ ଭାବେ ସୁଶାନ୍ତ ପାତ୍ର ଓ ସଂଗଠନ ସଂପାଦକ ଅଶୋକ କୁମାର ଦାସ, କୋଷାଧ୍ୟକ୍ଷ ଭାବେ



ଅମର ଲୋଚନ ମଲ୍ଲିକ ଓ ବ୍ଲକ୍ ସଂଯୋଜକ ଭାବରେ ଉମା ଶଙ୍କର ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ପ୍ରତାପ ଚନ୍ଦ୍ର ମାଝୀ, ଡମ୍ବୁରୁଧର ଭତ୍ରା, ଜନ୍ ସିର୍କା , କର୍ଣ୍ଣ ଭତ୍ରା , ସାମନ୍ତ ଶେଖର ବେନ୍ୟାଙ୍କୁ ଅନ୍ତର୍ଭୁକ୍ତ କରାଗଲା। କାର୍ଯ୍ୟକ୍ରମର ସମାପନୀ ଅଂଶରେ ନିର୍ବାଚିତ ସଭାପତି ଏବଂ ଦଳ ତାଙ୍କ ଉତ୍ତର ଭାଷଣରେ ଶିକ୍ଷକ ସମାଜର ସମସ୍ତ ନ୍ୟାୟସଙ୍ଗତ ଦାବି, ପାରିବେଶିକ ସୁଧାର, ପେଶାଗତ ସମ୍ମାନ, ବ୍ଲକର ଶିକ୍ଷାଗତ ଉନ୍ନତି ଓ ସଙ୍ଗଠନର ସୁଦୃଢତା ପାଇଁ ସଂଗଠିତ ହୋଇ ଲଢ଼ିବା ପାଇଁ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ବିଷମ କଟକ ୧୬।୧୧(ସମିସ):

ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ମୁଖ୍ୟ ଅତିଥି ଭାବେ ବିଷମ କଟକ ବିଧାୟକ ନୀଳମାଧବ ହିକକା ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ସାଂସଦ ପ୍ରତିନିଧି ଦିଲୀପ କୁମାର ପଟ୍ଟନାୟକ, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡ. ମୃଣୟ ପଣ୍ଡା,ଜିଲ୍ଲା ମତ୍ସ୍ୟ କୃଷି ଅଧିକାରୀ ସୁସାନ୍ତ କୁମାର ଗୌଡ, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ (ରୋଗ ନିୟନ୍ତ୍ରଣ) ନରେଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ମେଳାର ଶୁଭାରମ୍ଭ କରିଥିଲେ। ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ କେ.ହରପ୍ରିୟା ଆଚାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାରମ୍ପରିକ ଗୋଟିଏ ଚାଷ ବଦଳରେ ସମନ୍ୱିତ ଚାଷ, କରି କମ୍ ସମୟରେ କମ୍ ସ୍ଥାନରେ ଉନ୍ନତ ମାନର ଜ୍ଞାନ କୌଶଳ ଉପଯୋଗ କରି ଅଧିକା ଶଷ୍ୟ ଉତ୍ପାଦନ କରିବା ନେଇ ଚାଷିଙ୍କୁ ପରାମର୍ଶ ଦେଇଥିଲେ। ବିଭନ୍ନ କିଷମର ଚାଷ କରିପାରିଲେ ସାରା ରାଜ୍ୟରେ ବେକାର ସମସ୍ୟା ରହିବ ନାହିଁ। ଏଣୁ ଆମ ଅଞ୍ଚଳର ଯୁବ ବର୍ଗ ଉଦ୍ୟୋଗୀ ହୋଇ ସ୍ୱାବଲମ୍ବୀ ହେବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ରେ ୨୧ ଗୋଟି ପଞ୍ଚାୟତର ମୋଟ ୪୨୦ ଚାଷୀ ପଞ୍ଜିକୃତ ହୋଇଥିଲେ। ଏ ଅବସରରେ ୮ଜଣ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ତମ କୁମାର ଦାଶ ମଞ୍ଚ ପରିଚାଳନା କରିଥିଲେ। ବ୍ଲକ ମତ୍ସ୍ୟ, କୃଷି ଅଧିକାରୀ କାଳିଆ ବାଉରି ଧନ୍ୟବାଦ ଅର୍ପଣ କରିଥିଲେ। ବିଷମ କଟକ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡ. ଚିନ୍ମୟ ସାହୁ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ଡ. ରେବତୀ ରମଣ ମହାନ୍ତି ଏବଂ ସମସ୍ତ ପ୍ରାଣୀଧନ ନିରୀକ୍ଷକ, ପ୍ରାଣୀ ମିତ୍ରଙ୍କ ସମେତ ସମସ୍ତ ବିଭାଗର କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୂଚାର ରୂପେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଷମ କଟକ ଥାନା ଆଇଆଇସି ସୂର୍ଯ୍ୟଚନ୍ଦ୍ର ପାଢି ଉପସ୍ଥିତ ଚାଷି ମାନେ ସାଇବର ଠକେଇରୁ କିପରି ବଞ୍ଚିତ ହେବ ସେ ନେଇ ସଚେତନ କରିଥିଲେ।

## ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉତ୍ସବ



କୋଷାଗୁମୁଡା,୧୬।୧୧(ସମିସ): କୋଷାଗୁମୁଡା ବ୍ଲକର ବେଲପୁଟି ଆଶ୍ରମ ବିଦ୍ୟାଳୟରେ ପିତା,ମାତା ତଥା ଅଭିଭାବକଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ଅବସରରେ ବିଦ୍ୟାଳୟରେ ଖେଳ, ଗୀତ ,ନାଚ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ୨୪ଟି ପ୍ରମାଣ ପତ୍ର, ବିଦ୍ୟାଳୟର ପ୍ରଧାନଶିକ୍ଷକ ଧୀରେନ କୁମାର ଦାସ ଓ ସ୍ଥାନୀୟ ସରପଞ୍ଚ ମଙ୍ଗଳ ମାଝୀ ପ୍ରଦାନ କରିଛନ୍ତି। କାର୍ଯ୍ୟ ଆରମ୍ଭ ପୂର୍ବାହ୍ନ ୧୦ଟା ୩୦ରେ ଆରମ୍ଭ ହୋଇଥିଲା। ଅପରାହ୍ଣରେ ଦ୍ୱିତୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଦ୍ୟାଳୟ ପ୍ରାଙ୍ଗଣରେ ଅଭିବାବକ, ସ୍ଥାନୀୟ ବିଦ୍ୟାଳୟ କମିଟିକୁ ନେଇ ବିଦ୍ୟାଳୟରେ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ଶିକ୍ଷକ ଜିତେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ କରିଥିଲେ। ସେହିପରି ଶିକ୍ଷୟିତ୍ରୀ ପି-ଉମାରାଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ମଙ୍ଗଳ ମାଝୀ, ସମ୍ମାନିତ ଡୁମର ପୂଜାରୀ,ଡମ୍ବୁରୁ ନାୟକ, ୱାର୍ଡମେମ୍ବର ଧନମୋତି ଭତ୍ରା ଉପସ୍ଥିତ ଥିଲେ। ଆଜିର କାର୍ଯ୍ୟକ୍ରମର ସଭାପତି ଭାବରେ ଧୀରେନ କୁମାର ଦାସ ଥିଲେ। କୋଷାଗୁମୁଡା ବ୍ଲକର ସମସ୍ତ ବିଦ୍ୟାଳୟରେ ଚଇତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଭଙ୍ଗା କୁଡ଼ିଆରେ ଦୁଆରୁଣି ଶିଶାଙ୍କ ପରିବାର

ନନ୍ଦପୁର,୧୬।୧୧ (ସମିସ): ନନ୍ଦପୁର ଥାନା ଅନ୍ତର୍ଗତ ଟିକରପଡା ଗ୍ରାମ ପଞ୍ଚାୟତର ଚାନ୍ଦଲା ମୁଣ୍ଡା ଗ୍ରାମରେ ଜରି କୁଡିଆରେ ମୁଣ୍ଡ ଗୁଞ୍ଜିଛନ୍ତି ଅସହାୟ ଗରିବ ବୃଦ୍ଧା ଦୁଆରୁଣି ଶିଶା। ତାଙ୍କ ପରିବାର

### ପ୍ରଶାସନର ପଡୁନି ଦୃଷ୍ଟି

କହିଲେ ଆଖିକୁ ଦିଶୁ ନିଥିବା ତାଙ୍କର ସ୍ୱାମୀ ସମା ଶିଶା, ପୁଅ ଓ ବିଧବା ଝିଅ ତୁଳସା ଶିଶା। ଘର ଚାରିପଟ ଖୋଲାମେଲା। କେଇଖଣ୍ଡ ବାଉଁଶ ଓ ପିରି ଛପର ଉପରେ ପଡିଛି ନାମକୁ ମାତ ଜରିପାଲ। ଏଭଳି ଦଦରା କୁଡିଆରେ ମୁଣ୍ଡ ଗୁଞ୍ଜି ଅଭିଶପ୍ତ ଜୀବନ ଅତିବାହିତ



କରିବାକୁ ବାଧ ହେଉଛନ୍ତି ୪ ସଦସ୍ୟ। ଆବାସ କି ଭତ୍ତା ନାହିଁ । ବରଂ ଝଡ଼ବର୍ଷା ଓ ସରିସୃପଙ୍କ ସହ ସଂଘର୍ଷ କରି ଏହି ଅସହାୟ ପରିବାର ସବୁବେଳେ ରହୁଛନ୍ତି। ବର୍ଷା ହେଲେ କେବେ କେବେ ଓଦା ସର ସର ବୁଲିବି ଜନେନି । ଓଳିଏ ଖାଇଲେ ଓଳିଏ ନାହିଁ। ରାସନ ବାବଦକୁ ଏହି ଚାରି ଜଣିଆ ପରିବାରକୁ ମିଳୁଛି ମାତ୍ର ୫ କେଜି ଚାଉଳ। ନା ମିଳୁଛି ବାର୍ଦ୍ଧକ୍ୟ ଭତ୍ତା ନା ବିଧବା ଭତ୍ତା ନା ମିଳିଛି ଆବାସ। ହେଲେ ପ୍ରଶ୍ନ ଉଠୁଛି ଏହି ସବୁ ସରକାରୀ ଯୋଜନା କାହା ପାଇଁ। ପ୍ରଶାସନିକ କଳରେ କେଉଁଠି ତ୍ରୁଟି ରହିଯାଉଛି ତାହା ଜାଣି ହେଉନି। ଦୁଃଖର ବିଷୟ ୱାର୍ଡ ମେମ୍ବର ଠାରୁ ସରପଞ୍ଚ ପିଇଓ ଠାରୁ ବିଡିଓ କାହାରି ନଜର ପଡୁନି ଏହି ଦୁଃଖୀ ପରିବାର ଉପରେ।

## ରାଜ୍ୟସ୍ତରୀୟ ଦୌଡ଼ ପ୍ରତିଯୋଗିତାରେ ପଲମା ବିଦ୍ୟାଳୟକୁ ଦ୍ୱିତୀୟ ସ୍ଥାନ

କଲ୍ୟାଣସିଂହପୁର,୧୬।୧୧(ସମିସ): ରାଜ୍ୟସ୍ତରୀୟ ଦୌଡ଼ ପ୍ରତିଯୋଗିତାରେ ପଲମା ବିଦ୍ୟାଳୟ ଦ୍ୱିତୀୟ ସ୍ଥାନରେ ରହିଥିବା ଜଣାପଡ଼ିଛି। ରାଜ୍ୟସ୍ତରୀୟ ବାଳିକା ଦୌଡ଼ ଖେଳକୁଦ ୨୦୦ ମିଟରରେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପଲମା ପଞ୍ଚାୟତ ସଦରର ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମୌସମୀ ମାଝୀ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ ଉକ୍ତ ବିଦ୍ୟାଳୟର ଆଉ ଜଣେ ଛାତ୍ରୀ ୩୦୦୦ ମିଟର ଦୌଡ଼ରେ ଲଳିତା ତିଆକା ତୃତୀୟ ସ୍ଥାନରେ ରହିଥିବା ସୂଚନା ଦେଇଛନ୍ତି ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବାବୁଲା ମେଳାକା। ଏହି ଦୌଡ଼ ପ୍ରତିଯୋଗିତା



ବାଲେଶ୍ୱର ଜିଲ୍ଲାର ମିନି ଷ୍ଟାଡିଅମଠାରେ ପ୍ରଶାସନ ପକ୍ଷରୁ ଆୟୋଜନକ କରାଯାଇଥିଲା। ରାଜ୍ୟର ପ୍ରତ୍ୟେକ ବିଦ୍ୟାଳୟରୁ ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଙ୍କୁ ନେଇ ରାଜ୍ୟସ୍ତରୀୟ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପଲମା ବିଦ୍ୟାଳୟର ମୌସମୀ ଦ୍ୱିତୀୟ ଓ ଲଳିତା ତୃତୀୟ ସ୍ଥାନ ଅଧିକାର କରିଥିବାରୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀ ଦୁଇ ବିଜେତାଙ୍କୁ ସ୍ୱାଗତ ଜଣାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିମନ୍ୟୁ ଚୌଧରି ଧନ୍ୟବାଦ ଜଣେଇଛନ୍ତି।

# ସମ୍ପାଦକୀୟ



ସ୍ୱାଧୀନ ଭାରତର ଅନନ୍ୟ ଉପଲବ୍ଧି ମଧ୍ୟରୁ ମୁକ୍ତ ଗଣମାଧ୍ୟମ ଅନ୍ୟତମ।
-ସବାନା ଆଜ୍‌ମୀ

ସକାଳ
THE SAKALA

## ଅର୍ଥନୀତି ଉପରେ ରାଜନୀତି ବୋଝ

କ୍ଷମତା ହାସଲ ପାଇଁ ନିର୍ବାଚନ ରଣନୀତିର ଏକ ଅପରିହାର୍ଯ୍ୟ ଅଙ୍ଗ ପାଲଟିଥିବା 'ଫ୍ରିବିଜ୍'ବା 'ମାଗଣା' ନାମକ ଅସ୍ତ୍ରଟିର ସୁଦୂରପ୍ରସାରୀ ପ୍ରଭାବ ସାମଗ୍ରିକ ଭାବେ ଦେଶର ଅର୍ଥନୀତି ଉପରେ ପଡୁଥିବା ଜାଣି ମଧ୍ୟ ରାଜନୈତିକ ଦଳମାନଙ୍କର ସେଥିପ୍ରତି ଭ୍ରୂକ୍ଷେପ ନାହିଁ। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକାଧିକ ଥର ଏ ବିଷୟରେ ରାଜନୈତିକ ଦଳମାନଙ୍କୁ ସଚେତନ କରିବା ସହିତ ଅସନ୍ତୋଷ ପ୍ରକାଶ କରିଛନ୍ତି। କିନ୍ତୁ ଭାରତୀୟ ରାଜନୀତିରେ ଏଭଳି ଅବାଞ୍ଛିତ ଧାରା ହ୍ରାସ ପାଇବା ବଦଳରେ ବଢ଼ି ଚାଲିଛି। ସଦ୍ୟସମାପ୍ତ ବିହାର ନିର୍ବାଚନରେ ମଧ୍ୟ ମହିଳା ଉଦ୍ୟୋଗୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଅଗ୍ରୀମ ହସ୍ତାନ୍ତର ନିର୍ବାଚନ ଫଳକୁ ନିର୍ଣ୍ଣାୟକ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ରାଜନୈତିକ ବିଶାରଦମାନେ ମତ ଦେଇଛନ୍ତି। ଏହାର ବୋଝକୁ ଗରିବ ରାଜ୍ୟ ବିହାରର ଅର୍ଥନୀତି କେତେ ସହିପାରିବ ତାହା ଭିନ୍ନ କଥା।

ବିଭିନ୍ନ ନାମରେ ନଗଦ ପ୍ରତ୍ୟକ୍ଷ ହସ୍ତାନ୍ତର ରଣକୌଶଳଟି ମଧ୍ୟପ୍ରଦେଶରେ ସଫଳ ସାବ୍ୟସ୍ତ ହେବା ପରେ ଓଡ଼ିଶା, ମହାରାଷ୍ଟ୍ର, ବିହାର ସମେତ ଅନ୍ୟ କେତେକ ରାଜ୍ୟରେ ପ୍ରୟୋଗ କରି ଶାସକ ଦଳ ଆଶାତୀତ ସଫଳତା ହାସଲ କରିଚାଲିଛନ୍ତି। ଯୋଗ୍ୟ ମହିଳା ହିତାଧିକାରୀମାନଙ୍କୁ ଏଭଳି ନଗଦ ହସ୍ତାନ୍ତର ଯୋଜନା ମାଧ୍ୟମରେ ଜାମ୍ମୁକାଶ୍ମୀରରେ ସର୍ବାଧିକ ମାସିକ ୫ ହଜାର ଟଙ୍କା ଲେଖାଏଁ ମିଳୁଥିବା ବେଳେ ହିମାଚଳ ପ୍ରଦେଶ ଓ ଆନ୍ଧ୍ରପ୍ରଦେଶରେ ମାସିକ ୧୫୦୦ ଟଙ୍କା, ପଞ୍ଜାବରେ ୧୧୦୦ ଟଙ୍କା, ଛତିଶଗଡ଼ ଓ ପଶ୍ଚିମବଙ୍ଗ ଓ ତାମିଲନାଡୁରେ ୧୦୦୦ ଟଙ୍କା, ଦିଲ୍ଲୀ, ମହାରାଷ୍ଟ୍ର ଓ ହରିଆଣାରେ ୨୧୦୦ ଟଙ୍କା, ଝାଡ଼ଖଣ୍ଡ ଓ ତେଲଙ୍ଗାନାରେ ୨୫୦୦ ଟଙ୍କା, ମଧ୍ୟପ୍ରଦେଶ ଓ ଆସାମରେ ୧୨୫୦ ଟଙ୍କା, କର୍ଣ୍ଣାଟକରେ ୨୦୦୦ ଟଙ୍କା ଓ ଓଡ଼ିଶାରେ ସର୍ବନିମ୍ନ ୮୩୩ ଟଙ୍କା ମିଳୁଛି। ଅପରପକ୍ଷରେ ଦେଶର ଜିଡିପିରେ ୯୦% ଅବଦାନ ରଖୁଥିବା ଉପରୋକ୍ତ ରାଜ୍ୟଗୁଡ଼ିକର ଋଣ ବୋଝ ସାମଗ୍ରିକ ଭାବେ ୨୮ ଲକ୍ଷ କୋଟି ଟଙ୍କାରୁ ଅଧିକ। ସେମାନଙ୍କର ମୋଟ ବିତ୍ତୀୟ ନିଅଣ୍ଟ ପରିମାଣ ୨୦୨୪-୨୫ ଆର୍ଥିକ ବର୍ଷ ସୁଦ୍ଧା ୯.୫ ଲକ୍ଷ କୋଟି ଏବଂ ରାଜସ୍ୱ ନିଅଣ୍ଟ ୨.୧ ଲକ୍ଷ କୋଟି ଟଙ୍କାରୁ ଅଧିକ।

ଋଣଂ କୃତ୍ୱା ଘୃତଂ ପିବେତ୍ ନୀତି ହିଁ ଏବେ ରାଜନୀତିର ମୂଳମନ୍ତ୍ର ହୋଇଥିବାରୁ 'ନୋଟ୍ ବଦଳରେ ଭୋଟ'ର ଏହି ପରିବର୍ତ୍ତିତ ଧାରା ବିଭିନ୍ନ ଯୋଜନାର ମୁଖା ପିନ୍ଧି ଏକପ୍ରକାର ବୈଧ ହୋଇସାରିଛି। ତେଣୁ ବିନା ଫ୍ରିବିଜ୍ ଘୋଷଣାରେ କେହି ନିର୍ବାଚନ ଜିତିପାରିବେ ନାହିଁ କି କ୍ଷମତାକୁ ଆସିବା ପରେ ଏଭଳି ଅବାଞ୍ଛିତ ପରମ୍ପରାର ସମ୍ପୂର୍ଣ୍ଣ ବିଲୋପ ପାଇଁ ସଂସ୍କାର ଆଣିପାରିବେ ନାହିଁ। ଭାରତୀୟ ଗଣତନ୍ତ୍ର ଏହି ଫ୍ରିବିଜ୍ ରୂପକ ଅସ୍ତ୍ରରେ କ୍ଷତାକ୍ତ ହୋଇଚାଲିଥିବ ଏବଂ ଭାରତୀୟ ଅର୍ଥନୀତି ଏହି ବୋଝ ମୁଣ୍ଡାଇ ଚାଲିଥିବ। ଏଥିରୁ ନିସ୍ତାର ସମ୍ଭାବନା ସୁଦୂର ଭବିଷ୍ୟତରେ ମଧ୍ୟ ଦେଖାଯାଉନାହିଁ।

## ଯକ୍ଷ୍ମା-ସମସ୍ୟା ଜଟିଳ

ଯକ୍ଷ୍ମା ଭଳି ଧୀର ଅଥଚ ପ୍ରାଣଘାତୀ ସଂକ୍ରମଣରେ ପ୍ରତିବର୍ଷ ଯେତିକି ଲୋକ ଭାରତରେ ମୃତ୍ୟୁମୁଖରେ ପଡୁଛନ୍ତି ତାହା କରୋନା ମହାମାରୀ ଜନିତ ମୃତ୍ୟୁ ସଂଖ୍ୟାଠାରୁ ମଧ୍ୟ ଅଧିକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ସଦ୍ୟତମ(ଗତ ୧୨ ତାରିଖ) ବିଶ୍ୱ ଯକ୍ଷ୍ମା ରିପୋର୍ଟ ୨୦୨୫ର ତଥ୍ୟାନୁଯାୟୀ ଗତବର୍ଷ ଭାରତରେ ୨୭ ଲକ୍ଷ ୧୦ ହଜାର ରୋଗୀ ଥିବା ବେଳେ ୩ ଲକ୍ଷ ରୋଗୀ ପ୍ରାଣ ହରାଇଛନ୍ତି। ରିପୋର୍ଟ ଅନୁଯାୟୀ ଏବେ ବିଶ୍ୱର ଏକ-ଚତୁର୍ଥାଂଶରୁ ଅଧିକ ଯକ୍ଷ୍ମା ରୋଗୀ ଭାରତରେ ଅଛନ୍ତି, ଯାହା ଦେଶର ଜନସ୍ୱାସ୍ଥ୍ୟ ପରିଚାଳନାରେ ବ୍ୟାପକ ପ୍ରତିବନ୍ଧକ ସୃଷ୍ଟି କରୁଛି।

ପ୍ରତିବର୍ଷ ମାର୍ଚ୍ଚ ମାସରେ କେନ୍ଦ୍ର ସରକାର ଯକ୍ଷ୍ମା ରୋଗ ସମ୍ପର୍କିତ ତଥ୍ୟ ଜାରି କରୁଥିଲେ ମଧ୍ୟ ଚଳିତ ବର୍ଷ ଏଥିରୁ ଦୂରେଇ ରହିବାର କାରଣ ଜଣାପଡ଼ିନାହିଁ। ୨୦୩୦ସୁଦ୍ଧା ବିଶ୍ୱରେ ଯକ୍ଷ୍ମାକୁ ସମ୍ପୂର୍ଣ୍ଣ ବିଲୋପ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ୨୦୨୫ ସୁଦ୍ଧା 'ଯକ୍ଷ୍ମାମୁକ୍ତ ଭାରତ' ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। 'ଯକ୍ଷ୍ମାମୁକ୍ତ ଭାରତ' ପାଇଁ ଗଠିତ ଆଇପିସି ପ୍ରକଳ୍ପ ୧୦ଟି ରାଜ୍ୟର ୬୩ଟି ଜିଲ୍ଲାର ୧୮୯ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିବ୍ୟାପ୍ତ ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗତବର୍ଷ ସେପ୍ଟେମ୍ବର ମାସରେ ବିପିଏଏଲ୍ଏମ୍ ନାମରେ ଏକ ଅଭିଯାନ ଆରମ୍ଭ କରିଛି, ଯାହା ଏମ୍‌ଡିଆର-ଟିବି ଉପଚାର ପାଇଁ ଉଦ୍ଦିଷ୍ଟ। ଏ ସବୁ ପ୍ରୟାସ ସତ୍ତ୍ୱେ ପ୍ରାଥମିକସ୍ତରରେ ଯକ୍ଷ୍ମାର ଚିହ୍ନଟ ବ୍ୟବସ୍ଥା ପ୍ରଭାବଶାଳୀ ଓ କ୍ରିୟାଶୀଳ ହେଉ ନ ଥିବା କାରଣରୁ ଆଉ ମାତ୍ର ମାସେ ଭିତରେ ଏହି ଲକ୍ଷ୍ୟ ହାସଲକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ବିଶ୍ୱ ଯକ୍ଷ୍ମା ରିପୋର୍ଟ ୨୦୨୫ ଅନୁଯାୟୀ ଭାରତରେ ୨୦୧୫ରୁ ୨୦୨୪ ମଧ୍ୟରେ ଯକ୍ଷ୍ମା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ଧାର୍ଯ୍ୟ ଲକ୍ଷ୍ୟ ୫୦% ବଦଳରେ ମାତ୍ର ୨୧% ହୋଇପାରିଛି। ସେହିପରି ଯକ୍ଷ୍ମା ସଂକ୍ରମିତ ମୃତକଙ୍କ ସଂଖ୍ୟା ଏହି ସମୟ ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ୭୫% ବଦଳରେ ମାତ୍ର ୨୮% କମିଛି। ଏମ୍‌ଡିଆର-ଟିବି(ବହୁଔଷଧ ପ୍ରତିରୋଧକାରୀ ଯକ୍ଷ୍ମାରୋଗୀ)ଙ୍କ ସଂଖ୍ୟା ଭାରତରେ ବିଶ୍ୱର ସର୍ବାଧିକ ୨୭% ଥିବା ବେଳେ ବିଶ୍ୱର ମୋଟ ମୃତକଙ୍କ ମଧ୍ୟରେ ୨୯% ଭାରତରେ ରହିଛନ୍ତି।

ବିଡ଼ମ୍ବନା ହେଉଛି ଯକ୍ଷ୍ମା ସଂକ୍ରମଣ ହ୍ରାସ ହାର ଆଶାନୁରୂପ ହୋଇପାରୁନଥିବା ବେଳେ ଏହାର ନିରାକରଣ ବା ସମ୍ପୂର୍ଣ୍ଣ ବିଲୋପ ସାଧନ ପାଇଁ ପାଣ୍ଠି ବଢ଼ିବା ବଦଳରେ କମିବାରେ ଲାଗିଛି। ଘରୋଇ ସହଭାଗିତା ମଧ୍ୟ ହ୍ରାସ ପାଇଛି। ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଭାରତରେ ଜନସ୍ୱାସ୍ଥ୍ୟ ପରିଚାଳନା ଓ ବଜେଟ୍ ବ୍ୟବସ୍ଥା ସେତେ ସୁଦୃଢ଼ ନୁହେଁ କି ଜନସଚେତନତା ମଧ୍ୟ ପର୍ଯ୍ୟାପ୍ତ ନୁହେଁ। ଏଣୁ ଭାରତରେ ଯକ୍ଷ୍ମା ବ୍ୟାପିବା ପାଇଁ ଅନୁକୂଳ ପରିବେଶ ରହିଛି। ତେଣୁ ଲକ୍ଷ୍ୟ ହାସଲ ପାଇଁ ତୃଣମୂଳସ୍ତରରେ ମୌଳିକ ଚିକିତ୍ସା ସେବାକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରିବାକୁ ହେବ।

# ଆଜିର ସାମ୍ବାଦିକତା: ସମ୍ମାନ, ସମସ୍ୟା ଓ ସମାଧାନ

**ବିଭୂତି ଭୂଷଣ କର**

ଯେଉଁ ମହାନ ବୃତ୍ତି ସମାଜର ଦର୍ପଣ ତଥା ଲୋକତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ, ତାହାର ବର୍ତ୍ତମାନ ଅବସ୍ଥା, ସମ୍ମୁଖୀନ ହେଉଥିବା ଆହ୍ୱାନ ଓ ଭବିଷ୍ୟତର ଗତିପଥ ଆଲୋଚନାସାପେକ୍ଷ। ସାମ୍ବାଦିକତା ହେଉଛି ସତ୍ୟ ଓ ନ୍ୟାୟର ପ୍ରତିନିଧି। ସଜାଗ ସାମ୍ବାଦିକ ସମାଜକୁ ସଚେତନ ରଖେ, କ୍ଷମତା କେନ୍ଦ୍ରଗୁଡ଼ିକ ସହ ଉତ୍ତରଦାୟିତ୍ୱର ମଧ୍ୟସ୍ଥତା କରେ ଏବଂ ସାଧାରଣ ଲୋକଙ୍କ ସ୍ୱରକୁ ସଶକ୍ତ କରେ। ଏକ ଗଠନମୂଳକ ସାମ୍ବାଦିକତା ସମାଜରେ ବିଶ୍ୱାସ, ସହିଷ୍ଣୁତା ଓ ପାରସ୍ପରିକ ଆଲୋଚନାକୁ ବଢ଼ାଇଥାଏ।

ବର୍ତ୍ତମାନ ସମୟର ସାମ୍ବାଦିକମାନେ ଅନେକ ଜଟିଳ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ସମୟକ୍ରମେ ଗଣମାଧ୍ୟମ ସଂସ୍ଥା ଉପରେ ଆର୍ଥିକ ଚାପ ବଢ଼ିବା ଫଳରେ ପରୋକ୍ଷରେ ସଂପୃକ୍ତ ସଂସ୍ଥାର ସ୍ୱାଧୀନତା ଉପରେ ତାହାର ପ୍ରଭାବ ପରିଲକ୍ଷିତ ହେଉଛି। ବିଜ୍ଞାପନ ଓ ବଜାର ଚାପ ଯୋଗୁଁ ଗୁଣବତ୍ତାପୂର୍ଣ୍ଣ ସାମ୍ବାଦିକତା ବାଧାଗ୍ରସ୍ତ ହେଉଛି। କ୍ଷମତାଶାଳୀ ଶକ୍ତିଙ୍କ ତରଫରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ହସ୍ତକ୍ଷେପ ସାମ୍ବାଦିକତାର ମୁକ୍ତ ପ୍ରବାହରେ ବାଧା ସୃଷ୍ଟି କରୁଛି। ଅସତ୍ୟ ଖବର(ଫେକ୍ ନ୍ୟୁଜ୍), ଦ୍ରୁତଗାମୀ ଖବର(ବ୍ରେକିଂ ନ୍ୟୁଜ୍)ର ଚାପ, ଟ୍ରୋଲ୍ ବାହିନୀ ଓ ଅତିମାତ୍ରାରେ ସାମାଜିକ ଗଣମାଧ୍ୟମ ପ୍ରତିକ୍ରିୟା ଯୋଗୁଁ ଭୁଲ୍ ଖବର ପ୍ରସାରିତ ହେବାର ଆଶଙ୍କା ବଢ଼ିଛି। ଅନ୍ୟପକ୍ଷରେ ସ୍ଥାନୀୟ ସ୍ତରରେ, ସାମ୍ବାଦିକମାନେ ହିଂସ୍ର ଆକ୍ରମଣ ଓ ମାନସିକ ଉତ୍ପୀଡ଼ନର ଶିକାର ହେଉଛନ୍ତି। ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକତା ପାଇଁ ବାତାବରଣ ସତେଯେପରି ସଂକୁଚିତ ହୋଇଯାଉଛି। ଆମ ଦେଶ ସମେତ ଅନେକ ରାଷ୍ଟ୍ରରେ ସାମ୍ବାଦିକତା ଉପରେ ରାଜନୈତିକ ଚାପ ବଢ଼ିଛି। ସ୍ୱଚ୍ଛନ୍ଦତା ଓ ସ୍ୱାଧୀନତା ଉପରେ ଆଘାତ କରୁଥିବା ଆଇନ ପ୍ରଣୟନ, ସାମ୍ବାଦିକତା ଅନୁସନ୍ଧାନରେ ବାଧା ଓ ସାମ୍ବାଦିକଙ୍କୁ ଭୟଭୀତ କରିବାର ଚେଷ୍ଟା କରାଯାଉଛି। ଜନସାଧାରଣଙ୍କ ମଧ୍ୟରେ ଗଣମାଧ୍ୟମ ପ୍ରତି ବିଶ୍ୱାସ କ୍ରମଶଃ ହ୍ରାସ ପାଇବାରେ ଲାଗିଛି।

ଏହିସବୁ ଆହ୍ୱାନକୁ ସଫଳତାର ସହ ସମ୍ମୁଖୀନ ହୋଇ ସାମ୍ବାଦିକତାର ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ କେତେକ ମୌଳିକ ପଦକ୍ଷେପ ଆବଶ୍ୟକ। ସାମ୍ବାଦିକତାର ମୂଳଦୁଆ ହେଉଛି ନୈତିକତା। ପ୍ରାମାଣିକତା, ସଠିକତା, ନିଷ୍ପକ୍ଷତା ଓ ଦାୟିତ୍ୱଶୀଳତାକୁ ପ୍ରାଧାନ୍ୟ ଦେବା ଜରୁରୀ। ଯେକୌଣସି ଖବର ପ୍ରକାଶ ପୂର୍ବରୁ ତାହାର ଯାଞ୍ଚ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନୂତନ ଯୁଗରେ ଡିଜିଟାଲ୍ ସାକ୍ଷରତା ଏକ ଅତ୍ୟାବଶ୍ୟକୀୟ ଦକ୍ଷତା। ଅସତ୍ୟ ଖବର ଚିହ୍ନଟ, ଡିଜିଟାଲ୍ ଟୁଲ୍ସ ବ୍ୟବହାର କରି ଗଭୀର ସତ୍ୟାନ୍ୱେଷଣ ଓ ଡିଜିଟାଲ୍ ସୁରକ୍ଷା ବିଷୟରେ ସାମ୍ବାଦିକମାନଙ୍କୁ ପ୍ରଶିକ୍ଷିତ କରାଯିବା ଉଚିତ। ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ବିଜ୍ଞାପନ ଉପରେ ନିର୍ଭରଶୀଳତା କମ କରି ସଦସ୍ୟତା ମଡେଲ, କ୍ରସ୍-ସବସିଡି, ଫାଉଣ୍ଡେସନ୍ ମଡେଲ ଭଳି ବିକଳ୍ପ ଆର୍ଥିକ ମଡେଲ ଅନୁସନ୍ଧାନ କରିବା ଉଚିତ। ସାମ୍ବାଦିକଙ୍କ ସୁରକ୍ଷା ନିଶ୍ଚିତ କରୁଥିବା ଆଇନ ପ୍ରଣୟନ ସହ ତାହାର ପ୍ରୟୋଗ ଜରୁରୀ। ସାମ୍ବାଦିକଙ୍କ ବିରୁଦ୍ଧରେ ହେଉଥିବା ହିଂସା ଘଟଣାକୁ ଦ୍ରୁତ ଓ କଠୋର ଭାବେ ମୁକାବିଲା କରିବା ଆବଶ୍ୟକ। ସାମ୍ବାଦିକମାନେ ଭୁଲ୍ ସୁଧାରିବା ସହ ଫିଡବ୍ୟାକ୍ ଗ୍ରହଣ ଏବଂ ଜନସାଧାରଣଙ୍କ ସହ ନିୟମିତ ଯୋଗାଯୋଗ କରି ଗଣମାଧ୍ୟମର ବିଶ୍ୱାସ ଫେରାଇ ଆଣିବା ଉପରେ ଗୁରୁତ୍ୱ ଦେବାକୁ ହେବ।

ଆଜିର ସାମ୍ବାଦିକତା କେବଳ ଘଟଣାର ସରଳ ବର୍ଣ୍ଣନା ନୁହେଁ, ବରଂ ଏହା ଏକ ଜଟିଳ ପ୍ରକ୍ରିୟା, ଯାହା ତଥ୍ୟ ଯାଞ୍ଚ, ପ୍ରସଙ୍ଗ ବିଶ୍ଳେଷଣ, ମତବାଦ ଗଠନ ଏବଂ ସାମାଜିକ ଦାୟିତ୍ୱ ମଧ୍ୟରେ ସନ୍ତୁଳନ ବଜାୟ ରଖେ। ଡିଜିଟାଲ ଯୁଗରେ ସାମ୍ବାଦିକତାର ପରିସର ବ୍ୟାପକ ହୋଇଛି। ପାରମ୍ପରିକ ମୁଦ୍ରଣ ଓ ବୈଦ୍ୟୁତିକ ଗଣମାଧ୍ୟମ ସହିତ ଅନଲାଇନ୍ ନ୍ୟୁଜ୍ ପୋର୍ଟାଲ୍, ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଓ ସିଟିଜନ୍ ଜର୍ଣ୍ଣାଲିଜିମ୍ ଆଦି ଯୋଗୁଁ ଖବରର ପ୍ରବାହ ଅତୀବ ଦ୍ରୁତ ଓ ବିସ୍ତୃତ ହୋଇଛି। ଏହି ଡିଜିଟାଲ ପରିବର୍ତ୍ତନ ସହିତ ଆସିଛି '୨୪ ଘଣ୍ଟିଆ ନ୍ୟୁଜ୍ ସାଇକେଲ୍'ର ଚାପ। ଖବର ପ୍ରସାରଣର ଗତି ବୃଦ୍ଧି ପାଇଥିଲେ ମଧ୍ୟ ଏହା ଖବରର ଗୁଣବତ୍ତା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ପ୍ରଥମେ ଖବର ପହଞ୍ଚିବାର ଚାପରେ ଯାଞ୍ଚ ନ କରାଯାଇଥିବା ତଥ୍ୟ ଓ ମିଥ୍ୟା ଖବରର ପ୍ରସାର ବଢ଼ିଛି। ଏହି ପରିସ୍ଥିତିରେ, ଜଣେ ଆଧୁନିକ ସାମ୍ବାଦିକଙ୍କ ଭୂମିକା କେବଳ ଏକ ରିପୋର୍ଟର ନ ରହି, ଜଣେ ଫ୍ୟାକ୍ଟ-ଚେକର୍, ଡାଟା ବିଶ୍ଳେଷକ ଏବଂ ପ୍ରସଙ୍ଗ ସ୍ରଷ୍ଟା ଭାବରେ ବିକଶିତ ହୋଇଛି। ତେଣୁ ସାମ୍ବାଦିକଙ୍କୁ ଡିଜିଟାଲ୍ ଟୁଲ୍ସ, ଡାଟା ବିଶ୍ଳେଷଣ ଏବଂ ଫ୍ୟାକ୍ଟ-ଚେକିଂ ପ୍ରଣାଳୀ ପ୍ରତି ଅଧିକ ଦକ୍ଷ କରାଯିବା ଉଚିତ୍। ଜନସାଧାରଣଙ୍କୁ ମଧ୍ୟ ମିଡିଆ ସାକ୍ଷରତା ଶିକ୍ଷା ଦେବା ଜରୁରୀ, ଯାହା ସେମାନଙ୍କୁ ଭ୍ରମପୂର୍ଣ୍ଣ ଖବରଠାରୁ ପ୍ରମାଣିତ ଖବର ପୃଥକ୍ କରିବାରେ ସହାୟକ ହେବ।

ନୈତିକତା ଓ ଦାୟିତ୍ୱବୋଧ ପ୍ରତି ଅଙ୍ଗୀକାରବଦ୍ଧତା ସ୍ୱରୂପ ସାମ୍ବାଦିକତାର ମୌଳିକ ନୀତି - ସଠିକତା, ନିରପେକ୍ଷତା, ନ୍ୟାୟପୂର୍ଣ୍ଣତା ଓ ମାନବିକତା - କେବେ ବି ଅଣଦେଖା କରାଯାଇ ପାରିବ ନାହିଁ। ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ନିଜର ନୈତିକ ମାନଦଣ୍ଡ ମଜବୁତ କରିବା ଉଚିତ୍ ଏବଂ ସ୍ୱଚ୍ଛତା ବଜାୟ ରଖିବା ଉଚିତ୍।

ସରକାର ଓ ସମାଜର ଦାୟିତ୍ୱ ହେଉଛି ସାମ୍ବାଦିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା। ସାମ୍ବାଦିକଙ୍କ ବିରୁଦ୍ଧରେ ହିଂସା ଓ ଉତ୍ପୀଡ଼ନର ଘଟଣାଗୁଡ଼ିକର ସଠିକ୍ ତଦନ୍ତ ହୋଇ ଦୋଷୀଙ୍କୁ ଦଣ୍ଡ ଦିଆଯିବା ଜରୁରୀ। ସାମ୍ବାଦିକତାର ସ୍ୱାଧୀନତା ହେଉଛି ଗଣତନ୍ତ୍ରର ମୂଳଦୁଆ। ସ୍ୱାଧୀନ ଭାବରେ କାର୍ଯ୍ୟ କରିବା ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ସହ ଗଣମାଧ୍ୟମର ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିବା ବାଞ୍ଛନୀୟ। ରାଜନୈତିକ ହସ୍ତକ୍ଷେପରୁ ମୁକ୍ତ ରହି ସତ୍ୟକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ସାମ୍ବାଦିକଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯିବା ଉଚିତ୍। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସାମ୍ବାଦିକଙ୍କ ମଧ୍ୟରେ ସହଯୋଗ ବୃଦ୍ଧି ପାଇବା ଉଚିତ୍। ଜ୍ଞାନ ଓ ଅନୁଭୂତି ଆଦାନପ୍ରଦାନ, ସମ୍ମିଳିତ ଅନୁସନ୍ଧାନ ଏବଂ ପେସାଦାର ସଂଗଠନଗୁଡ଼ିକ ମାଧ୍ୟମରେ ଏକତ୍ରିତ ହୋଇ ଆହ୍ୱାନଗୁଡ଼ିକର ସାମ୍ନା କରିବା ଆବଶ୍ୟକ।

ବର୍ତ୍ତମାନର ଜଟିଳ ପରିବେଶରେ ସାମ୍ବାଦିକତାର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ସମସ୍ୟା ସତ୍ତ୍ୱେ ସଚ୍ଚୋଟତା, ସାହସ ଏବଂ ନିଷ୍ଠାପର ରିପୋର୍ଟିଂ ପ୍ରତି ସାମ୍ବାଦିକଙ୍କ ପ୍ରତିଶ୍ରୁତି ଅବ୍ୟାହତ ରହିଛି। ଭବିଷ୍ୟତର ଗତିପଥକୁ ସ୍ପଷ୍ଟ କରିବାକୁ ଯାଇ ଆମକୁ ଏକ ଅଧିକ ଉତ୍ତରଦାୟୀ, ସମାନ୍ତରାଳ ଓ ନ୍ୟାୟପୂର୍ଣ୍ଣ ସାମ୍ବାଦିକତା ପ୍ରତି ଅଗ୍ରସର ହେବାକୁ ହେବ। ସାମ୍ବାଦିକତା କେବଳ ଶକ୍ତିଶାଳୀଙ୍କ କଥା ନ କହି, ନିର୍ବଳଙ୍କ କଥା କହିବ, ଯାହା ଶକ୍ତି ଉପରେ ନଜର ରଖିବ ଏବଂ ସତ୍ୟକୁ ସର୍ବୋଚ୍ଚ ମୂଲ୍ୟ ଦେବ। ଏହି ଦିଗଦର୍ଶନ ଅନୁସରଣ କଲେ ହିଁ ସାମ୍ବାଦିକତା ତା'ର ଗରିମାମୟୀ ପରମ୍ପରା ବଜାୟ ରଖିପାରିବ ଏବଂ ଭବିଷ୍ୟତରେ ମଧ୍ୟ ଜନସାଧାରଣର ବିଶ୍ୱାସ ଓ ଆସ୍ଥାଭାଜନ ହୋଇରହିପାରିବ।

ଏବେ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଯୋଗୁଁ ସାମ୍ବାଦିକତା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଛି, ଯାହା ଗଣମାଧ୍ୟମ ସ୍ୱାଧୀନତା ପାଇଁ ନୂଆ ସୁଯୋଗ ସହିତ ଗମ୍ଭୀର ଆହ୍ୱାନ ମଧ୍ୟ ସୃଷ୍ଟି କରିଛି। କ୍ରୀଡ଼ା, ଅର୍ଥନୀତି ଓ ପାଣିପାଗ ସମ୍ବାଦ ଭଳି ଡାଟା-କେନ୍ଦ୍ରିତ ଖବର ଲେଖିବାରେ ଏଆଇ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି। ଏହା ସାମ୍ବାଦିକଙ୍କ ସମୟ ବଞ୍ଚାଇବାରେ ସହାୟକ ହୋଇଛି। ତଥ୍ୟ ଯାଞ୍ଚ ଓ ଫ୍ୟାକ୍ଟ-ଚେକିଂ କ୍ଷେତ୍ରରେ ଏଆଇ ପ୍ରମୁଖ ଭୂମିକା ନିର୍ବାହ କରୁଛି, ଯାହା ନିର୍ଭରଯୋଗ୍ୟ ଖବର ପ୍ରସାରଣରେ ସହାୟକ ହେଉଛି। ବ୍ୟକ୍ତିଗତକୃତ ସମ୍ବାଦ ପ୍ରଦାନ କ୍ଷେତ୍ରରେ ଏଆଇ ବ୍ୟବହାରକାରୀଙ୍କ ଅଭିରୁଚି ଅନୁଯାୟୀ ସମ୍ବାଦ ଭିତ୍ତିକ ବିଷୟବସ୍ତୁ ବାଛିବାରେ ସହାୟତା କରିପାରୁଛି। ଏଆଇ ଚାଳିତ ଅନୁବାଦ ଟୁଲଗୁଡ଼ିକ ବିଷୟକୁ ବିଭିନ୍ନ ଭାଷାରେ ଅନୁବାଦିତ କିମ୍ବା ରୂପାନ୍ତରିତ କରି ଜ୍ଞାନର ବାଧାକୁ ଦୂର କରିପାରୁଛି ଏବଂ ଜ୍ଞାନର ପରିସରକୁ ବ୍ୟାପ୍ତ କରିବାରେ ସହାୟକ ହେଉଛି।

ଅନ୍ୟପକ୍ଷରେ ଏଆଇ ଗଣମାଧ୍ୟମ ପ୍ରତି ଆହ୍ୱାନ ଓ ବିପଦ ମଧ୍ୟ ଆଣି ଦେଇଛି। ଏଆଇ ଦ୍ୱାରା ସହଜରେ ବାସ୍ତବିକ ଛବି, ଭିଡିଓ ଓ ଅଡିଓ ସୃଷ୍ଟି କରି ବ୍ୟକ୍ତି ବା ବିଷୟର ମିଥ୍ୟା ପ୍ରତିରୂପ ତିଆରି କରାଯାଇପାରେ। ଏହା ଜନସାଧାରଣଙ୍କ ବିଶ୍ୱାସକୁ ଦୁର୍ବଳ କରେ ଏବଂ ବିଶ୍ୱସନୀୟ ମାଧ୍ୟମଗୁଡ଼ିକୁ ସନ୍ଦେହର ଚକ୍ଷୁରେ ଦେଖାଯିବାର ସମ୍ଭାବନା ରଖେ। ସରକାର ଅନଲାଇନ୍ ବିଷୟବସ୍ତୁ ଉପରେ ନଜର ରଖିପାରନ୍ତି ଏବଂ ସମ୍ବାଦଗୁଡିକୁ ସ୍ୱୟଂଚାଳିତ ଭାବରେ ସେନ୍ସର କରିପାରନ୍ତି, ଯାହା ନିର୍ଭୀକ ସାମ୍ବାଦିକତାର ପଥରେ ଏକ ବଡ଼ ବାଧା। ତେଣୁ ପ୍ରେସ୍ ସ୍ୱାଧୀନତା ଏବଂ ଏଆଇର ସନ୍ତୁଳନ ରକ୍ଷା କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ।

ଉତ୍ତରଦାୟୀ ଓ ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତା ହିଁ ଏକ ସଚେତନ ଓ ସକ୍ରିୟ ସମାଜର ପ୍ରାଣ। ସମସ୍ୟାଗୁଡ଼ିକ ଜଟିଳ ହୋଇପାରେ ମାତ୍ର ସମାଧାନ ଅସମ୍ଭବ ନୁହେଁ। ନୈତିକତା, ସାହସ, ପ୍ରଗତିଶୀଳ ଚିନ୍ତନ ଓ ସାମୂହିକ ଦାୟିତ୍ୱବୋଧର ମିଶ୍ରଣ ଦ୍ୱାରା ହିଁ ସାମ୍ବାଦିକତାର ମହିମାକୁ ପୁନରୁଦ୍ଧାର କରିହେବ।

(ରାଜ୍ୟ ସଭାପତି, ଉତ୍କଳ ସାମ୍ବାଦିକ ସଂଘ, ଓଡ଼ିଶା)
ଭୁବନେଶ୍ୱର, ମୋ: ୯୪୩୭୦୦୬୩୬୩

# ଓଡ଼ିଆ ଅସ୍ମିତାର ମୁଖପାତ୍ର: ହରିଶ୍ଚନ୍ଦ୍ର ବକ୍ସିପାତ୍ର

**ଚିତ୍ତରଞ୍ଜନ ମହାନ୍ତି**

ସ୍ୱର୍ଗତଃ ହରିଶଚନ୍ଦ୍ର ବକ୍ସିପାତ୍ର ଓଡ଼ିଶା ଜନଜୀବନରେ ଜଣେ ଯୁଗପୁରୁଷ। କିନ୍ତୁ ରାଜ୍ୟ ଓ ଦେଶର ସେବା କରିବା ପାଇଁ ଯେଉଁ ଦାୟିତ୍ୱ ଏ ସଂଗ୍ରାମୀ ପୁରୁଷଙ୍କୁ ମିଳିବା କଥା ତାହା ସମ୍ଭବ ହେଲା ନାହିଁ। କେନ୍ଦ୍ର ଇସ୍ପାତ ମନ୍ତ୍ରୀ ବିଜୁ ପଟ୍ଟନାୟକ ହୁଅନ୍ତୁ କିମ୍ବା କେନ୍ଦ୍ର ଶିଳ୍ପ ମନ୍ତ୍ରୀ ଜର୍ଜ ଫର୍ଣ୍ଣାଣ୍ଡିଜ୍ ହୁଅନ୍ତୁ, ବକ୍ସିବାବୁ ନିଜର ନିଷ୍ଠା ଓ ତଥ୍ୟ ଆଧାରିତ ତର୍କ ବଳରେ ଓଡ଼ିଶାର ଦାବିକୁ ଉପସ୍ଥାପନ କରି ଇସ୍ପାତ ଓ ଆଲୁମିନିୟମ୍ ଶିଳ୍ପ ପ୍ରତିଷ୍ଠାରେ ଓଡ଼ିଶା, ବିଶେଷକରି କୋରାପୁଟ ଜିଲ୍ଲାର ବିକାଶର ନୂଆ ଅଧ୍ୟାୟ ରଚନା କରିଥିଲେ।

ପୁନର୍ବାର ୧୯୯୦ ମସିହାରେ ବିଜୁ ପଟ୍ଟନାୟକଙ୍କ 'ଜନତା ଦଳ' ମନ୍ତ୍ରିମଣ୍ଡଳରେ ସେ ବାଣିଜ୍ୟ ଓ ପରିବହନ ଭଳି ଅର୍ଥକାରୀ ବିଭାଗର ଦାୟିତ୍ୱ ନେଇ ବ୍ୟବସ୍ଥାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିଲେ। ହୁଏତ ରାଜ୍ୟର ସାମଗ୍ରିକ ଓ ସାମୂହିକ ସେବା କରିବାକୁ ୧୯୯୫ ବେଳକୁ ତାଙ୍କୁ ଉପଯୁକ୍ତ ସୁଯୋଗ ମିଳିଥା'ନ୍ତା। କିନ୍ତୁ 'ଜନତା ଦଳ'ର ସର୍ବଭାରତୀୟ ଓ ରାଜ୍ୟ ରାଜନୀତିରେ କ୍ରିୟା, ପ୍ରତିକ୍ରିୟା ଓ ଅସ୍ଥିରତା ଏଥିରେ ବାଧକ ସାଜିଲା। ତାଙ୍କ ଭଳି ସମର୍ପିତ ସମ୍ବେଦନଶୀଳ ସଂଗ୍ରାମୀ ନେତାଙ୍କୁ ରାଜ୍ୟର ନୀତିନିୟନ୍ତା ଭାବେ ପାଇବାର ସୁଯୋଗ ହାତଛଡ଼ା ହୋଇଗଲା।

ବକ୍ସିବାବୁ ନିଜର ଶୁଦ୍ଧ ସଂଗ୍ରାମୀ ଆଭିମୁଖ୍ୟ ଯୋଗୁଁ ଓଡ଼ିଶାର ଦୁଇ ଜାତୀୟ ନେତାଙ୍କ ପ୍ରିୟପାତ୍ର ଥିଲେ। ଖୋସାମଦି ତାଙ୍କର ଆୟୁଧ ନଥିଲା। ତାଙ୍କର ଅଳଙ୍କାର ଥିଲା ଓଡ଼ିଆ ଅସ୍ମିତା, ପରିଚିତ ସ୍ୱାଭିମାନ ଓ ନିଜସ୍ୱ ଅନୁପମ ଯୋଗ୍ୟତା। ପ୍ରିୟଜନମାନେ ବକ୍ସିବାବୁଙ୍କୁ 'ଭାଇନା' ସମ୍ବୋଧନ କରୁନଥିଲେ ତାଙ୍କୁ କେହି ଉଚ୍ଚ ଜାତିରେ ଜନ୍ମିତ ବ୍ୟକ୍ତି ବୋଲି ଭାବୁନଥା'ନ୍ତେ। କାରଣ ସେ ଥିଲେ ସାମାଜିକ ନ୍ୟାୟର ପ୍ରଚାର ପ୍ରବକ୍ତା। ଓଡ଼ିଶାର ବୃହତ୍ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ସେ 'ମଣ୍ଡଳ କମିଶନ'କୁ ସକ୍ରିୟ ସମର୍ଥନ ଜଣାଇଥିଲେ।

ଆଦ୍ୟ ଜୀବନରେ ବକ୍ସିବାବୁ ସାମ୍ୟବାଦୀ ଚିନ୍ତାଧାରାର ପ୍ରମୁଖ ପ୍ରଚାରକ ଥିଲେ। ଜନଜୀବନର ବାସ୍ତବତାକୁ ଜାଣି ବର୍ଗ ଓ ଜାତି ଶୋଷଣର ଏକ ବ୍ୟବସ୍ଥିତ ବ୍ୟବସ୍ଥା ବୋଲି ସେ ଉପଲବ୍ଧି କରିଥିଲେ। ଜଣେ ସାମ୍ୟବାଦୀ ଭାବେ ବକ୍ସିବାବୁ ବର୍ଗ ବିଭାଜନ ଓ ବର୍ଗ ଶୋଷଣ ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ଥିଲେ ମଧ୍ୟ 'ଉତ୍କଳ ସମ୍ମିଳନୀ'ର ମୁଖ୍ୟ ଭାବେ ଓଡ଼ିଶାର ସାମାଜିକ ବ୍ୟବସ୍ଥାକୁ, ବିଶେଷକରି ବର୍ଣ୍ଣ ବ୍ୟବସ୍ଥାକୁ ଟିକିନିଖି ଅନୁଧ୍ୟାନ କରିଥିଲେ। ତାଙ୍କ ତଥ୍ୟମୂଳକ ସିଦ୍ଧାନ୍ତ କହେ ବ୍ରିଟିଶ ଉପନିବେଶ ବ୍ୟବସ୍ଥା ଫଳରେ ବୃତ୍ତି ହରାଇଥିବା ଜାତି ଓ ବର୍ଗଙ୍କ ସଂଖ୍ୟା ଓଡ଼ିଶାରେ ପ୍ରାୟ ୯୨%। ତେଣୁ କେନ୍ଦ୍ର ସରକାର ଚାକିରିରେ ଦେଶରେ ସର୍ବାଧିକ ଓଡ଼ିଆ ଶତକଡ଼ା ଦୃଷ୍ଟିରୁ ସଂରକ୍ଷଣର ହକ୍‌ଦାର।

ଜାତି, ବର୍ଣ୍ଣ, ଧର୍ମ ଓ ଅନ୍ୟାନ୍ୟ ଭେଦଭାବ ସାମାଜିକ ଏକତାକୁ ବ୍ୟାହତ କରୁଥିବା ଅନୁଭବ କରି ସେ ସମଗ୍ର ଓଡ଼ିଆ ଜାତିର ଐକ୍ୟବଦ୍ଧତା ପାଇଁ ଏକାଗ୍ର ଉଦ୍ୟମ କରି ଚାଲିଥିଲେ। ସୁଦୂର କୋରାପୁଟର ବାସିନ୍ଦା ହୋଇ ମଧ୍ୟ ଓଡ଼ିଶାର ଉଚ୍ଚଶିକ୍ଷାର ମାତୃକଳ୍ପ ଅନୁଷ୍ଠାନ ରେଭେନ୍ସା କଲେଜର ଛାତ୍ର ସଂସଦର ସଭାପତି ହେବା ତାଙ୍କ ଜନ୍ମଜାତ ନେତୃତ୍ୱ କଳାର ପରାକାଷ୍ଠା ପ୍ରତିପାଦିତ କରୁଛି। ୧୯୫୪ରେ ଗଠିତ ସୀମା କମିଶନ ଓଡ଼ିଶା ପ୍ରତି ଚରମ ଅନ୍ୟାୟ କରିଥିଲେ। ଏହା ବିରୁଦ୍ଧରେ ସାମ୍ୟବାଦୀ ଛାତ୍ରନେତା ହରିଶଚନ୍ଦ୍ର ବକ୍ସିପାତ୍ର ବିପ୍ଳବୀ ସାମ୍ୟବାଦୀ ଆନ୍ଦୋଳନର ନେତୃତ୍ୱ ନେଲେ ଏବଂ କେନ୍ଦ୍ର କଂଗ୍ରେସ ନେତାଙ୍କୁ କଟକ ମାଟି ମଡ଼ାଇ ନଦେବାର ସଂକଳ୍ପ କରି ଗିରଫ ହେଲେ।

କେନ୍ଦୁଝର ଜିଲ୍ଲା ଓ ନୟାଗଡ଼ଠାରେ ସବୁଠୁ ଶସ୍ତା ଓ ସୁବିଧାରେ ରାଷ୍ଟ୍ରାୟତ୍ତ ଇସ୍ପାତ କାରଖାନା ପ୍ରତିଷ୍ଠା ହୋଇପାରିବ ବୋଲି 'ବସ୍ତୁର କମିଟି' ସୁପାରିସକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଗ୍ରହଣ କଲେ ନାହିଁ। କଂଗ୍ରେସ ବିଭାଜନ ଯୋଗୁଁ ହରାଇଥିବା ଜନାଧାରକୁ ଫେରି ପାଇବା ପାଇଁ ସେ ଦକ୍ଷିଣର ୩ଟି ରାଜ୍ୟରେ ବିନା ଯୋଗ୍ୟତାରେ ରାଷ୍ଟ୍ରାୟତ୍ତ ଇସ୍ପାତ କାରଖାନା ସ୍ଥାପନ ନିଷ୍ପତ୍ତି ନେଲେ। ବକ୍ସିବାବୁ କିନ୍ତୁ ଓଡ଼ିଶା ପ୍ରତି କେନ୍ଦ୍ରର ଏ ନଗ୍ନ ଅବିଚାରକୁ ବରଦାସ୍ତ କଲେ ନାହିଁ। କଂଗ୍ରେସ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ ହିଁ ସେ କେନ୍ଦ୍ର ବିରୁଦ୍ଧରେ ବିଦ୍ରୋହର ବିଗୁଲ ବଜାଇ ୧୯୭୪ ମସିହାରେ ସେ ଅଞ୍ଚଳରେ ଇନ୍ଦିରା ବିରୋଧୀ 'ପ୍ରଗତି ମେଣ୍ଟ'କୁ ସଫଳତାର ସ୍ୱାଦ ଚଖାଇ ନିଜେ ବିଧାୟକ ନିର୍ବାଚିତ ହୋଇ ଓଡ଼ିଶା ବିଧାନସଭାକୁ ଆସିଲେ। 'ପ୍ରଗତି ମେଣ୍ଟ' 'ଲୋକଦଳ'ରେ ମିଶିଲା। ଜରୁରୀ ପରିସ୍ଥିତି ପରେ ଜୟପ୍ରକାଶଙ୍କ ଅନୁରୋଧକ୍ରମେ ଗଣତନ୍ତ୍ରର ସୁରକ୍ଷା ପାଇଁ 'ଲୋକଦଳ' 'ଜନତା ପାର୍ଟି'ରେ ରୂପାନ୍ତରିତ ହେଲା। ଜୟପ୍ରକାଶଙ୍କ 'ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ'ରେ ଝାସ ଦେଇ ଏବଂ ଜରୁରୀ ସ୍ଥିତିର ବିରୋଧ କରି ବକ୍ସିବାବୁ ଜେଲ୍ ଗଲେ। କାରାମୁକ୍ତ ହୋଇ ୧୯୭୭ ମସିହାରେ ନିର୍ବାଚନ ଲଢ଼ି ସେ ବିଜୟୀ ହେଲେ ଏବଂ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଲେ ଏବଂ କେନ୍ଦ୍ର ସହିତ ରାଜ୍ୟର ସମନ୍ୱୟ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ। ବକ୍ସିବାବୁଙ୍କ ଉଦ୍ୟମ ଥିଲା ଓଡ଼ିଶାର ସମସ୍ତ ତୁଙ୍ଗ ନେତା ବ୍ୟକ୍ତିଗତ ମନାନ୍ତରରୁ ଊର୍ଦ୍ଧ୍ୱକୁ ଯାଇ ଓଡ଼ିଶା ସ୍ୱାର୍ଥ ପାଇଁ କେନ୍ଦ୍ର ବିରୁଦ୍ଧରେ ସଂଗ୍ରାମ କରନ୍ତେ।

୧୯୯୦ ମସିହାରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ଜନତା ଦଳର ମନ୍ତ୍ରିମଣ୍ଡଳରେ ବକ୍ସିବାବୁ ବରିଷ୍ଠ ମନ୍ତ୍ରୀ ଭାବେ ଦାୟିତ୍ୱ ନେଲେ। ରବି ରାୟ ଲୋକସଭାର ବାଚସ୍ପତି। ଉଭୟଙ୍କ ମଧ୍ୟରେ ସମନ୍ୱୟ ପୁନଃସ୍ଥାପନ କରି ଇସ୍ପାତ କାରଖାନା ଓ ଓଡ଼ିଶାର ସ୍ୱତନ୍ତ୍ର ଆର୍ଥିକ ଅଧିକାର ଭଳି ଦାବି ପୂରଣ ପାଇଁ ବକ୍ସିବାବୁ ଉଦ୍ୟମରତ ହେଲେ। କଟକ ମଦମୃତ୍ୟୁ ଘଟଣାରେ ବ୍ୟଥିତ ହୋଇ ଜନତା ପରିବାରର ବରିଷ୍ଠ ନେତାମାନେ ବକ୍ସିବାବୁଙ୍କ ମାଧ୍ୟମରେ ବିକଳ୍ପ ବ୍ୟବସ୍ଥା ଖୋଜିଲେ। ଏଥିରେ ରବି ରାୟ ସମ୍ପୂର୍ଣ୍ଣ ସହଯୋଗ କରି ମିଳିତ ସଭା ସମିତିମାନ କଲେ। ଉଭୟ ବିଜୁବାବୁ ଓ ରବି ରାୟଙ୍କ ସହଯୋଗୀ ଭାବେ ଜର୍ଜ ଫର୍ଣ୍ଣାଣ୍ଡିଜ ଏ ପ୍ରକ୍ରିୟାକୁ ସାହାଯ୍ୟ କଲେ। ବକ୍ସିବାବୁ ସମସ୍ତ ଅଭିଯାନର କେନ୍ଦ୍ର ହେଲେ। କିନ୍ତୁ ବିହାର ରାଜନୀତି ସବୁ ସାଧୁ ଉଦ୍ୟମକୁ ପଣ୍ଡ କରିଦେଲା। ଜନତା ଦଳ ବିଭାଜିତ ହୋଇ ଜର୍ଜ ଫର୍ଣ୍ଣାଣ୍ଡିଜଙ୍କ ନେତୃତ୍ୱରେ ସମତା ପାର୍ଟି ଗଠିତ ହେଲା। ସମାଜବାଦୀ ସାଥୀ ଜର୍ଜ ଫର୍ଣ୍ଣାଣ୍ଡିଜ ଓ ପୁତ୍ର ପ୍ରତିମ ନୀତୀଶ କୁମାରଙ୍କ ଅନୁରୋଧରେ ରବି ରାୟ ସମତା ପାର୍ଟିକୁ ଚାଲିଗଲେ। ଦିଲ୍ଲୀରେ ଓଡ଼ିଶା ଲବିକୁ ସୁଦୃଢ଼ କରିବାରେ ବକ୍ସିବାବୁଙ୍କ ଉଦ୍ୟମ ଅକାମୀ ହୋଇଗଲା। ଉତ୍କଳ ସମ୍ମିଳନୀ ମାଧ୍ୟମରେ ସେ ଉଦ୍ୟମକୁ ଅବ୍ୟାହତ ରଖିବାକୁ ଶ୍ରୀବକ୍ସିପାତ୍ର ଶେଷ ପର୍ଯ୍ୟନ୍ତ ପ୍ରୟାସ ଜାରି ରଖିଥିଲେ।

# ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

## ନାଗଲିଙ୍ଗ

**ସୌଭାଗ୍ୟସୁନ୍ଦର**

ଉତ୍ତର-ପୂର୍ବ ଦକ୍ଷିଣ ଆମେରିକା, ବିଶେଷକରି ଆମାଜନ ବର୍ଷା ଜଙ୍ଗଲରୁ ଉତ୍ପନ୍ନ ନାଗଲିଙ୍ଗ ବିଶ୍ୱର ଉଷ୍ଣମଣ୍ଡଳୀୟ ଏବଂ ଉପ-ଉଷ୍ଣମଣ୍ଡଳୀୟ ଅଞ୍ଚଳରେ ବହୁଳ ଭାବରେ ଦେଖାଯାଏ। ଏହାର ମନୋରମ, ସୁଗନ୍ଧିତ ଫୁଲ ଏବଂ ଫଳ ପାଇଁ ଏହାକୁ ଏକ ଶୋଭାବର୍ଦ୍ଧକ ଗଛ ଭାବରେ ବାଡ଼ିବଗିଚାରେ ଲଗାଯାଏ। ଏହି ବୃକ୍ଷର ଅନେକ ଔଷଧୀୟ, ସାଂସ୍କୃତିକ ଏବଂ ଧାର୍ମିକ ଗୁରୁତ୍ୱ ଅଛି। ପ୍ରାକୃତିକ ବାସସ୍ଥାନରେ ଏହା ସମୁଦ୍ର ପତ୍ତନଠାରୁ ୫୦୦ ମିଟରରୁ କମ୍ ଉଚ୍ଚତାରେ ବଢ଼େ। ଏହା ପୁଡୁଚେରୀରେ 'ରାଜ୍ୟ ଫୁଲ'ର ମାନ୍ୟତା ପାଇଛି।

'ମହାନାଗେଶ୍ୱର' ଭାବେ ମଧ୍ୟ ପରିଚିତ ନାଗଲିଙ୍ଗ ପ୍ରାୟ ୩୦ ମିଟର ଉଚ୍ଚତା ବିଶିଷ୍ଟ ଏକ ବଡ଼ ଚିରହରିତ୍ ବା ଅର୍ଦ୍ଧଚିରହରିତ୍ ଦ୍ରୁମ। କାଣ୍ଡଟି ନଳାକାର, ଯାହାର ବ୍ୟାସ ୭୦ ସେମି ଅତିକ୍ରମ କରିପାରେ। ଛାଲି ମାଟିଆ ଧୂସର ରଙ୍ଗର। ପରିପକ୍ୱ ବୃକ୍ଷର ଛାଲି ଫାଟି ଫାଟିଯାଏ। ପତ୍ରଗୁଡ଼ିକ ଶାଖାଗୁଡ଼ିକର ଶୀର୍ଷରେ ପୁଞ୍ଜିଭୂତ ଏବଂ ବିକଳ୍ପ ଭାବରେ ସଜେଇ ହୋଇ ରହିଥାଏ। ପତ୍ର ଧାର ସମ୍ପୂର୍ଣ୍ଣ କିମ୍ବା ସାମାନ୍ୟ ଦନ୍ତୁରିତ, ପ୍ରାୟ ୧୦-୨୦ ସେମି ଲମ୍ବ ଓ ୪-୬ ସେମି ଚଉଡ଼ା। ମୁଖ୍ୟ ଗଣ୍ଡି ଏବଂ ଅନ୍ୟାନ୍ୟ ବଡ଼ ଶାଖାରୁ ଫୁଲଗୁଡ଼ିକ ଗୁଚ୍ଛରେ ଉତ୍ପନ୍ନ ହୁଏ। ଫୁଲଗୁଡ଼ିକର ବ୍ୟାସ ପ୍ରାୟ ୬ ସେମି ବିଶିଷ୍ଟ ମାଂସଳ, ହଳଦିଆ ଏବଂ ଲାଲ କିମ୍ବା ଗୋଲାପୀ ବାଇଗଣୀ ରଙ୍ଗର। ଫୁଲଗୁଡ଼ିକ ପ୍ରବଳ ସୁଗନ୍ଧଯୁକ୍ତ, ବିଶେଷକରି ରାତିରେ ଏବଂ ପ୍ରାତଃ ସମୟରେ। ପରିପକ୍ୱ ଫଳ ଭୂମିରେ ପଡ଼ିବା ବେଳେ ବାଡ଼େଇ ହୋଇ ଶବ୍ଦ ହୁଏ। ତଳେ ପଡ଼ି ଫାଟିଲା ଫଳକୁ ବିଭିନ୍ନ ପ୍ରାଣୀ ଖାଇଥା'ନ୍ତି। ଫଳଟି କଠିନ ଆବରଣ ସହିତ ଗୋଲାକାର। ଏହାର ବ୍ୟାସ ପ୍ରାୟ ୨୫ ସେମି। ଫଳଟି ଖାଦ୍ୟ ଉପଯୋଗୀ କିନ୍ତୁ ଏହାର ଅପ୍ରିୟ ଗନ୍ଧ ଯୋଗୁଁ ସାଧାରଣତଃ ଲୋକମାନେ ଏହାକୁ ଖାଆନ୍ତି ନାହିଁ। ଭାରତରେ ବର୍ଷସାରା ଗଛରେ ଫୁଲ ଫୁଟେ। ଫୁଲଗୁଡ଼ିକୁ ସୁଗନ୍ଧିତ ପ୍ରସାଧନୀ ସାମଗ୍ରୀ ପ୍ରସ୍ତୁତିରେ ବ୍ୟବହାର କରାଯାଏ।

ନାଗଲିଙ୍ଗକୁ ପାରମ୍ପରିକ ଭାବରେ ଉଚ୍ଚ ରକ୍ତଚାପ, ଟ୍ୟୁମର, ଯନ୍ତ୍ରଣା ଓ ପ୍ରଦାହ, ସାଧାରଣ ଥଣ୍ଡା, ପେଟ ଯନ୍ତ୍ରଣା, ଚର୍ମ ରୋଗ, କ୍ଷତ, ମ୍ୟାଲେରିଆ, ଦାନ୍ତ ବିନ୍ଧା, ଗ୍ୟାଷ୍ଟ୍ରାଇଟ୍, ସ୍କେବସ୍, ରକ୍ତସ୍ରାବ, ପାଇଲ୍ସ, ପତଳା ଝାଡ଼ା, ବିଛା ବିଷ ଆଦି ଚିକିତ୍ସା ପାଇଁ ବ୍ୟବହାର କରାଯାଇ ଆସୁଛି। ଏହା ଆଣ୍ଟିମାଇକ୍ରୋବିଏଲ୍, ଆଣ୍ଟିଅଲ୍ସର, କୃମିନାଶକ, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିପାଇରେଟିକ୍, ଆଣ୍ଟିଆର୍ଥ୍ରାଇଟିକ୍, ଇମ୍ୟୁନୋମୋଡୁଲେଟୋରୀ/ ପ୍ରତିରୋଧକ ଶକ୍ତି ବୃଦ୍ଧି କାରକ, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଷ୍ଟ୍ରେସ୍, ଆଣ୍ଟିଡାଇରିଆଲ୍, ଆଣ୍ଟିଡିପ୍ରେସାଣ୍ଟ ଗୁଣରେ ସମୃଦ୍ଧ।

ଏହାଛଡ଼ା ନାଗଲିଙ୍ଗ ଗଛରେ ଟ୍ରାଇଟରପେନ୍ସ, ଫେନୋଲିକ୍ସ, କୁରୁପିଟାଇନ୍, ଇଣ୍ଡିରୁବିନ୍, ଆଇସାଟିନ୍, ଆନ୍ଥୋସିଆନିନ୍, ଫ୍ଲାଭାନୋଇଡ୍ସ, ୟୁଜେନୋଲ୍, ଟାନିନ୍, ଷ୍ଟେରଏଡ୍ସ, ସାପୋନିନ୍, ଗ୍ଲାଇକୋସାଇଡ୍ସ, ଆମିନୋ ଏସିଡ୍, ଫେନୋଲ୍ସ, ଆନ୍ଥ୍ରାକୁଇନୋନ୍, ଟ୍ରାଇଟରପେନୋଇଡ୍ସ, ଫାର୍ସେନଲ୍ ଏବଂ ତେଲ ଭଳି ଅନେକ ଉପାଦାନ ରହିଛି। ଫଳ ଏବଂ ଫୁଲରେ ଇଣ୍ଡିଗୋଟିନ୍ ଏବଂ ଇଣ୍ଡିରୁବିନ୍ ରାସାୟନିକ ଯୌଗିକ ଥିବା ଜଣାଯାଏ। ଫଳର କଠିନ ଖୋଳକୁ କେତେକ ସମୟରେ ପାତ୍ର ଭାବରେ ବ୍ୟବହାର କରାଯାଏ। କାଠଗୁଡ଼ିକ ବହୁତ ହାଲୁକା; ନରମ, ଅସ୍ଥାୟୀ ଏବଂ କବକ, କାଠ କୀଟ ଉଇ ପ୍ରତି ସମ୍ବେଦନଶୀଳ। ଏହି କାଠ ବିଭିନ୍ନ ପ୍ରକାରର ଖେଳଣା, ବାକ୍ସ, ପିଞ୍ଜରା, ଦିଆସିଲି, ପ୍ୟାନେଲିଂ, ଫର୍ଣ୍ଣିଚର ଉପାଦାନ, କାଠ ସାମଗ୍ରୀ, ଲାଥ୍-ବୋର୍ଡ ଓ ଫାଇବର-ବୋର୍ଡ ପ୍ରସ୍ତୁତିରେ ବ୍ୟବହାର କରାଯାଏ।

ଭାରତ ଏବଂ ଶ୍ରୀଲଙ୍କାରେ ଏହି ଗଛକୁ ହିନ୍ଦୁମାନେ ପୂଜା କରନ୍ତି। ଏହାର ଫୁଲର ହୁଡ ବା ଫେଣା ନାଗଫେଣା ପରି ଦେଖାଯାଏ, ଯାହା ତଳେ ଗର୍ଭକେଶର ଧଳା ରଙ୍ଗର ଲିଙ୍ଗ ପରି ଦେଖାଯାଏ। ତେଣୁ ଏହାକୁ ଶିବମନ୍ଦିରରେ ରୋପଣ କରାଯାଏ। ଶ୍ରୀଲଙ୍କା, ଥାଇଲ୍ୟାଣ୍ଡ, ମିଆଁମାର, କାମ୍ବୋଡିଆ, ଲାଓସ, ବଙ୍ଗଳାଦେଶ, ନେପାଳ, ଭୁଟାନ, ମାଲେସିଆ ଏବଂ ଅନ୍ୟାନ୍ୟ ବୌଦ୍ଧ ଦେଶଗୁଡ଼ିକରେ ଏହାକୁ ବୌଦ୍ଧ ମଠ ଏବଂ ଅନ୍ୟାନ୍ୟ ଧାର୍ମିକ ସ୍ଥଳରେ ଲଗାଯାଇଥାଏ। ମାନବ ବସତି ସ୍ଥାପନ, କୃଷି ଜମି ସମ୍ପ୍ରସାରଣ, ପ୍ରାକୃତିକ ଜଙ୍ଗଲ ସଙ୍କୋଚନ ଇତ୍ୟାଦି କାରଣରୁ ନାଗଲିଙ୍ଗ ଉଦ୍ଭିଦର ସଂଖ୍ୟା ପ୍ରାୟତଃ ହ୍ରାସ ପାଇବାରେ ଲାଗିଛି। ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତୀୟ ସଂଘ ଲାଲ ବିପନ୍ନ ଜାତି ତାଲିକାରେ ଏହି ଉଦ୍ଭିଦକୁ 'ସର୍ବନିମ୍ନ ଚିନ୍ତା' ବର୍ଗରେ ସ୍ଥାନିତ କରିଛି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନୂଆପଡ଼ାରେ ଜାଲିଆତି କରି ଜିତିଛି ବିଜେପି: ସ୍ନେହାଙ୍ଗିନୀ

ଭୁବନେଶ୍ୱର,୧୬।୧୧(ସମିସ): ନୂଆପଡା ଉପନିର୍ବାଚନରେ ଜିଲ୍ଲା ପ୍ରଶାସନ, ପୁଲିସ ଓ ନିର୍ବାଚନ କମିଶନଙ୍କୁ ହାତବାରିସୀ କରି ଭୋଟ ରିଗିଂ ମାଧ୍ୟମରେ ବିଜେପି ବିଜୟୀ ହୋଇଛି। ଏହାପରେ ମଧ୍ୟ ନୂଆପଡାବାସୀଙ୍କ ସହିତ ବିଜୁ ଜନତା ଦଳ ଥିଲା ଓ ଆଗକୁ ରହିବ। ନୂଆପଡ଼ାବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସେ ସବୁବେଳେ ଲଢ଼େଇ କରିବେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଉପ ନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ।



ରବିବାର ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଛୁରିଆ କହିଥିଲେ ଯେ ନିର୍ବାଚନ ପ୍ରଚାର ସମୟରେ ନୂଆପଡାର ପ୍ରତ୍ୟେକ ପଞ୍ଚାୟତ ଓ ଏନଏସି ଅଞ୍ଚଳକୁ ଯାଇଥିଲେ ଓ ପ୍ରତ୍ୟେକ ସ୍ଥାନରେ ବିଜୁ ଜନତା ଦଳ ପ୍ରତି ଓ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ଅକୁଣ୍ଠ ସମର୍ଥନ ଓ ଭଲପାଇବା ଥିବା ଦେଖିଥିଲେ । ନିର୍ବାଚନ ପ୍ରଚାର ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦଳର ନେତା ଓ କର୍ମୀ ମାନଙ୍କ ଉପରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇ ତାଙ୍କ ମନୋବଳକୁ ଦୁର୍ବଳ କରିବା ପାଇଁ ଚେଷ୍ଟା କରାଯାଉଥିଲା। ଏହାର ଅଭିଯୋଗ ବାରମ୍ବାର ବିଜେଡି ପକ୍ଷରୁ ନିର୍ବାଚନ ଅଧିକାରୀଙ୍କ ଆଗରେ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା । ସାଇଲେଣ୍ଟ ପିରିଅଡରେ ନିର୍ବାଚନ ଆଚରଣ ବିଧିକୁ ସମ୍ମାନ ଜଣାଇ ବିଜେଡିର ନେତାମାନେ ନୂଆପଡା ଛାଡି ଦେଇଥିବା ବେଳେ ବିଜେପିର ନେତାମାନେ ସେଠାରେ ଉପସ୍ଥିତ ରହି ଟଙ୍କା ବଣ୍ଟା କାର୍ଯ୍ୟରେ ଲିପ୍ତ ରହିଥିଲେ । ବିଜେଡି ପକ୍ଷରୁ ଏହାର ଅଭିଯୋଗ ସ୍ଥାନୀୟ ପୁଲିସ ଷ୍ଟେସନରେ କରାଯିବା ପରେ ଅଭିଯୋଗ କରିଥିବା ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ଆର୍ମ୍ସ ଆକ୍ଟ ଲଗାଇ ଜେଲକୁ ପଠାଯାଇଥିଲା ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

**■ ଭୋଟ ରିଗିଂ ପଛରେ ପ୍ରଶାସନ, ପୁଲିସ ଓ ନିର୍ବାଚନ ଅଧିକାରୀ**
**■ ଭୋଟରେ ପ୍ରତିଫଳିତ ହୋଇନାହିଁ ବିଜେଡିକୁ ମିଳିଥିବା ସମର୍ଥନ**
**■ ନୂଆପଡ଼ାବାସୀଙ୍କ ସ୍ୱାର୍ଥ ପାଇଁ ସବୁବେଳେ ଲଢେଇ କରିବି**

ସେହିପରି ନିର୍ବାଚନ ଦିନ ଭୋଟିଂ ସମୟରେ ବୁଥ୍ ଗୁଡିକରେ ବିଜେପି କର୍ମୀମାନେ ବୁଥ୍ ଭିତରେ ପସି କ୍ୟାମ୍ପେନିଂ କରିବା ସହିତ ଭୋଟର ମାନଙ୍କୁ ପଦ୍ମଫୁଲରେ ଭୋଟ ଦେବା ପାଇଁ ଏକ ପ୍ରକାର ବାଧ୍ୟ କରୁଥିଲେ। ଏହାର ଅଭିଯୋଗ କରାଯାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଶୁଣି ନଥିଲେ। ବୁଥ୍ ରିଗିଂ କାରଣରୁ ଭୋଟିଂ ପ୍ରତିଶତ ଅହେତୁକ ବୃଦ୍ଧି ପାଇଥିଲା । ୪୧ଟି ବୁଥରେ ୯୦ ପ୍ରତିଶତରୁ ଅଧିକା ଭୋଟିଂ ହୋଇଥିଲା। ଭୋଟିଂ ଶେଷ ହେବା ବେଳେ ଅର୍ଥାତ ସନ୍ଧ୍ୟା ୫ଟା ସମୟରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ୭୫ ପ୍ରତିଶତ ଭୋଟିଂ ହୋଇଛି ବୋଲି ସୂଚନା ଦିଆଯାଇଥିଲା । ସନ୍ଧ୍ୟା ୭ଟା ସମୟରେ ଭୋଟିଂ ୭୭ ପ୍ରତିଶତ ହୋଇଛି ବୋଲି ସୂଚନା ଦିଆଗଲା । କିନ୍ତୁ ପରଦିନ ଦିବା ୧୦ ଘଟିକା ସମୟରେ ୮୧ ପ୍ରତିଶତ ଓ ୧୨ଟା ସମୟରେ ୮୩.୪୫ ପ୍ରତିଶତ ଭୋଟିଂ ହୋଇଛି ବୋଲି କୁହାଗଲା। ଏଥିରୁ ଭୋଟ୍ ଜାଲିଆତିର ଆଭାସ ମିଳୁଛି। ଶ୍ରୀମତୀ ଛୁରିଆ ଆହୁରି କହିଥିଲେ ଯେ ନୂଆପଡାବାସୀଙ୍କ ସମର୍ଥନ ବିଜୁ ଜନତା ଦଳ ପ୍ରତି ରହିଥିଲା। ମାତ୍ର ଜିଲ୍ଲା ପ୍ରଶାସନ, ପୁଲିସ ଓ ନିର୍ବାଚନ ଅଧିକାରୀଙ୍କୁ ହାତବାରିସୀ କରି ଭୋଟ ରିଗିଂ କରି ବିଜେପି ବିଜୟୀ ହୋଇଛି। ନୂଆପଡାବାସୀ ତାଙ୍କୁ ଓ ନବୀନ ପଟ୍ଟନାୟକଙ୍କ ପ୍ରତି ଦେଇଥିବା ସମର୍ଥନ ପାଇଁ ସେ କୃତଜ୍ଞତା ଜଣାଇଥିଲେ। ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଥିଲେ ଯେ ପ୍ରଶାସନିକ କଳକୁ ହାତବାରିସୀ କରି ବିଜେପି ହୁଏତ ନୂଆପଡା ଆସନକୁ ହାତେଇବା ପାଇଁ ସଫଳ ହୋଇଥାଇ ପାରେ, କିନ୍ତୁ ନୂଆପଡାବାସୀଙ୍କ ସମର୍ଥନ ଶ୍ରୀମତୀ ଛୁରିଆ ଓ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ରହିଛି। ସେଥିପାଇଁ ନୂଆପଡ଼ାବାସୀଙ୍କୁ ଦଳ ପକ୍ଷରୁ ଆମେ କୃତଜ୍ଞତା ଜଣାଉଛୁ ବୋଲି ସେ ମତବ୍ୟକ୍ତ କରିଥିଲେ।

## ଦଳର ବିଭୀଷଣଙ୍କୁ ଭକ୍ତଙ୍କ ନାଲିଆଖି

ଭୁବନେଶ୍ୱର,୧୬।୧୧(ସମିସ): ସବୁ ଦଳରେ ବିଭୀଷଣ ଅଛନ୍ତି। କଂଗ୍ରେସରେ ମଧ୍ୟ କିଛି ବିଭୀଷଣ ଭଳି ଆତ୍ମଘାତୀ କାର୍ଯ୍ୟ କରି ଦଳର କ୍ଷତି କରିଛନ୍ତି। ନିର୍ବାଚନ ସମୟରେ ଦଳ ଏବଂ ତାଙ୍କ ବିରୋଧରେ ଅପପ୍ରଚାରର ବନ୍ୟା ସୃଷ୍ଟି କରାଯାଇଥିଲା। ଦଳରେ ଥାଇ ଆତ୍ମଘାତୀ କାର୍ଯ୍ୟ କରି ଦଳକୁ କ୍ଷତି ପହଞ୍ଚାଇଥିବା ବିଭୀଷଣମାନଙ୍କୁ କଦାପି ଛଡ଼ାଯିବ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ନୂଆପଡ଼ା ଉପନିର୍ବାଚନ ପରେ ଶ୍ରୀ ଦାସ ରବିବାର ଭୁବନେଶ୍ୱର ଫେରି ଗଣମାଧ୍ୟମକୁ ସୂଚନା ଦେଇ କଂଗ୍ରେସରେ ଥିବା କୁଚକ୍ରୀ ବିଭୀଷଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

ଭକ୍ତ କହିଛନ୍ତି, କଂଗ୍ରେସ ନୂଆପଡ଼ାରେ ଉତ୍ତମ ଭାବରେ ନିର୍ବାଚନ ପରିଚାଳନା କରିଥିଲା। କଂଗ୍ରେସର ପ୍ରଚାରରେ ଜନସମର୍ଥନ ଦେଖି ବିଜେପି ଭୟଭୀତ ହୋଇଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସଭାରେ ଲୋକ ନ ହୋଇ ବଳକା ଖାଦ୍ୟ ଖାଇ ୧୭ଟି ଗାଇ ମରିଯିବା ଯୋଗୁଁ ବିଜେପି ଦଳ ନିରୁତ୍ସାହିତ ହୋଇ ଯାଇଥିଲା। ତେଣୁ ବିଜେପି ରଣନୀତି ବଦଳାଇ ମାଳମାଳ ମନ୍ତ୍ରୀ ଏବଂ ବିଧାୟକଙ୍କୁ ପ୍ରଚାର କାର୍ଯ୍ୟରେ ଲଗାଇଲା। ଦୁଇଜଣ ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ଲଗାତାର ତୋଫାନୀ ସଭା କଲେ। ଏପରିକି ଶହଶହ ଗାଡ଼ିଘୋଡ଼ା, ଗୀତବାଦ୍ୟ, ଯାତ୍ରା, ଅର୍କେଷ୍ଟ୍ରା ପାର୍ଟି ଆଦି ଆଣି ଦିନ ତମାମ ସମ୍ପୂର୍ଣ ରାସ୍ତା ଅବରୋଧ କରିଥିଲେ। ବିଜେପି ଗୋଟେ ଗୋଟେ ଦିନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲା। ଗୁରୁତ୍ୱପୂର୍ଣ୍ଣ ବିଷୟ, ସମ୍ପୂର୍ଣ୍ଣ ନିର୍ବାଚନ ପୁଲିସ ପରିଚାଳନା କରୁଥିଲା। ଏହାର ପରିଣାମ ସ୍ୱରୂପ ବିଜେପି ନବନିର୍ବାଚିତ ବିଧାୟକ ଜୟ ଢୋଲକିଆ ବିଜୟୀ ହେବା ପରେ ଆଇଜି ହିମାଂଶୁ ଲାଲ୍‌ଙ୍କ ପାଦ ଛୁଇଁ ପ୍ରଣାମ କରିଥିଲେ। ଏଥିରୁ ନୂଆପଡ଼ା ଉପନିର୍ବାଚନରେ ପୁଲିସର ଭୂମିକା କ'ଣ ଥିଲା, ତାହା ସ୍ପଷ୍ଟ ପ୍ରମାଣିତ ହୋଇଛି। ହିମାଂଶୁ ଲାଲ୍ ଆଶୀର୍ବାଦ ଦେଲେ ଏବଂ ଜୟ ଢୋଲକିଆ ଭୋଟ୍ ପାଇଲେ ବୋଲି ଭକ୍ତ କହିଛନ୍ତି।



**■ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଲେ ପିସିସି ସଭାପତି**
**■ ଏହା ଉପନିର୍ବାଚନ ନୁହେଁ; ଗଣତନ୍ତ୍ର ପ୍ରତି ଉପହାସ ଥିଲା**
**■ ହିମାଂଶୁ ଲାଲ୍‌ଙ୍କଠୁ ଜୟ ଆଶୀର୍ବାଦ ନେବାକୁ ସମାଲୋଚନା**

ଅନ୍ୟପକ୍ଷରେ କଂଗ୍ରେସ ପାଇଥିବା ଭୋଟ ସଂଖ୍ୟାରେ ସେ ସନ୍ତୁଷ୍ଟ ବୋଲି ଭକ୍ତ କହିଛନ୍ତି। କାରଣ ମୃତ୍ୟୁବରଣ କରିଥିବା ବିଜେଡି ବିଧାୟକଙ୍କ ପୁଅ ଶାସକ ଦଳ ପ୍ରାର୍ଥୀ ହୋଇଥିଲେ। ସରକାରୀ କଳର ସମ୍ପୂର୍ଣ ଅପବ୍ୟବହାର କରାଯାଇଥିଲା। ଅଭୂତପୂର୍ବ ଭାବେ ଟଙ୍କା ଖର୍ଚ୍ଚ କରାଯାଇଥିଲା। ସମସ୍ତ ମନ୍ତ୍ରୀ, ବିଧାୟକ ପ୍ରଚାରରେ ନିଯୁକ୍ତ ହୋଇଥିଲେ। ଯେଉଁ ସ୍ଥାନରେ ଟଙ୍କା କାମ ଦେଲାନାହିଁ, ସେ ସ୍ଥାନମାନଙ୍କରେ ବିଜେପି ବିଭିନ୍ନ ଉପାୟରେ ଭୋଟ ଚୋରି କଲା। କଂଗ୍ରେସ ପାଇଁ ଏଭଳି ଉପନିର୍ବାଚନରେ ଉପଲବ୍‌ଧ କେବେ ମିଳି ନ ଥିଲା। ଏହି ଉପନିର୍ବାଚନ କଂଗ୍ରେସର ଆଶା ଓ ମନୋବଳକୁ ଦୃଢ଼ କରିଛି। ବିଜେପି ନିର୍ବାଚନ ପ୍ରଚାରକୁ କିଭଳି ମୁକାବିଲା କରାଯିବ, ଆମେ ଏଥିରୁ ମଧ୍ୟ ଶିକ୍ଷାଲାଭ କଲୁ ବୋଲି ଭକ୍ତ କହିଛନ୍ତି।

ଭକ୍ତ ଆହୁରି କହିଛନ୍ତି ଯେ ନିର୍ବାଚନ ଯେପରି ଲଢ଼ାଯାଏ କଂଗ୍ରେସ ସେପରି ଦାୟିତ୍ୱରେ ଥିବା ସମସ୍ତ କର୍ମୀ, କର୍ମକର୍ତ୍ତା ଏବଂ ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ସୁଚାରୁ ରୂପେ ନିର୍ବାଚନ ପରିଚାଳନା କରିଥିଲା। ଜନସାଧାରଣଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିଥିଲା। ଦଳ ପକ୍ଷରୁ କୌଣସି ଅବହେଳା ହୋଇ ନାହିଁ। କିନ୍ତୁ ବିଜେପିର ଅନୀତିଯୁକ୍ତ ପ୍ରଚାର ସହ କଂଗ୍ରେସ ସମକକ୍ଷ ହୋଇପାରିଲା ନାହିଁ। ଗୋଟେ ଉପନିର୍ବାଚନ ପାଇଁ ସରକାରଙ୍କ ଏଭଳି ଜିଦ୍ ଏବଂ ଶାସନର ଦୁରୁପଯୋଗ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ପିସିସି ସଭାପତି କହିଛନ୍ତି।

## ମାଓ ଦମ୍ପତିଙ୍କ ଆତ୍ମସମର୍ପଣ

ଫୁଲବାଣୀ/ଫିରିଙ୍ଗିଆ, ୧୬।୧୧ (ସମିସ): କନ୍ଧମାଳ ପୁଲିସ ନିକଟରେ ଆଜି ଏକ ମାଓ ଦମ୍ପତି ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, ଛତିଶଗଡ଼ ସୁକମା ଜିଲ୍ଲା ପାରଲାଗାଟା ଗ୍ରାମର ଉଙ୍ଗା କଲମା ଓରଫ କିଶୋର(୨୫) ଓ ସୁକମା ଜିଲ୍ଲା ବାଜେ ଥାନା ଗୁମୁ ପଞ୍ଚାୟତର କିଣ୍ଡରାମ ଗ୍ରାମର ମାସେ ମାଣ୍ଡଭୀ (୨୨)। ସେମାନେ ୨୦୧୮ ମସିହାରେ ଲାଲବାହିନୀରେ ଯୋଗଦେଇ ବଂଶଧାରା-ଘୁମୁସର-ନୟାଗଡ଼ (ବିଜିଏନ) ସଙ୍ଗଠନରେ ପାର୍ଟି ମେମ୍ବର ଭାବେ କାମ କରୁଥିଲେ। ଦକ୍ଷିଣ-



କେନ୍ଦ୍ର ଓଡ଼ିଶା ମଧ୍ୟ ଦେଇ ଲାଲବାହିନୀର ଉତ୍ତର-ଦକ୍ଷିଣ କରିଡରକୁ ପୁନଃ ସକ୍ରିୟ କରିବା ପାଇଁ ସେମାନେ କାମ କରୁଥିଲେ ବୋଲି ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନିତିଶେଖର ପ୍ରକାଶ କରିଛନ୍ତି। ସେମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ସଂଘଟିତ ଅନେକ ମାଓ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିଥିବା କନ୍ଧମାଳ ଏସ୍‌ପି ହରିଣ ବିଶି କହିଛନ୍ତି।

ମାଓ ସଙ୍ଗଠନର ମିଥ୍ୟା ପ୍ରତିଶ୍ରୁତି, ହିଂସାତ୍ମକ କାର୍ଯ୍ୟକଳାପ, ନିର୍ଯାତନା, ବିକାଶକୁ ବିରୋଧ ଭଳି ଜନବିରୋଧୀ କାର୍ଯ୍ୟ ପ୍ରତି ବୀତସ୍ପୃହ ହେବା ସହିତ ସରକାରଙ୍କ ପକ୍ଷରୁ ଘୋଷିତ ଆକର୍ଷଣୀୟ ଥଇଥାନ ପ୍ୟାକେଜ ଦ୍ୱାରା ପ୍ରଭାବିତ ହୋଇ ସଙ୍ଗଠନ ଛାଡିବା ସହ ସମାଜର ମୁଖ୍ୟସ୍ରୋତକୁ ଫେରିବା ପାଇଁ ନିଷ୍ପତ୍ତି ନେଇଥିବା ଉଭୟ ପ୍ରକାଶ କରିଛନ୍ତି।

ଅପରପକ୍ଷେ, ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି ଆଇଜି ନିତିଶେଖର। ଏଥିସହ ବାଲିଗୁଡ଼ା ଥାନା ଅନ୍ତର୍ଗତ ପାଙ୍ଗୁରମାଲା ଗ୍ରାମ ନିକଟରେ ଡିଭିଏଫ ପକ୍ଷରୁ କମ୍ବିଂ ଅପରେସନ ଚାଲିଥିବା ବେଳେ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଥିବା ସୂଚନା ଦେଇଛନ୍ତି ଆଇଜି। ଜବତ ସାମଗ୍ରୀ ମଧ୍ୟରେ ରହିଛି ୪ଟି ମୋର୍ଟାର ସେଲ, ୩ଟି ଡିଟୋନେଟର, ଟିଫିନ ବକ୍ସ, ବିଦ୍ୟୁତ ତାର ସହିତ ଖାଦ୍ୟ ସାମଗ୍ରୀ, ପୋଷାକ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ହେଲା ସ୍ୱତନ୍ତ୍ର ମାର୍ଗଦର୍ଶିକା
## ଦଣ୍ଡନାଚରେ ଦ୍ୱିଅର୍ଥବୋଧକ ଶବ୍ଦକୁ ନା

ବ୍ରହ୍ମପୁର,୧୬।୧୧(ସମିସ): ଗଞ୍ଜାମର ଗଣପର୍ବ ଦଣ୍ଡନାଚରେ କ୍ରମଶଃ ଅଶ୍ଳୀଳତା ଓ ଅପସଂସ୍କୃତି ପ୍ରବେଶ କରୁଛି। ଏହା ଲୋକଙ୍କ ଧାର୍ମିକ ଭାବନାକୁ କୁଠାରଘାତ କରୁଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏହା ବିରୋଧରେ ପ୍ରଶାସନିକସ୍ତରରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଆସୁଥିବା ବେଳେ ବର୍ତ୍ତମାନ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଏନେଇ ତତ୍ପରତା ପ୍ରକାଶ ପାଇଛି। ଦଣ୍ଡନାଚରେ ଅଶ୍ଳୀଳତା, ଅପସଂସ୍କୃତି ଓ ଅସାମାଜିକ ତତ୍ତ୍ୱର ନିରାକରଣ ସକାଶେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି।



ଧୂଳିଦଣ୍ଡ ସମୟରେ ପାରମ୍ପାରିକ ଢଗଢ଼ମାଳି ଓ ଲୋକସଙ୍ଗୀତର ବ୍ୟବହାରକୁ ଯଦିଓ ଅନୁମତି ମିଳିଛି, ଦ୍ୱିଅର୍ଥବୋଧକ ଶବ୍ଦର ପ୍ରୟୋଗକୁ ନିଷିଦ୍ଧ କରାଯାଇଛି। ରାତ୍ରି ସମୟରେ ଆୟୋଜିତ ସାଂସ୍କୃତିକ ମଞ୍ଚରେ କେବଳ ପାରମ୍ପରିକ କଳାକୁ ଅନୁମତି ଦିଆଯାଇଛି। ବ୍ଲକ୍/ମହାନଗର ନିଗମ ସ୍ତରରେ କମିଶନର, ତହସିଲଦାର, ବିଡିଓ, ଥାନା ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକ କଳା ସଂସ୍କୃତି ସଂଘକୁ ନେଇ ଏକ କମିଟି ଗଠନ କରାଯିବ। ପ୍ରତିବର୍ଷ ଦଣ୍ଡନାଚ ଆରମ୍ଭ ପୂର୍ବରୁ ଦଣ୍ଡନାଚର ମୁଖ୍ୟ ପରିଚାଳକଙ୍କୁ ନେଇ ବୈଠକ କରାଯାଇ ପ୍ରଶାସନ ପକ୍ଷରୁ ଜାରି ଦଣ୍ଡନାଚର ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ ନେଇ ଆଲୋଚନା କରାଯିବ। ଦଣ୍ଡନାଚର ମୁଖ୍ୟ ପରିଚାଳକ ଦଣ୍ଡନାଚ ପୂର୍ବରୁ ଆବଶ୍ୟକ ସର୍ତ୍ତ ପୂରଣ କରି ସ୍ଥାନୀୟ ଥାନା ଅଧିକାରୀଙ୍କଠାରୁ ଅନୁମତି ନେବେ। ଅନୁମତିପତ୍ରରେ ଦଣ୍ଡନାଚର ସବିଶେଷ ତଥ୍ୟ ଯଥା ନାଟକ

**ଖିଲାପ କଲେ କାର୍ଯ୍ୟାନୁଷ୍ଠାନ: ଜିଲ୍ଲାପାଳ**

ସମ୍ପର୍କିତ ସମ୍ପୂର୍ଣ୍ଣ ବିବାରଣୀ, କଳାକାରଙ୍କ ନାମ ଓ ଠିକଣା, କେତେଦିନ ଓ କେଉଁ ସ୍ଥାନରେ ଦଣ୍ଡନାଚ ପରିବେଷଣ କରାଯିବ, ସେନେଇ ମଧ୍ୟ ତଥ୍ୟ ପ୍ରଦାନ କରିବାକୁ ହେବ। ଦଣ୍ଡନାଚ ପରିବେଷଣ ସମୟରେ ମାର୍ଗଦର୍ଶିକାର ଉଲ୍ଲଂଘନ ହେଲେ, ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ପ୍ରଶାସନ ପକ୍ଷରୁ ନିଆଯାଇଥିବା ଏଭଳି ପଦକ୍ଷେପକୁ କଳା ଓ ସଂସ୍କୃତି ପ୍ରେମୀଙ୍କ ସହିତ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ

କେନ୍ଦୁଝର, ୧୬।୧୧ (ସମିସ): କେନ୍ଦୁଝର ସଦର ଥାନା ଅଞ୍ଚଳରେ ୯ ବର୍ଷୀୟା ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୁଲିସ୍ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପଶ୍ଚିମବଙ୍ଗ ବାଙ୍କୁରା ଅଞ୍ଚଳର ଅସିଫ୍ ଅନୱାର୍ ଖାନ୍‌କୁ କାଶୀପୁର ନିକଟରୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାନୁସାରେ, ପୀଡ଼ିତାଙ୍କ ବାପାଙ୍କ ଗାଁରେ ଏକ ଗ୍ରୋସରୀ ଦୋକାନ ଅଛି। ଅସିଫ୍ ସେ ଅଞ୍ଚଳର ଦୋକାନଗୁଡ଼ିକରେ ପାଉଁରୁଟି ବିକିବାକୁ ଯାଇଥାଏ। ଗତକାଲି ମଧ୍ୟ ପାଉଁରୁଟି ବିକିବା ପାଇଁ ଯାଇଥିବା ବେଳେ ଦୋକାନ ବନ୍ଦ ଥିବାରୁ ସେ ପୀଡ଼ିତାଙ୍କ ଘରକୁ ଯାଇଥିଲା। ଘରେ କେହି ନଥିବା ଦେଖି ନାବାଳିକାଙ୍କ ଦୁଷ୍କର୍ମ କରି ଫେରାର୍ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆଜି ନାବାଳିକାଙ୍କ ବାପା ସଦର ଥାନାରେ ଅଭିଯୋଗ କରିଛନ୍ତି।

**■ ଆଇନଜୀବୀ ପୀତବାସ ହତ୍ୟା ମାମଲା**

## ଚିଣ୍ଟୁ, ଯୋଗୀ ଓ କୁରୁପତିଙ୍କ ଟିଆଇ ପରେଡ୍ ଆଜି

ବ୍ରହ୍ମପୁର, ୧୬।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ ଓ ଯୋଗେନ୍ଦ୍ର ରାଉତ ଓରଫ୍ ଯୋଗୀର ସୋମବାର ବ୍ରହ୍ମପୁର ଜେଲ୍‌ରେ ଟିଆଇ ପରେଡ୍ ହେବ। ଏଥିପାଇଁ ତଦନ୍ତକାରୀ ଅଧିକାରୀ ତଥା ଟାଉନ ଏସ୍‌ଡିପିଓ ପ୍ରିୟସ ରଂଜନ ଛୋଟରାୟ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଅନୁମତି ଦେଇଥିବା ଜଣାପଡ଼ିଛି। ସୋମବାର ଆକାଶ ବିଷୋୟୀ ଓ ଏନ୍ କିରଣ କୁମାରଙ୍କ ସମେତ ୩ରୁ ଉର୍ଦ୍ଧ୍ୱ ସାକ୍ଷୀ ଜେଲରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଚିଣ୍ଟୁ, ଯୋଗୀ ଓ କୁରୁପତିଙ୍କୁ ଟିଆଇ ପରେଡ୍‌ରେ ଚିହ୍ନଟ କରିବାର କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି। ଗତ ଶନିବାର ଗିରଫ ୫ ଅଭିଯୁକ୍ତ ଶିଶୁପାଳ କୁମାର ପାଶ୍ୱାନ, ସୀମାଞ୍ଚଳ ନାୟକ, କୁନ୍ଦନ କୁମାର, ବିପିନ ସ୍ୱାଇଁ ଓ ଉମା ଶଙ୍କର ବିଶୋୟୀଙ୍କ ଟିଆଇ ପରେଡ୍ ହୋଇଥିଲା।

ହତ୍ୟାକାଣ୍ଡ ଦିନ ଚିଣ୍ଟୁ ବାଇକ୍ ଚଳାଉଥିବା ବେଳେ କୁରୁପତି ଗୁଳି ଚଳାଇଥିଲା ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ଏପରିକି, ଚିଣ୍ଟୁ ଓ କୁରୁପତିଙ୍କ ମୁହଁରେ କଳାକନା ବା ମୁଖା ପିନ୍ଧାଇ ଘଟଣାସ୍ଥଳରେ ସିନ୍ ରିକ୍ରିଏସନ୍ ମଧ୍ୟ କରାଯାଇଥିଲା। କିନ୍ତୁ କୋର୍ଟଚାଲାଣ ବେଳେ ସମସ୍ତ ଅଭିଯୁକ୍ତଙ୍କ ମୁହଁ ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ଏହାଦ୍ୱାରା ଅଭିଯୁକ୍ତଙ୍କୁ ସମସ୍ତେ ଦେଖିବାର ସୁଯୋଗ ପାଇଥିଲେ। ତେଣୁ, ବର୍ତ୍ତମାନ ଟିଆଇ ପରେଡ୍ ଜରିଆରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାର ଯଥାର୍ଥତାକୁ ନେଇ ପ୍ରଶ୍ନ ଉଠିଛି।

**ବଳଦେବ ଜୀଉ ମନ୍ଦିର ଉନ୍ନୟନ ପ୍ରକଳ୍ପର ସମୀକ୍ଷା**

## ପାରିପାର୍ଶ୍ୱିକ ଉନ୍ନତୀକରଣ ଉପରେ ପୂର୍ତ୍ତ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୧୬।୧୧(ସମିସ): କେନ୍ଦ୍ରାପଡ଼ାର ପ୍ରସିଦ୍ଧ ବଳଦେବ ଜୀଉ ମନ୍ଦିରର ଐତିହ୍ୟ, ପର୍ଯ୍ୟଟନ ଓ ଭକ୍ତଙ୍କ ଭାବାବେଗ ଦୃଷ୍ଟିରୁ ସ୍ୱତନ୍ତ୍ରତା ରହିଛି। ମନ୍ଦିରର ପୂଜାବିଧି ଓ ପରମ୍ପରା ମଧ୍ୟ



ଅନେକ ଜଗନ୍ନାଥପ୍ରେମୀଙ୍କୁ ଆକୃଷ୍ଟ କରିଥାଏ। ବର୍ତ୍ତମାନ ସମୟରେ ମନ୍ଦିର ଓ ପାରିପାଶ୍ୱରିକ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ରହିଛନ୍ତି। ଏହି କ୍ରମରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବଳଦେବ ଜୀଉ ମନ୍ଦିର ଓ ପାରିପାଶ୍ୱର୍କ ଉନ୍ନତି ନେଇ ଏକ ସମୀକ୍ଷା ବୈଠକ କରାଯାଇଛି। ବୈଠକରେ ମୁଖ୍ୟ ମନ୍ଦିରର ଆବଶ୍ୟକ ମରାମତି, ପାରିପାଶ୍ୱର୍କ ଉନ୍ନତି ସହ ଆନନ୍ଦବଜାର, ରୋଷଘର, ସିନ୍ଦୁକ ଘର, ନିକଟରେ ଥିବା ପୁଷ୍କରିଣୀର ଉନ୍ନତିକରଣ ନେଇ କ'ଣ ପଦକ୍ଷେପ ନିଆଯାଇପାରିବ ସେ ନେଇ ପ୍ରସ୍ତାବିତ ଥ୍ରୀ-ଡି ନକ୍ସାର ତର୍ଜମା କରାଯାଇଛି। ଏଥି ସହିତ ମାଉସୀ ମା' ମନ୍ଦିରର ଉନ୍ନତି କରଣ, ପାର୍କିଂ ସ୍ଥଳ, ରଥଖଳା, ଯାତ୍ରୀନିବାସ, ଭୋଗ ଦୋକାନ, ପୁଲିସ କଣ୍ଟ୍ରୋଲ ରୁମ୍ ଆଦିର ଆଧୁନିକୀକରଣ ବାବଦରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ ଜିଲ୍ଲାପାଳ ରଘୁରାମ ଆର୍ ଆୟାର ଓ ମନ୍ଦିର ସେବାୟତ ମାନଙ୍କ ସହ ଆଲୋଚନା ହୋଇଥିଲା। ଏହି ଅବସରରେ ବଳଦେବ ଜୀଉ ମନ୍ଦିର ଓ ପାରିପାଶ୍ୱର୍କ ଉନ୍ନତି ପାଇଁ ବିସ୍ତୃତ ପ୍ଲାନ୍ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ, ମନ୍ଦିର ସେବାୟତ ସଂଘର ପ୍ରତିନିଧି ବୃନ୍ଦ ଏବଂ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।


**NOTICE (for Minor)**

By virtue of an affidavit sworn before The Executive Magistrate, Udala, Mayurbhanj, dated 14-11-2025 I, Bariyal Hembram, Address AT- Jamgandia, PO-Paktia, PS-Jharpokharia, Dist-Mayurbhanj, PIN-757093 declare that I have changed the name of my son from Gabinda Murmu to Gobinda Hembram. Henceforth, he shall be known as **Gobinda Hembram** for all purposes.

Bariyal Hembram

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL


## ଅବଶିଷ୍ଟାଂଶ

### ଋଣ ଚାପରେ...

ପ୍ରଦର୍ଶନ କରିଛନ୍ତି। ଅନ୍ୟପକ୍ଷରେ ଗତ ଦଶନ୍ଧିରେ ଉତ୍ତମ ଆର୍ଥିକ ପରିଚାଳନା ନିମନ୍ତେ ଓଡ଼ିଶା, ଗୁଜରାଟ ଓ ମହାରାଷ୍ଟ୍ର ପରି ତିନିଟି ରାଜ୍ୟର ଜିଏସ୍‌ଡ଼ିପି ଓ ଋଣ ଅନୁପାତ ଭଲ ଥିବା କୁହାଯାଇଛି। ଓଡ଼ିଶାର ଋଣ ଓ ଜିଏସ୍‌ଡିପି ଅନୁପାତ ୧୪ % ମଧ୍ୟରେ ଥିବାବେଳେ ଗୁଜରାଟରେ ୧୫.୩% ଓ ମହାରାଷ୍ଟ୍ରରେ ୧୯ % ରହିଥିବା କୁହାଯାଇଛି।

ଅନ୍ୟପକ୍ଷରେ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସିକ (ଅକ୍ଟୋବର-ଡ଼ିସେମ୍ବର) ମଧ୍ୟରେ ଦେଶର ୨୬ଟି ରାଜ୍ୟ ବଜାରରୁ ୨.୮୭ ଲକ୍ଷ କୋଟି ଟଙ୍କା ଓ ଶେଷ ତ୍ରୟମାସିକ ପାଇଁ ପ୍ରାୟ ସମାନ ପରିମାଣର ଋଣ ଉଠାଇବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସମ୍ପ୍ରତି ଦେଶର ରାଜ୍ୟ ସମୂହର ଋଣ ଓ ଜିଏସ୍‌ଡିପିର ହାରାହାରି ଅନୁପାତ ୨୮.୮% ପହଞ୍ଚିଥିବାବେଳେ ଆର୍ଥିକ ବର୍ଷ ଶେଷ ବେଳକୁ ଏହା ୩୧% ଅତିକ୍ରମ କରିବାର ଆଶଙ୍କା ରହିଛି। ଯାହା ରାଜ୍ୟଗୁଡ଼ିକର ବିକାଶ ହାରକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

### ଛିଡୁନି ବିହାର...

କରିବାକୁ ଦାବି କରିଥିବା ଜଣାପଡ଼ିଛି। ଗତ ମନ୍ତ୍ରିମଣ୍ଡଳରେ ବିଜେପିର ୧୯ ଏବଂ ଜେଡିୟୁର ୧୩ ଜଣ ମନ୍ତ୍ରୀ ଥିଲେ। ତେବେ ଉପମୁଖ୍ୟମନ୍ତ୍ରୀ ଥିବା ବିଜେପିର ଦୁଇ ନେତା ସମ୍ରାଟ ଚୌଧୁରୀ ଏବଂ ବିଜୟ ସିହ୍ନାଙ୍କୁ ଏହି ପଦରେ ରଖାଯିବା ନେଇ କିଛି ନିଶ୍ଚିତ ହୋଇନାହିଁ। ଏନଡିଏ ନେତାମାନଙ୍କ ମଧ୍ୟରେ ଏସଂପର୍କରେ ବିଚାର ଆଲୋଚନା ଚାଲିଛି। ମଙ୍ଗଲ ପାଣ୍ଡେ ଓ ରଜନୀଶ କୁମାରଙ୍କ ମଧ୍ୟରୁ ଜଣଙ୍କୁ ଉପ- ମୁଖ୍ୟମନ୍ତ୍ରୀ ପଦ ମିଳିବା ନେଇ ଚର୍ଚ୍ଚା ହେଉଛି। ବିହାର ବିଧାନସଭା ନିର୍ବାଚନରେ ବିଜେପିକୁ ସର୍ବାଧିକ ୮୯ ଆସନ ମିଳିଥିବା ବେଳେ ଜେଡିୟୁ ୮୫, ଏଲ୍‌ଜେପି (ଆର) ୧୯, ହାମ୍‌ସ ୫ ଓ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ୪ଟି ଆସନ ହାସଲ କରିଛନ୍ତି।

### ଭଉଣୀ ଟଙ୍କା ପାଇଁ...

ହୋଇଥିଲା। ଏହା ଦେଖି ପାଖରେ ଥିବା ବଡ଼ଭାଇ ପ୍ରକାଶ ଓ ତପନ ବିରୋଧ କରିବାରୁ ରମେଶ ସେମାନଙ୍କୁ ଆକ୍ରମଣ କରିଥିଲା। ଏ ସଂପର୍କରେ ମା' ହେମ ସାହୁ ଓ ଅନ୍ୟ ୩ ଭାଇ ଘଟଣା ସମ୍ପର୍କରେ ଥାନାରେ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆପୋଷ ସମାଧାନ କରି ଫେରିଥିଲା। କିନ୍ତୁ ଏହାକୁ ନେଇ ମନେମନେ ରମେଶ ଭୀଷଣ ରାଗି ଯାଇଥିଲା। ତେଣୁ ବିଳମ୍ବିତ ରାତିରେ ସେ ପ୍ରଚୁର ମଦ ପିଇ ଘରକୁ ଫେରିଥିଲା। ପଦ୍ମନାଭ ଏକୁଟିଆ ଶୋଇଥିବା ଦେଖି ତାଙ୍କ ପେଟରେ ଛୁରି ଭୁସି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। କିନ୍ତୁ ଏ ସଂପର୍କରେ ପରିବାରଲୋକେ ଟେର୍ ପାଇନଥିଲେ। ସକାଳୁ ପରିବାରଲୋକ ଏ ସଂପର୍କରେ ଜାଣିବା ପରେ ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ରମେଶକୁ ଅଟକ ରଖି ତଦନ୍ତ କରୁଛି।

### ଧରାପଡ଼ି ନାହାନ୍ତି...

ନ ଦେବାକୁ ଗତ ମାର୍ଚ୍ଚ ମାସ ୧ ତାରିଖରେ ଚୌଦ୍ୱାର ଜେଲ୍ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହା ସତ୍ତ୍ୱେ ଚିଫ୍ ୱାର୍ଡର ଭଗତଙ୍କ ଉପରୁ ମାତ୍ର ୧୫ ଦିନ ପରେ ନିଲମ୍ବନ ଆଦେଶ ହଟାଯାଇ ପୁଣିଥରେ କେନ୍ଦ୍ରାପଡ଼ା ଜେଲ୍‌ରେ ଅବସ୍ଥାପିତ କରାଯାଇଛି। ଚୌଦ୍ୱାର ଜେଲ୍‌ରୁ ଯେଉଁଦିନ ଅଭିଯୁକ୍ତଦ୍ୱୟ ଫେରାର୍ ହେଲେ, ଉକ୍ତ ଦିନ ଭଗତ ଚିଫ୍ ୱାର୍ଡର ଡ୍ୟୁଟିରେ ଥିଲେ। ରାତି ସମୟରେ ସେ ଡ୍ୟୁଟି ନ କରି ଜେଲ୍‌ର ମେଡିକାଲ ରୁମ୍‌ରେ ଶୋଇଥିବା ସଙ୍ଗୀନ ଅଭିଯୋଗ ତାଙ୍କ ବିରୋଧରେ ଆସିଥିଲା। ଏହାପରେ ତାଙ୍କୁ ନିଲମ୍ବନ କରାଗଲା। ଏଭଳି ଦାୟିତ୍ୱହିନତା ସତ୍ତ୍ୱେ ବି ଜେଲ୍ ବିଭାଗ ତାଙ୍କୁ ମାତ୍ର ୧୫ ଦିନରେ ପୁନଃ ଅବସ୍ଥାପିତ କରାଯିବାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ୫ ଡିଗ୍ରୀକୁ ଖସିଲା...

ସ୍ୱାଭାବିକ ତୁଳନାରେ ତାପମାତ୍ରା ୫.୧ ଡିଗ୍ରୀ କମ୍ ରେକର୍ଡ ହୋଇଛି। ଏହାସହିତ ଭୁବନେଶ୍ୱର ତାପମାତ୍ରା ୧୩ ଡିଗ୍ରୀ ଓ ସ୍ୱାଭାବିକ ତୁଳନାରେ ୬.୪ ଡିଗ୍ରୀ ତଳେ ରହିଥିବାରୁ ଏହି ଦୁଇ ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହୋଇଛି। ଅନ୍ୟ ସହରଗୁଡ଼ିକ ଯଥା ଦାରିଙ୍ଗବାଡ଼ିରେ ତାପମାତ୍ରା ୮ ଡିଗ୍ରୀ, ସେମିଳିଗୁଡ଼ିରେ ୭.୪, ଫୁଲବାଣୀରେ ୯ ଡିଗ୍ରୀ ରେକର୍ଡ ହୋଇଛି। ରାଉରକେଲା ୧୦.୨, ଝାରସୁଗୁଡା ୧୦.୬, କେନ୍ଦୁଝର ୧୦.୮, ସମ୍ବଲପୁର ୧୪.୨, ହୀରାକୁଦ ୧୫.୩, ବାଲେଶ୍ୱର ୧୫.୪, ଗୋପାଳପୁର ୧୫.୭, ଚାନ୍ଦବାଲି ୧୫.୮, ପାରାଦୀପ ୧୫.୮ ଓ ପୁରୀ ରେ ତାପମାତ୍ରା ୧୭.୮ ଡିଗ୍ରୀ ରେକର୍ଡ ହୋଇଛି। ତାପମାତ୍ରା ହ୍ରାସ ପ୍ରଭାବରେ ଆଭ୍ୟନ୍ତରୀଣରୁ ନେଇ ଉପକୂଳ, ପଶ୍ଚିମରୁ ନେଇ ଦକ୍ଷିଣ ଓଡ଼ିଶା ସବୁଠି ଶୀତର ଲହରୀ ଦେଖିବାକୁ ମିଳୁଛି। ଏଭଳି ସ୍ଥିତି ଆଗାମୀ ୨ ଦିନ ଯାଏଁ ଆର୍ଥାତ ୧୮ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି। ଏହାପରେ ତାପମାତ୍ରାରେ ୨-୩ ଡିଗ୍ରୀ ବଢ଼ିବା ସହ ଶୀତର ପରିମାଣ ସାମାନ୍ୟ ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି। ମାତ୍ର ଏହି ସମୟରେ ପଶ୍ଚିମ ସହ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ ପୂର୍ବ ଭଳି ଥଣ୍ଡା ଅନୁଭୂତ ହେବ। ଶ୍ରୀଲଙ୍କା ଉପକୂଳ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପ୍ରଭାବରେ ତାମିଲନାଡୁ ଓ ଦକ୍ଷିଣ ଉପକୂଳ ଆନ୍ଧ୍ରପ୍ରଦେଶ ଏବଂ ରୟାଲସୀମାରେ ଆଜି ଓ ଆସନ୍ତାକାଲି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଲଘୁଚାପର ପ୍ରଭାବ ଓଡ଼ିଶା ଉପରେ ନଥିବା ବେଳେ ରାଜ୍ୟକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଆସିବା ଯୋଗୁଁ ଥଣ୍ଡା କମିବାର ସମ୍ଭାବନା ରହିଛି।


**ସର୍ବସାଧାରଣ ସୂଚନା**

ଓମେଗା ଏଣ୍ଟରପ୍ରାଇଜେସ୍, ସରଣ୍ଡାମାଲ ପଥର ଖଣି -୨ ର ଲିଜ୍ ଧାରକ ଯାହାର ପ୍ରକଳ୍ପକୁ ତୁରନ୍ତ EC ପ୍ରଦାନ କରାଯାଇଛି ଏବଂ EC ଚିଠିର କପି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ୱେବ୍‌ସାଇଟ୍ (www.parivesh.nic.in) ରେ ଉପଲବ୍ଧ।

**NOTICE**

It is hereby noticed to all concerned that the partnership firm M/s SARALA SERVICE STATION bearing Reg. No. 470/2012 of District Cuttack is reconstituted with effect from the 3rd November 2025 as follows :-

1. Shri. Rajendra Kumar Sahoo ............... Retiring Partner.
2. Shri. Manas Ranjan Sahoo ............... Incoming Partner.
3. Shri. Chandra Shekhar Sahoo ............... Existing Partner

**Shri. CHANDRA SHEKHAR SAHOO**
**Managing Partner**

# ବିଧାନସଭା ସମ୍ମୁଖରେ ଗଣଧାରଣା ଦେବ ମିଳିତ ଶ୍ରମିକ ସଂଗଠନ

ପଦ୍ମପୁର,୧୬।୧୧(ସମିସ):




ଦକ୍ଷିଣ ଓଡ଼ିଶା ପାଚିକା ଓ ସହାୟକ ମହାସଂଘ ତରଫରୁ ପଦ୍ମପୁର ଜଗମଣ୍ଡା ପାହାଡ଼ ଉପରେ ବ୍ଲକ ସଭାପତି ପାର୍ବତୀ ଶବରଙ୍କ ଆୟୋଜନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପଦେଷ୍ଟା ତ୍ରିପତି ଗମାଙ୍ଗ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିବା ସହ ସରକାର ଶ୍ରମିକ ମାନଙ୍କ ଅଧିକାର ସମାଧାନ ନ କଲେ ଡିସେମ୍ବର ୫ ତାରିଖ ଦିନ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ଧାରଣା ଦେବା ପାଇଁ ଚେତାବନୀ ଦେଇଛନ୍ତି । ପାଚିକା ଓ ସହାୟିକା ମାନଙ୍କୁ ମାସିକ ୨୬ ହଜାର ଟଙ୍କା ଓ ପାଚିକା ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା, ଶ୍ରମିକ ମାନଙ୍କୁ ୮ ଘଣ୍ଟା କାମକୁ ୧୦ ଘଣ୍ଟା କାମ ନ କରିବା , ଶ୍ରମିକ, କର୍ମଚାରୀ ବିରୋଧୀ ଶ୍ରମ କୋଡ୍‌କୁ ବାତିଲ କରିବା, ନୂତନ ଶିକ୍ଷା ନୀତି ୨୦୨୦ ବାତିଲ କରିବା, ୨୦୦୯ ଡିସେମ୍ବରରୁ ୨୦୧୨ ମାର୍ଚ୍ଚ ପର୍ଯ୍ୟନ୍ତ କାମ କରିଥିବା ସମସ୍ତ ପାଚିକା ଓ ସହାୟିକାଙ୍କ ନିର୍ଭୁଲ ତାଲିକା ପ୍ରସ୍ତୁତ କରି ମୃତକଙ୍କ ଉତ୍ତରାଧିକାରୀଙ୍କୁ ପାରିଶ୍ରମିକ ପ୍ରଦାନ କରିବା, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ୨୦୦୯ ଡିସେମ୍ବରଠାରୁ ୨୦୧୭ ଡିସେମ୍ବର ପର୍ଯ୍ୟନ୍ତ ରାଜ୍ୟ ସରକାର ପାରିଶ୍ରମିକ ପ୍ରଦାନ କରିବା, ସ୍କୁଲ ବନ୍ଦ, ସ୍କୁଲ ମିଶ୍ରଣ ଫଳରେ ବାଦ ପଡିଥିବା ସମସ୍ତ ପାଚିକାଙ୍କୁ ଅନ୍ୟତ୍ର ନିଶ୍ଚିତ ନିଯୁକ୍ତି କରିବା, ପିଲାସଂଖ୍ୟା କମ ପାଇଁ ବନ୍ଦ ହୋଇଥିବା ୯୬୬ ଓ ୧୪୩୭୯ ପ୍ରାଥମିକ ବିଦ୍ୟାଳୟକୁ ତୁରନ୍ତ ଖୋଲି ପାଚିକାମାନଙ୍କୁ ନିଯୁକ୍ତି ଦେବା, ପାଚିକାମାନଙ୍କୁ ୧୦ ମାସର ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ ପ୍ରଦାନ କରିବା, ଅବସରକାଳୀନ ବୟସ ସୀମା ୬୨କୁ ବୃଦ୍ଧି କରିବା ସହିତ ୬୦ବର୍ଷ ପରେ ବାଦ ପଡିଥିବା ପାଚିକା ଙ୍କୁ ଭତ୍ତା ପ୍ରଦାନ କରିବା । ପାଚିକାଙ୍କୁ ପ୍ରତିମାସ ପ୍ରଥମ ସପ୍ତାହରେ ପାରିଶ୍ରମିକ ପ୍ରଦାନ କରିବା, ମଧ୍ୟାହ୍ନ ଭୋଜନ କାମ ବ୍ୟତିତ ଅନ୍ୟାନ୍ୟ କାମରେ ନିୟୋଜିତ ବନ୍ଦ କରିବା, ପାଚିକାମାନଙ୍କୁ ଛୁଟି ନେବାର ବ୍ୟବସ୍ଥା ସହିତ ସରକାରୀ ନିୟମ ଅନୁଯାୟୀ ପାରିଶ୍ରମିକ ସହିତ ପ୍ରସୂତିକାଳୀନ ଛୁଟିର ବ୍ୟବସ୍ଥା କରିବା, ମଧ୍ୟାହ୍ନ ଭୋଜନକୁ ଅକ୍ଷୟ ପାତ୍ର ଓ ନନ୍ଦୀ ଫାଉଣ୍ଡେସନ ଭଳି ଘରୋଇ ସଂସ୍ଥାକୁ ହସ୍ତାନ୍ତର ବନ୍ଦ କରିବା, ପାଚିକାମାନଙ୍କର ଗତ ୪ ବର୍ଷର ବକେୟା ଶାଢୀ ପ୍ରଦାନ ସହିତ ସହିତ ବର୍ଷକୁ ଦୁଇ ହଳ ଶାଢୀ ପ୍ରଦାନ, ସାମାଜିକ ନିରାପତ୍ତା, ବୀମାଭୁକ୍ତ କରିବା, ବିଭିନ୍ନ ସ୍କୁଲରେ ନୂତନ ଭାବେ ନିଯୁକ୍ତି ପାଉଥିବା ପାଚିକାଙ୍କୁ ନିଯୁକ୍ତି ଦିନଠାରୁ ପାରିଶ୍ରମିକ ପ୍ରଦାନ କରିବା, ମଧ୍ୟାହ୍ନ ଭୋଜନ ଓ ପାଚିକା ସହାୟିକା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ବଜେଟ୍‌ରେ ଆବଶ୍ୟକୀୟ ବ୍ୟୟ ବରାଦ କରିବା ସହ ଛାତ୍ର ଛାତ୍ରୀ ମାନଙ୍କର ମୁଣ୍ଡପିଛା ଖାଇବା ଖର୍ଚ୍ଚ ଖର୍ଚ୍ଚ ବୃଦ୍ଧି କରିବା ନେଇ ଦାବି କରାଯାଇଛି । ଏହି ବୈଠକରେ ପାର୍ବତୀ ଶବର, ଦେବକୀ ଶବର, ପୁଷ୍ପାଞ୍ଜଳି ପାଣିଗ୍ରାହୀ, ଗୀତାଞ୍ଜଳୀ ପଟ୍ଟନାୟକ, ଉର୍ମିଳା କଣ୍ଡାଗରି, ଫୁଲ ଶବର, ଦୀପ୍ତି ବେବରିଆ, ରୁକୁଣି ଶବର, ବିଜୟଲକ୍ଷ୍ମୀ ଶବର, ଅନିତା ଶବର, ବୁଦ୍ଧୁ ମଣ୍ଡାଙ୍ଗି, ସରସ୍ୱତୀ ଦଳପତି, ହେମଲତା ଗୌଡ, ଦୌରପତି ଉଲକା, ରାଜେନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଚନ୍ଦ୍ରପଡ଼ା ଆଦର୍ଶ ବିଦ୍ୟାଳୟରେ ଖାଦ୍ୟ ମହୋତ୍ସବ

ବୈପାରୀଗଡ଼ା,୧୬।୧୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଚନ୍ଦ୍ରପଡ଼ା ପରିସରରେ ଓଡ଼ିଶାର ପାରମ୍ପରିକ ବର୍ଣ୍ଣାଢ୍ୟ ଖାଦ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଶଶୀଭୂଷଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍କଳୀୟ ଖାଦ୍ୟ ସଂସ୍କୃତି ତଥା ଏହାର ପୁଷ୍ଟିକର ମୂଲ୍ୟ ବିଷୟରେ ଜ୍ଞାନ ବଢ଼ାଇବା ଏହି



କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସେ ନିଜ ଅଭିଭାଷଣରେ ପାରମ୍ପରିକ ଖାଦ୍ୟର ଗୁରୁତ୍ୱ ଏବଂ ଆଧୁନିକ ଜୀବନଶୈଳୀରେ ଏହାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ମହୋତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୫୦ରୁ ଅଧିକ ଖାଦ୍ୟ ଷ୍ଟଲ୍ ପ୍ରସ୍ତୁତ କରାଯାଇଥିଲା । ଛାତ୍ରଛାତ୍ରୀମାନେ ଖାଦ୍ୟ ପ୍ରସ୍ତୁତି ସହ ଏହାର ପୁଷ୍ଟିକର ମୂଲ୍ୟ ବିଷୟରେ ଉପସ୍ଥିତ ଅଭିଭାବକ ଓ ଅନ୍ୟମାନଙ୍କୁ ସୂଚନା ଦେଇଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ପୂର୍ଣ୍ଣ ସହଯୋଗ କରିଥିଲେ । ସର୍ବାଧିକ ବ୍ୟବସାୟରେ ପ୍ରଥମ ନାହାରିକା ସୁନିଧି ଜେନା, ଦ୍ୱିତୀୟ କୁଶଳ ରାଜୁ, ତୃତୀୟ ସୁପ୍ରଜ୍ଞାନ ପରିଡ଼ା ଓ ସୁବିଦ୍ୱାନ ପରିଡ଼ା ଏବଂ ସ୍ୱାସ୍ଥ୍ୟକର, ପରିଷ୍କାର ଓ ସ୍ୱାଦିଷ୍ଟରେ ପ୍ରଥମ ଆରାଧ୍ୟା ଚାର୍ଚ୍ଚି, ଦ୍ୱିତୀୟ ଯଶବୀର ସିଂହ, ଦ୍ୱିତୀୟ ସ୍ଥାନରେ ଟି. ଅଶ୍ୱିନ କୁମାର ପାତ୍ର ଓ ତୃତୀୟ ସ୍ଥାନରେ ଦୀପଙ୍କର ପାତ୍ର ସ୍ଥାନ ଅଧିକାର କରିଛନ୍ତି । ଅଧ୍ୟକ୍ଷ ଶ୍ରୀ ମହାପାତ୍ର ବିଜେତା ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ ।

# କୋରାପୁଟରେ ବିଶାଳ ଏକତା ପଦଯାତ୍ରା



କୋରାପୁଟ,୧୬।୧୧(ସମିସ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ଜୟନ୍ତୀ ଅବସରରେ କୋରାପୁଟରେ ବିଶାଳ ଏକତା ପଦଯାତ୍ରା ଆୟୋଜିତ ହୋଇଯାଇଛି । କୋରାପୁଟସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରୁ ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା । ରାଜ୍ୟସଭା ସାଂସଦ ସୁଜିତ କୁମାର ମୁଖ୍ୟ ଅତିଥି ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । କୋରାପୁଟ ସହରର ବିଭିନ୍ନ ୱାର୍ଡରେ ପ୍ରାୟ ୮ କିମି ପରିଭ୍ରମଣ କରିବା ପରେ ପୋଲିସ ପ୍ୟାରେଡ ପଡିଆ ଠାରେ ଶେଷ ହୋଇଥିଲା । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, କୋରାପୁଟ ବିଧାୟକ ରଘୁରାମ ମାଛ, ବିଜେପି ଜିଲ୍ଲା ସଭାପତି ଶିବ ମୁଦୁଲି, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ବିଜେପି ଜିଲ୍ଲା ସଂଯୋଜକ ଚୈତନ୍ୟ ହନ୍ତାଲ, ନଗର ବିଜେପି ସଭାପତି ୱାଇ ସତ୍ୟ ନାରାୟଣ, ବିଜେପି ନେତା ତ୍ରିନାଥ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖଙ୍କ ସହରର ବିଭିନ୍ନ କଲେଜ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ପଦଯାତ୍ରାରେ ସାମିଲ ହୋଇଥିଲେ । ଏହାର ସଫଳତା ପାଇଁ ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲି ଏବଂ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଚୈତନ୍ୟ ହନ୍ତାଲ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଡିସେମ୍ବର ୨ରେ 'ପରବ' ପାଳନ

ବୈପାରୀଗୁଡ଼ା,୧୬।୧୧(ସମିସ): ବୈପାରୀଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ 'ପରବ' ୨୦୨୫ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ କୋରାପୁଟ ରଘୁରାମ ମାଛ ଏବଂ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଯୋଗଦାନ କରିଥିଲେ । ଅନ୍ୟାନ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ଉପାଧ୍ୟକ୍ଷା ପୂର୍ଣ୍ଣିମା ଭାରିକ, ଜିଲ୍ଲାପରିଷଦ ସଭ୍ୟ ରାଜେଶ ମହୁରିଆ ଏବଂ ସଭ୍ୟା ମଣି ଜାନି, କୋରାପୁଟ ସାଂସଦ ପ୍ରତିନିଧି ଜଗନ୍ନାଥ ବିଶୋଇ, ସହକାରୀ ଯନ୍ତ୍ରୀ କ୍ଷୀରୋଦ ଚନ୍ଦ୍ର ବେହେରା, ଥାନା ଏସଆଇ ଅନିତା ନାୟକ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢ଼ୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ବ୍ଲକର ମୁଖ୍ୟ ପରବ ଆସନ୍ତା ଡିସେମ୍ବର ୨ ତାରିଖରେ ହେବ ବୋଲି ନିଷ୍ପତି ନିଆଯାଇଛି । ପୂର୍ବଦିନ ଅର୍ଥାତ ୧ ତାରିଖ ଦିନ ସକାଳ ୮ ଘଟିକାରୁ ସନ୍ଧ୍ୟା ୪ ଘଟିକା ପର୍ଯ୍ୟନ୍ତ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା, ସମସ୍ତ ସମାଜର ସଭାପତି, ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ କର୍ମକର୍ତ୍ତା ଏବଂ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ ।

## ଜାତୀୟ ଶିକ୍ଷା ନୀତି ନେଇ ସେମିନାର




ନବରଙ୍ଗପୁର,୧୬।୧୧(ସମିସ): ନବରଙ୍ଗପୁର ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ମାନଙ୍କର ପ୍ରଶିକ୍ଷଣ ପାଇଁ ଓଡିଶା ସରକାରଙ୍କ ପିଏମ୍-ଉଷା ଯୋଜନାର ସଫ୍ଟ କମ୍ପୋନେଣ୍ଟ ଅନ୍ତର୍ଗତ, ମହାବିଦ୍ୟାଳୟର ବିନୋଦ ବିହାର ଅଡିଟୋରିଅମରେ ଜାତୀୟ ଶିକ୍ଷା ନୀତି ଏନଇପି ୨୦୨୦ ଉପରେ ସେମିନାର ଆୟୋଜିତ ହୋଇଥିଲା । ଏଥିରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ସହ ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ଅଂଶଗ୍ରହଣ କରିଥିଲେ । ସେମିନାରରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ପ୍ରୋଫେସର ଡ. ବ୍ରଜବନ୍ଧୁ ନନ୍ଦ ଏବଂ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ । ଡ. ନନ୍ଦ ଏନଇପି୨୦୨୦ର ମୂଳ ଧାରଣା, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବିସ୍ତାରିତ ଉପସ୍ଥାପନା କଲେ । ଅନ୍ୟପଟେ ଶ୍ରୀ ମହାନ୍ତି ପୁନଃସଂଖ୍ୟାଳିତ ପାଠ୍ୟକ୍ରମ ଗଠନ, ନୂତନ ଗ୍ରେଡିଂ ପ୍ରଣାଳୀ ଓ ମୂଲ୍ୟାଙ୍କନ ପଦ୍ଧତି ବିଷୟରେ ଉପସ୍ଥିତମାନଙ୍କୁ ସୂଚନା ଦେଇଥିଲେ । ସେମିନାରରେ ଅଂଶଗ୍ରହଣକାରୀ ମାନେ ସକ୍ରିୟ ଭାବରେ ଆଲୋଚନା ଓ ପ୍ରଶ୍ନୋତ୍ତର ଅଂଶରେ ଯୋଗଦେଇ ନିଜ ଉତ୍ସାହ ପ୍ରଦର୍ଶନ କରିଥିଲେ । ବରଙ୍ଗପୁର ମହାବିଦ୍ୟାଳୟ ଅଧ୍ୟକ୍ଷା ସଙ୍ଗୀତା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତାଙ୍କର ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମନ୍ୱୟ କରିଥିଲେ ପ୍ରବୀଣ କୁମାର ବେହେରା,ଦିଲୀପ କୁମାର ହୋତା, ଜିତେନ୍ଦ୍ର କୁମାର ରଥ ଓ ସଚିନ ପଣ୍ଡା । ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ମଧ୍ୟରେ ନୂତନ ଜ୍ଞାନ ଓ ପ୍ରେରଣା ସୃଷ୍ଟି କରିବା ସହିତ ଆଗାମୀ ଦିନରେ ଆହୁରି ଅଧିକ ଭାବେ ଏହିପରି କାର୍ଯ୍ୟକ୍ରମ କରାଯିବ ବୋଲି ସଂଯୋଜକ ଜିତେନ୍ଦ୍ର କୁମାର ରଥ ପ୍ରକାଶ କରିଛନ୍ତି ।

## ତାଲୁକ ଆଇନ ସହାୟତା ସମିତିର ଶିଶୁଦିବସ

କୋଟପାଡ଼, ୧୬।୧୧ (ସମିସ): କୋରାପୁଟ ଜିଲ୍ଲା ଅନ୍ତର୍ଗତ କୋଟପାଡ଼ ସହରର ଜମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିସରରେ ତାଲୁକ ଆଇନ ସହାୟତା ସମିତି ପକ୍ଷରୁ ଶିଶୁଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୈଦାମିନୀ ସାମନ୍ତରାୟ ବିଦ୍ୟାଳୟର ଗୌରବମୟ ଇତିହାସର ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଆଇନ ସଚେତନତା ସୃଷ୍ଟି କରାଯିବା ସହ ଦେଶ ଗଠନ ଓ ବିକଶିତ ସାମାଜିକ ଶୃଙ୍ଖଳର ଅଭିବୃଦ୍ଧି ସାଧନ ସକାଶେ ଛାତ୍ରୀମାନଙ୍କୁ ଆହ୍ୱାନ କରିଥିଲେ । କୋଟପାଡ଼ ଜେଏମ୍ଏଫସି ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟ ଏସ ଜେ ତ୍ରିଜିଭ କୁମାର ନନ୍ଦ, କୋଟପାଡ଼ ବାର ଆସୋସିଏସନର ସଭାପତି ମଣିପ୍ରସାଦ ପଟ୍ଟନାୟକ ସରକାରୀ ଓକିଲ କିଶୋର ଚନ୍ଦ୍ର ମିଶ୍ର, ଆଇନଜୀବୀ ଅଜିତ ପଟ୍ଟନାୟକ, କୋର୍ଟ ଷ୍ଟାଫ୍ ସହ ବିଦ୍ୟାଳୟର ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହ କ୍ରୀଡ଼ା ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ । ତାଲୁକ ଆଇନ ସହାୟତା ସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ନନ୍ଦାହାଣ୍ଡି,୧୬।୧୧(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଉତ୍ପାଦନରେ ଅଭିବୃଦ୍ଧି ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ବିଭାଗୀୟ ଅଧିକାରୀ ମାନେ ଅବଗତ କରାଇ ଥିଲେ । ବିଭାଗର ବିଭିନ୍ନ ଯୋଜନା ଯଥା ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ଓ ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ମାଧ୍ୟମରେ ସଫଳ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ



ଓ ଚାଷମାନଙ୍କୁ ମାନପତ୍ର, ଫଳକ ଓ ସହାୟତା ରାଶି ପ୍ରଦାନ କରାଯାଇଥିଲା । ମେଳାରେ ମୁଖ୍ୟ ଅତିଥି ରୂପେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଯୋଗ ଦେଇଥିଲେ । ଅନ୍ୟ ସମ୍ମାନିତ ଅତିଥି ରୂପେ ମୁଖ୍ୟ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ରାଧେ ଶ୍ୟାମ ଲାଇକ, ନନ୍ଦାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ, ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଷ୍ଣୁ ଚରଣ କିସାନ, ବ୍ଲକ ଉପାଧ୍ୟକ୍ଷ ସଦନ ଗୌଡ଼, ସାଂସଦ ପ୍ରତିନିଧି ଜାନକୀ କାନ୍ତ ବିଶୋୟୀ, ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ଦିବ୍ୟଦାନ ସୁନା, ଅତିରିକ୍ତ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡଃ.ମନୋରଞ୍ଜନ ନନ୍ଦ ଓ ଗୋଷ୍ଠୀ ପ୍ରାଣୀ ସମ୍ପଦ ଅଧିକାରୀ ଡଃ.ସୁରେଶ ଚନ୍ଦ୍ର ବେହେରା ସାମିଲ ହୋଇଥିଲେ । ପ୍ରଜ୍ଞା ପରିମିତା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ ।

## ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଉଦ୍‌ଘାଟିତ

କୁନ୍ଦୁରା,୧୬।୧୧(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ରାଣୀଗୁଡ଼ା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଅପରାହ୍ଣ ୩ଟା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ମୁଖ୍ୟ ଅତିଥି ଭାବେ ବିଧାୟକ ରୂପୁ ଭତରା ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ପିଏଆଇଟିଡିଏ ଜୟପୁର ତୃପ୍ତି ବରାଇ, ସରପଞ୍ଚ ଶିବ ପ୍ରଧାନୀ, ସାଂସଦ ପ୍ରତିନିଧି ଅମ୍ମୁ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରୀ ନାରାୟଣ ଆଚାର୍ଯ୍ୟ, ବରିଷ୍ଠ ଶିକ୍ଷାବିତ୍ ପଞ୍ଚାନନ ଗୌଡ଼ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଅଭିଭାବକ,ଛାତ୍ରଛାତ୍ରୀ,ଶିକ୍ଷକ ଶିକ୍ଷୟିତ୍ରୀ ପଞ୍ଚାୟତ ଓ ବ୍ଲକର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ସାମିଲ ହୋଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ, ଭଜନ, ଦଳଗତ ନୃତ୍ୟ ଆଦି ପରିବେଷଣ ହୋଇଥିଲା । ଇଂରାଜୀ ଶିକ୍ଷକ ପ୍ରଳୟ ପଣ୍ଡା, ଶିକ୍ଷୟିତ୍ରୀ ବିନୋଦିନୀ ଗୌଡ଼ ଏବଂ ନିରଞ୍ଜନ ଗୋନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟକ୍ଷ ନିରଞ୍ଜନ କୁମାର ନିରୋଲା ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଦ୍ୟୋଗୀ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

ସୁନାବେଡା,୧୬।୧୧(ସମିସ): ସୁନାବେଡା ଶାଶ୍ୱତୀ ଏବଂ ଜାଗୃତି ମହିଳା ମହାସଂଘର ସହଯୋଗରେ ଏମ୍ଏସ୍ଏମଇ, ରାୟଗଡା ଓ ଏମଏସଏମଇ, କାର୍ଯ୍ୟାଳୟ କୋରାପୁଟଙ୍କ ପ୍ରୟାସରେ ଗୁରୁତ୍ୱପୂର୍ଣ୍ଣ ଉଦ୍ୟୋଗୀ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ, ସରକାରୀ ଯୋଜନା ଏବଂ ବିଭିନ୍ନ ବ୍ୟବସାୟ ପ୍ରକଳ୍ପ ସମ୍ପର୍କିତ ମହତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି । ଏହି ଅବସରରେ କୋରାପୁଟ ଏଆଇ ଓ ଜୟନ୍ତ ନାୟକ, ଏମଏସଏମଇ ରାୟଗଡା କାର୍ଯ୍ୟାଳୟର ସହାୟକ ନିର୍ଦ୍ଦେଶକ ଏନ କେ ରତ୍ନମ, ଏମଏସ୍ଏମଇ, କୋରାପୁଟର ସହାୟକ ନିର୍ଦ୍ଦେଶିକା ଏନ . ନିଭେଥା, ପ୍ରଜେକ୍ଟ ମ୍ୟାନେଜର ବିଜୟ କୁମାର ଜେନା, କୋରାପୁଟ ସିଏଫ୍ଏଲ କୋର୍ଡିନେଟର୍ ନମିତା ଖରା, ଜାଗୃତିର ପରାମର୍ଶଦାତ୍ରୀ ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ ଏବଂ ଶାଶ୍ୱତୀ ମହିଳା ମହାସଂଘର ପରାମର୍ଶଦାତା ଅଶ୍ୱିନୀ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ । ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକଙ୍କୁ ଚଳିତ ବର୍ଷର ଶ୍ରେଷ୍ଠ ମହିଳା ଉଦ୍ୟୋଗୀ ଭାବେ ସମ୍ମାନିତ କରାଯାଇଥିଲା । ଶିବାନୀ ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଲମତାପୁଟ,୧୬।୧୧(ସମିସ): ଗତ ଗୁରୁବାର ଦିନ ଲମତାପୁଟ ପ୍ରାଣୀ ଚିକିତ୍ସାଳୟ ପଡିଆ ଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ଲମତାପୁଟ ବ୍ଲକର ୧୫ଟି ଗ୍ରାମ ପଞ୍ଚାୟତରୁ ପ୍ରାୟ ୩୦୦ରୁ ଉର୍ଦ୍ଧ ଚାଷୀ ଭାଇ ଓ ଭଉଣୀ ଏଥିରେ ଯୋଗଦାନ କରିଥିଲେ । ଉନ୍ନୟନ ଅଧିକାରୀ ଜୟନ୍ତ ମେହେର , ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କାରି ମିହିର କୁମାର ଓ ମତ୍ସ୍ୟ ଅଧିକାରୀ ମିସ୍ ରୋଜାଲିନ ମହାପାତ୍ର ଯୋଗଦେଇ ମେଳାର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ୮ ଜଣ ସଫଳ କୃଷକ ଉଦ୍ୟୋଗୀ ମାନଙ୍କୁ ସମ୍ମାନିତ କରାଯାଇଥିଲା । ସେମାନଙ୍କ ମଧ୍ୟରେ



ପ୍ରାରମ୍ଭରେ କୋରାପୁଟ ବିଧାୟକ ରଘୁରାମ ମାଛ ମେଳା ସମ୍ବନ୍ଧୀୟ ପ୍ରଦର୍ଶନୀ ଷ୍ଟଲ ଗୁଡିକୁ ଉଦ୍‌ଘାଟନ କରିଥିଲେ । ଉପଖଣ୍ଡ ସ୍ତରୀୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁଦର୍ଶନ ସାହୁ, ପଶୁ ପାଳନ ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଡାକ୍ତର କେ.ସି ସାମନ୍ତରାୟ, ସାଂସଦ ପ୍ରତିନିଧି ରାମଚନ୍ଦ୍ର ପାଙ୍ଗି, ବ୍ଲକ ଅଧ୍ୟକ୍ଷ ତାପସ କୁମାର ଚାଲାଣ , ଜିଲ୍ଲା ପରିଷଦ ଜୋନ -୨ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଙ୍ଗି ,ଜିଲ୍ଲା ମତ୍ସ୍ୟ ଅଧିକାରୀ ସାଗର କୁମାର ରାମ,ବ୍ଲକ ୪ ଜଣ ମତ୍ସ୍ୟ ଚାଷୀ ଓ ୪ ଜଣ ପ୍ରାଣୀ ପାଳକଙ୍କୁ ୧,୦୦୦ ଟଙ୍କା ସହିତ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ସଭା ଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ ମିସ୍ ରୋଜାଲିନ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ । ଭୈରବୀ ଢେମସା ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ମେଳାରେ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ରାଜେଶ୍ ଖୁଣ୍ଟିଆ ମଞ୍ଚ ପରିଚାଳନା କରି ମେଳାକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ବିଭିନ୍ନ ସ୍ଥାନରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ





କଲ୍ୟାଣସିଂହପୁର,୧୬।୧୧(ସମିସ) :

ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ତଥା ଧରତୀ ଆବ୍‌ବା ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ରାୟଗଡ଼ା ପୌର ପରିଷଦର ସିରିକୋଣା ଛକ ଠାରୁ ତାଡ଼ାମା ଗ୍ରାମ ଖେଳ ପଡିଆ ପର୍ଯ୍ୟନ୍ତ ୫ କିମି ଦୌଡ଼ ପ୍ରତିଯୋଗୀତା "ଆଦିବାସୀ ଏକତା ମାରାଥନ" ଅନୁଷ୍ଠିତ ହୋଇଯାଇଛି । ପୁରୁଷ ବର୍ଗରେ ଶ୍ରୀକାନ୍ତ ପ୍ରାସ୍କା ପ୍ରଥମ ପୁରସ୍କାର, ଦୈତାରୀ ଦ୍ୱିତୀୟ ପୁରସ୍କାର, ନେତ୍ର ଶବର ତୃତୀୟ ପୁରସ୍କାର ଏବଂ ଚକିତ ଝୋଡ଼ିଆ ଚତୁର୍ଥ ଓ ଧୋନୀ ପଞ୍ଚମ ପୁରସ୍କାର ବିଜେତା ହୋଇଛନ୍ତି । ମହିଳା ବର୍ଗରେ ପିଙ୍କି ହିମିରିକା ପ୍ରଥମ ସ୍ଥାନ, ଦୀପିକା ବିଡ଼ିକା ଦ୍ୱିତୀୟ ସ୍ଥାନ, ରେବତୀ ମାଝୀ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ସାଜନା ଚତୁର୍ଥ ସ୍ଥାନ ଓ ସମୀରା ମାଝୀ ପଞ୍ଚମ ସ୍ଥାନରେ ବିଜେତା ହୋଇଛନ୍ତି । ବିଜେତାଙ୍କୁ ଆକର୍ଷଣୀୟ ଟ୍ରଫି ସହିତ ନଗଦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଜିଲ୍ଲା କଂଗ୍ରେସ୍ କମିଟିର



ପୂର୍ବତନ ଜିଲ୍ଲା ସଭାପତି ଶଙ୍କର ଜିଲାକାରା, ସାମାଜିକ କର୍ମୀ ଚନ୍ଦ୍ରଶେଖର ଖର୍ସିଲବଂଶ, ସାମାଜିକ କର୍ମୀ ମାଧବ ଚନ୍ଦ୍ର ମେଲାକା, ଗାଁର ବୁଦ୍ଧିଜୀବି ଶ୍ୟାମବାବୁ ମେଲାକା, ଆଦିବାସୀ କଳାକାର କୁନା ମେଲାକା, ସାମାଜିକ କର୍ମୀ ବିଷ୍ଣୁ ସିରିକା, ସାମାଜିକ କର୍ମୀ ମହେଶ୍ୱର ବିଡ଼ିକା ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ । ଗୁଣୁପୁର ସ୍ଥିତ ଏବିଏସ୍. କେପି ମହାବିଦ୍ୟାଳୟର ଉପ-ଅଧ୍ୟକ୍ଷ ତଥା ରାୟଗଡ଼ା ଆଦିବାସୀ ମହାସଂଘ (ରାଆମ) ର ଜିଲ୍ଲା ସଭାପତି ବିଜୟ କୁମାର ମେଲାଆଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ୨୦୨୩ ମସିହାରୁ ରାୟଗଡ଼ା ଆଦିବାସୀ ମହାସଂଘ (ରାଆମ) ତରଫରୁ ପ୍ରତ୍ୟେକ ବର୍ଷ ଆଦିବାସୀ ଭଗବାନ ବିର୍ସା ମୁଣ୍ଡା ଜୟନ୍ତୀ ପାଳନ ହେଉଥିବା ବେଳେ ଚଳିତ ବର୍ଷ ତୃତୀୟ ଥର ପାଇଁ ଆୟୋଜନ ହୋଇଯାଇଛି ।

**ଚନ୍ଦାହାଣ୍ଡି :** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ବିର୍ସାମୁଣ୍ଡା ସ୍ମୃତିସ୍ତମ୍ଭ ସାଲେଭଟା ଠାରେ ସ୍ୱାଧୀନତା ସଂଗ୍ରାମୀ ବିର୍ସାମୁଣ୍ଡାଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ବ୍ଲକ ସ୍ତରୀୟ ଆଦିବାସୀ ସଂଘ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଆଦିବାସୀ ସଂଘ ସଭାପତି ଲଛମନ ମାଝୀ, ସରଧାପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ କେଦାର ପୂଜାରୀ, ବେହେରାମୁଣ୍ଡା ପଞ୍ଚାୟତ ଆଦିବାସୀ ସଂଘ ସଭାପତି ମନୋଜ ନେତାମଙ୍କ ସମେତ ଡମାର ସିଂ ମାଝୀ, ପାର୍ବତୀ ଧୁରୁଆ, ଚନ୍ଦ୍ର ମାଝୀ, ଲଳିତ ମାଝୀ, ମାନସିଂ ମାଝୀ, ଜୟରାମ ନେତାମ, ମହେଶ ମାଝୀ, ଆକାଶ ପୂଜାରୀ, ସୁଦର୍ଶନ ମାଝୀ, ଡିକସନ୍ ମାଝୀ, ଜୟରାମ ଗଣ୍ଡ, ଶିବ ପ୍ରସାଦ ମାଝୀ, କୃଷ୍ଣ ମାଝୀ, ଟିକମ୍ ନାୟକ, ଜଗଦିଶ ନାୟକ, ରାମ ପ୍ରସାଦ ସିହ୍ନା, ଧନଞ୍ଜୟ ବାଘ, ଟିକେଶ ସିହ୍ନା,ଗିରିଧାରୀ ନାୟକ ପ୍ରମୁଖଙ୍କ ସହ ସ୍ଥାନୀୟ ଆଦିବାସୀ ନେତା, ସମାଜସେବୀ, ଯୁବ ସଂଘର ସଦସ୍ୟ, ବିଭିନ୍ନ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

**ଜୟପୁର :** ଜୟପୁର ବ୍ଲକ୍ ବାଲିଆ ଗ୍ରାମ ସ୍ଥିତ ଆଶ୍ରମ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଅନୁସୁଚିତ ଜାତି ଓ ଜନଜାତି, ପଛୁଆବର୍ଗ ସଂଖ୍ୟାଲଘୁ ସଂପ୍ରଦାୟ କଲ୍ୟାଣ ବିଭାଗର ନିର୍ଦ୍ଦେଶ କ୍ରମେ ଜନଜାତି ଗୌରବ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷାର ପ୍ରଗତି ଓ ବିଦ୍ୟାଳୟ ଓ ଛାତ୍ରାବାସର ଉନ୍ନତି ସମ୍ପର୍କରେ ଆଲୋଚନା କରାଯିବା ସହ ଛାତ୍ରଛାତ୍ରୀଙ୍କ ପୋଷଣ ଓ ସ୍ୱାସ୍ଥ୍ୟର ସଶକ୍ତିକରଣ, ନିରାପତ୍ତା, ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯିବା ସହ ବିଭିନ୍ନ ପ୍ରତିଯୋଗୀତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ଅବସରରେ ଅଭିଭାବକ ମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ସୁବାଶିନି ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡଶା ରାଜ୍ୟ ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶୀଭୂଷଣ ଦାଶ ଯୋଗ ଦେଇଥିଲେ । ବାଲିଆ ସରପଞ୍ଚ ସରସ୍ୱତୀ ମାଝି, ବିଦ୍ୟାଳୟ କମିଟି ସଭ୍ୟ ସୁନାଧର ଗାଦବା, ଆଭା ପ୍ରଧାନ, ମଙ୍ଗଳ ସହାୟତା ଅଧିକାରୀ ବଲ୍ଲଭ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଶିକ୍ଷକ ଭବାନୀ ନାୟକ, ଶିକ୍ଷୟିତ୍ରୀ ରଜନୀ ଦାସ, ସ୍ନେହାଞ୍ଜଳୀ ରଥ, ଦିପ୍ତୀ ମହାନ୍ତି, ସହାୟିକା ପି. ଆଶା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ କୃତି ଛାତ୍ର ଛାତ୍ରୀମାନଙ୍କୁ ମଞ୍ଚାସିନ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ସୁବାଶିନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା ଗ୍ରାମପଞ୍ଚାୟତ କର୍ମଚାରୀ ପିଅନ ମହାସଂଘ ବୈଠକ



ମାଲକାନଗିରି,୧୬ ।୧୧(ସମିସ): ମାଲକାନଗିରି ସଦର ବ୍ଲକ ସିନ୍ଧ୍ରିମାଲ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ଗ୍ରାମପଞ୍ଚାୟତ କର୍ମଚାରୀ ପିଅନ ମହାସଂଘ, ମାଲକାନଗିରି ଜିଲ୍ଲା ଶାଖାର ଏକ ବୈଠକ ସଂଘର ସଭାପତି ଡମ୍ବରୁଧର ଭୁମିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଶେଷ କରି ଗ୍ରାମପଞ୍ଚାୟତ ପିଅନମାନଙ୍କର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ, ସରକାରଙ୍କୁ ସେମାନଙ୍କ ବିଭିନ୍ନ ଦାବି ସମ୍ବନ୍ଧରେ ଅବଗତ କରାଇବା ନେଇ ବୈଠକରେ ଆଲୋଚନା ହୋଇଥିଲା । ପିଅନ ମାନଙ୍କ ବିଭିନ୍ନ ଦାବି ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାର ଏହି ଦାବି ପ୍ରତି କୌଣସି ଧ୍ୟାନ ଦେଉ ନଥିବା ଯୋଗୁଁ ଆଜିର ବୈଠକରେ ନିନ୍ଦା କରାଯିବା ସହ ପୁନର୍ବାର ସରକାର ଦାବି ଗୁଡିକୁ ଯଥାଶୀଘ୍ର ପୂରଣ କରିବା ପାଇଁ ଦାବି କରାଯାଇଛି । ଦାବିଗୁଡିକ ମଧ୍ୟରେ ପ୍ରତି ପଞ୍ଚାୟତରେ ପିଅନ ପଦବୀକୁ ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା ପ୍ରଦାନ, ପିଅନ ମାନଙ୍କ ଦୈନିକ ସର୍ବନିମ୍ନ ମଜୁରୀ ୪୫୦ଟଙ୍କା, ମାସିକ ୧୮ ହଜାର ଟଙ୍କା ଦରମା ପ୍ରଦାନ, ଚାକିରି କ୍ଷେତ୍ରରେ ବୀମାଭୁକ୍ତ କରିବା ସହ ସାମାଜିକ ସୁରକ୍ଷା ପ୍ରଦାନ , ଶିକ୍ଷାଗତ ଯୋଗ୍ୟତା ଭିତିରେ ପଦୋନ୍ନତି, ୬୦ ବର୍ଷ ପରେ ଅବସର ନେଉଥିବା କର୍ମଚାରୀଙ୍କ ନିମନ୍ତେ ପେନସନ ବ୍ୟବସ୍ଥା, ଗ୍ରାମପଞ୍ଚାୟତ ପିଅନ କର୍ମଚାରୀଙ୍କ ନିମନ୍ତେ ସ୍ୱତନ୍ତ୍ର ବଜେଟ୍ ରଖିବା, ପ୍ରତି ମାସକୁ ମାସ ନିୟମିତ ଭାବେ ପଞ୍ଚାୟତ ପିଅନ ମାନଙ୍କୁ ଅନ୍‌ଲାଇନ ମାଧ୍ୟମରେ ମାସିକ ଦରମା ପ୍ରଦାନ ଦାବି କରାଯାଇଛି । ବୈଠକରେ ସମ୍ପାଦକ ଚନ୍ଦ୍ର ପାଙ୍ଗିଙ୍କ ସହ ସଂଘର ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ ।

# ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ



ମାଲକାନଗିରି, ୧୬ ।୧୧(ସମିସ):

ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳନ କରାଯାଇଛି । ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ମଞ୍ଚାସୀନ ଥିଲେ । ଦେଶର ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭ କରି ସ୍ୱାଧୀନୋତ୍ତର ଭାରତ ବର୍ଷର ନବ ନିର୍ମାଣ କ୍ଷେତ୍ରରେ ଭାରତୀୟ ଗଣମାଧ୍ୟମର ଭୂମିକା ଅତୁଳନୀୟ । ଦେଶ ନିର୍ମାଣ ସହିତ ଦେଶର ପ୍ରଗତି ପଥରେ ଗଣମାଧ୍ୟମର ଅବଦାନ ଯୋଗୁଁ ଆଜି ଗଣମାଧ୍ୟମ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଛି ବୋଲି ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଆଜିର ସମୟରେ ସୋସିଆଲ ମିଡିଆ ଦ୍ୱାରା ସାମ୍ବାଦିକତା ବୃତ୍ତିରେ ଅନେକ ପ୍ରଭାବ ପଡିଛି ବୋଲି ଗଣମାଧ୍ୟମ ପ୍ରତିନିଧି ମାନେ ମତବ୍ୟକ୍ତ କରିଥିଲେ । ନିରପେକ୍ଷ ଓ ସତ୍ୟ ଭିତ୍ତିକ ସମ୍ବାଦ ଦ୍ୱାରା ଲୋକଙ୍କ ନିକଟତର ହୋଇପାରିବା ବୋଲି ମଧ୍ୟ ସମସ୍ତେ କହିଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଜାତୀୟ ପ୍ରେସ ଦିବସ ଉପଲକ୍ଷେ ମହାବିଦ୍ୟାଳୟ ଓ ବିଦ୍ୟାଳୟ ସ୍ତରୀୟ ଆୟୋଜିତ ବକ୍ତୃତା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ଆୟୋଜନ କରିବାରେ ହରେକୃଷ୍ଣ କିର୍ତ୍ତନିଆ ଓ ରଞ୍ଜନ ମହାନ୍ତି ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ



କୋରାପୁଟ,୧୬।୧୧(ସମିସ):

ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାର ସମସ୍ତ ସାମ୍ବାଦିକ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସେମାନଙ୍କ ସଂଗୃହିତ ଖବରରୁ ଯାହା ସୂଚନା ମିଳେ ଜିଲ୍ଲା ପ୍ରଶାସନ ତାହା ପ୍ରତି ତୁରନ୍ତ ପଦକ୍ଷେପ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ବୋଲି କହିଥିଲେ । ଖବର ସଂଗ୍ରହ ଏବଂ ପ୍ରସାରଣ ସମୟରେ ନିଜକୁ ସତର୍କତା ଅବଲମ୍ବନ କରି ସତ୍ୟ ଖବର ଉପରେ ପ୍ରାଧାନ୍ୟତା ଦେଇ ଖବର ପ୍ରକାଶନ ଓ ପ୍ରସାରଣ କରିବା ନିମନ୍ତେ ସେ ମତବ୍ୟକ୍ତ କରିଥିଲେ । ଗଣତନ୍ତ୍ରରେ ଗଣ ମାଧ୍ୟମର ଭୂମିକା ଉପରେ ଆଲୋକପାତ କରିବା ସହ ସାମ୍ବାଦିକମାନେ ସମାଜର ଉନ୍ନତି ପ୍ରତି ନଜର ରଖି ନିର୍ଭିକ ଭାବେ ସତ୍ୟ ଘଟଣାକୁ ପରି ପ୍ରକାଶ କରିବା ଉଚିତ ଏବଂ ସମାଜକୁ ସୁଧାରିବା ପାଇଁ ଯତ୍ନଶୀଳ ହେବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ । କୋରାପୁଟ ଜିଲ୍ଲାରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ନିଷ୍ଠା, ସତ୍ୟ ଖବର ପ୍ରସାର କରିବା, କାଳ୍ପନିକ ଖବରରୁ ଦୂରେଇ ରହିବା ଭଳି କାର୍ଯ୍ୟକୁ ସେ ପ୍ରଶଂସା କରିଥିଲେ । ଆଜିର ବିଷୟ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱାସନୀୟତାର ସଂରକ୍ଷଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ପ୍ରଦୋଶ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଜିର ଯୁଗରେ ବୈଦ୍ୟୁତିକ ଗଣମାଧ୍ୟମ ଏବଂ ମୁଦ୍ରଣ ଗଣମାଧ୍ୟମରେ ସତ୍ୟତା ଖବର ପ୍ରକାଶ କରାଯାଇଥାଏ ବୋଲି କହିଛନ୍ତି । ବର୍ତ୍ତମାନ ପରିପ୍ରେକ୍ଷୀରେ ସାମାଜିକ ଗଣମାଧ୍ୟମ ଯେଉଁ ଭଳି ଭାବେ ସମ୍ବାଦ ପରିବେଷଣ କରିଥାନ୍ତି, ସେମାନେ ସତ୍ୟ ଖବର ଉପରେ ଧ୍ୟାନ ଦେଇ ପ୍ରସାରଣ କରିବା ଜରୁରୀ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜୟପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାର ଅନେକ ସାମ୍ବାଦିକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଟାଉନ୍‌ଥାନା ପୁଲିସର ସଫଳତା

# ୬ ଚୋରି ମାମଲାରେ ୮ ଗିରଫ

ଜୟପୁର,୧୬ ।୧୧(ସମିସ):

ଜୟପୁର ସହରରେ ଚୋର ମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲା । ବିଗତ ଦିନରେ ସହରର ୬ଟି ସ୍ଥାନରେ ଚୋରି ହୋଇଥିବା ମାମଲାରେ ଆଜି ଟାଉନଥାନା ପୁଲିସ ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳତା ପାଇଛନ୍ତି । ଗିରଫ ଦୁର୍ବୃତ୍ତମାନେ ହେଲେ ଟାଉନଥାନା ହାଟପଦାର ରାଜ ମାଣାଙ୍ଗି(୧୯), ମାଧବ ଭୁମିଆ(୧୯), ଜୁନେଶ ମାଡାଙ୍ଗି, ପୁରୁଣାଗଡର କାର୍ତ୍ତିକ ମାଝୀ(୨୨), ନବରଙ୍ଗପୁର ଜିଲ୍ଲା କସାଗୁମୁଡା ଥାନା ସନ୍ତୋଷପୁର ଗ୍ରାମର କୈଳାସ ବିନ୍ଧାଣି (୧୮), ଜୟପୁର ଟାଉନଥାନା ସ୍ୱେରାସାହିର ରାଜୁ ନାୟକ(୫୨)ଙ୍କ ସମେତ ଦୁଇଜଣ ହାଟପଦା ଅଞ୍ଚଳର ନାବାଳକ ରହିଛନ୍ତି । ଗିରଫ ଅଭିଯୁକ୍ତ ମାନଙ୍କ ଠାରୁ ସୁନା ଗହଣା, ୩୫୦ ଗ୍ରାମର ରୁପା ଜିନିଷ, ୨ଲକ୍ଷ ୩୦ ହଜାର ଟଙ୍କା, ୨ଟି କ୍ୟାମେରା, ଲୁହା ରଡ ଆଦି ଜବତ କରାଯାଇଛି । ସୂଚନା ଅନୁଯାୟୀ, ଜୟପୁର କୁମ୍ଭାର ସାହି ଲକ୍ଷ୍ମୀନଗରର ବସନ୍ତ କୁମାର ଭଟ୍ଟ ଗତ ୬ ତରିଖରେ ଅଭିଯୋଗ କରିଥିଲେ କି ତାଙ୍କ ଘରେ ଆସିଆସିଆଇ ବ୍ୟାଙ୍କର କର୍ମଚାରୀ ଭଡା ରହୁଥିବା ବେଳେ ତାଲା ପକାଇ ଗ୍ରାମକୁ ଯାଇଥିଲେ । ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ସୁନା ଚେନ, କାନ ଫୁଲ, ୩ଟି ମୁଦି, ଚୁଡି ଆଦି ଚୋରି କରିଥିଲେ । ଟାଉନ ପୁଲିସ ତଦନ୍ତ ଆରମ୍ଭ କରିବା ବେଳେ ଏହି ଚୋର ଦଳ କୁମ୍ଭାର ସାହି ଅଞ୍ଚଳରେ ସିରିଜ ୩ଟି ଚୋରି ମାମଲାରେ ଜଡ଼ିତ ହେବା ସହ ବାଇକ୍ ଚୋରିରେ ସଂଶ୍ଲିଷ୍ଟ ରହିଛନ୍ତି । ଏମାନଙ୍କ ଠାରୁ ଟାଉନ ପୁଲିସ ୬ଟି ଚୋରା ବାଇକ୍ ଉଦ୍ଧାର କରିଛି । ସେଥି ମଧ୍ୟରୁ ଗୋଟିଏ ବାଇକ୍ ଚୋରି ହୋଇଥିବା ନେଇ ଟାଉନଥାନାରେ ଅଭିଯୋଗ ହୋଇଥିଲା । ଅନ୍ୟ ୫ଟି ବାଇକ ଚୋରି ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇନଥିବା ଏସଡିପିଓ ଶ୍ରୀ କଶ୍ୟପ ସୂଚନା ଦେଇଛନ୍ତି । ଏହି ଅଭିଯୁକ୍ତ ୮ଜଣଙ୍କ ମଧ୍ୟରୁ ୬ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ୨ଜଣ ନାବାଳକ ଅଭିଯୁକ୍ତ ମାନଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରାଯାଇଛି । ଆଜି ଟାଉନଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ପାର୍ଥ କଶ୍ୟପ, ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ, ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ଓ କୁନ୍ଦୁରା ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକଙ୍କ ଉପସ୍ଥିତ ର ସୂଚନା ଦେଇଥିଲେ ।






# ମଧୁସୂଦନଙ୍କୁ ଜିଲ୍ଲା ଯୋଗାଣ ସହାୟକ ସଂଘ ସଭାପତି ଦାୟିତ୍ୱ



ବୈପାରୀଗୁଡ଼ା,୧୬।୧୧(ସମିସ): କୋରାପୁଟ ଜିଲ୍ଲା ଯୋଗାଣ ସହାୟକ ସଙ୍ଘର ସଭାପତି ଭାବେ ଚୟନ ହେଲେ ମଧୁସୁଦନ ରାଉତ । କୋରାପୁଟର ଦେଉଘାଟି ଠାରେ ଆଜି ଆୟୋଜିତ ଏହି ବୈଠକରେ ଜିଲ୍ଲା ଯୋଗାଣ ସହାୟକ ସଂଘ ନୂତନ କମିଟି ଗଠନ ହୋଇଯାଇଛି । ବୈପାରୀଗୁଡା ସଦର ପଞ୍ଚାୟତରେ କାର୍ଯ୍ୟରତ ଯୋଗାଣ ସହାୟକ ଶ୍ରୀ ରାଉତଙ୍କୁ ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ପ୍ରଦାନ ଦିଆଯାଇଛି । ସେହିପରି ଉପ ସଭାପତି ଭାବେ ଚନ୍ଦନ ନାୟକ ଏବଂ ଲହର ଟାକ୍ରି, ସମ୍ପାଦକ ଭାବେ ଶ୍ରୀଧର ନାୟକ, କୋଷାଧ୍ୟକ୍ଷ ଭାବେ ସାନ୍ତା ଦାଶଙ୍କୁ ଚୟନ କରାଯାଇଛି । ଏହି ନୂତନ କମିଟି ଗଠନ ବୈଠକରେ ଜିଲ୍ଲାର ୧୪ଟି ବ୍ଲକର ସମସ୍ତ ଯୋଗାଣ ସହାୟକ ପ୍ରମୁଖ ଉପସ୍ଥିତ ଥିଲେ । ମଧୁସୂଦନଙ୍କୁ ଜିଲ୍ଲା ଯୋଗାଣ ସହାୟକ ସଂଘ ସଭାପତି ଦାୟିତ୍ୱ ନେବା ପରେ ସେ କହିଛନ୍ତି ଯେ,ଯୋଗାଣ ସହାୟକ ସ୍ଥାୟୀ ନିଯୁକ୍ତି ଦାବି ନେଇ ଆଗାମୀ ଦିନରେ ଆହୁରି ଅଧିକ ଦାବିକୁ ବ୍ୟାପକ କରାଯିବ । ଚୁକ୍ତିଭିତ୍ତିକ ଚାକିରିରେ ସ୍ୱଳ୍ପ ପାରିଶ୍ରମିକ ମିଳୁଥିବାରୁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି । ଏଣୁ ଏ ନେଇ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରାଯିବ ।

# ଚିନ୍ମୟର ଶବ ମିଳିଲା

ନାରାୟଣପାଟଣା,୧୬।୧୧(ସମିସ): ଗତ ଗୁରୁବାର ଝଞ୍ଜାବତୀ ନଦୀରେ ଗାଧୋଉଥିବା ଯାଇ ଭାସିଯାଇଥିବା ଚିନ୍ମୟ ମହାନନ୍ଦିଆ(୨୩)ର ଶବକୁ ଆଜି ଉଦ୍ଧାର କରାଯାଇଛି । ବ୍ରାହ୍ମଣ ସାହି ନଦୀତୁଠରେ ଶବ ଭାସୁଥିବା ଦେଖି ଗାଧୋଇବାକୁ ଯାଇଥିବା କିଛି ମହିଳା ସାହିରେ କହିଥିଲେ । ଖବର ପାଇ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି କୂଳକୁ ଆଣିଥିଲେ । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ନରସିଂହ ପାଢୀ କହିଛନ୍ତି । ତହସିଲଦାର ପ୍ରଭାତି ଖେଡିଆ ଏବଂ ପୋଡା ପଦର ସରପଞ୍ଚ ଦୟା ହବିକା ହରିଶ୍ଚନ୍ଦ୍ର ଯୋଜନାରେ ପରିବାର ବର୍ଗଙ୍କୁ ୩ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସରକାରଙ୍କ ତରଫରୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି ।

# ବିଧାୟକଙ୍କ 'ଗାଁକୁ ଚାଲ' ଅଭିଯାନ

ବୈପାରୀଗୁଡ଼ା,୧୬।୧୧(ସମିସ): କୋରାପୁଟ ବିଧାୟକଙ୍କ "ଗାଁକୁ ଚାଲ' ଅଭିଯାନ ଆରମ୍ଭ ହୋଇଛି । ଗାଁକୁ ଗାଁ ବୁଲି ଲୋକ ସମସ୍ୟା ସମ୍ପର୍କରେ ପଚାରି ବୁଝୁଛନ୍ତି । ନିର୍ବାଚନ ସମୟରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ ପାଇଁ ଏଭଳି ପଦକ୍ଷେପ ନେଇଛନ୍ତି କୋରାପୁଟ ବିଧାୟକ ରଘୁରାମ ମାଛ । ଆଜି ବୈପାରୀଗୁଡା ବ୍ଲକର ଚିପାକୁର, ଜବା, ଗଲରୀଗୁଡା, କଲାର ପଞ୍ଚାୟତର କେବେଡାଅଟଲ, ସିନ୍ଧୁରମୁଣ୍ଡି, ପୋଲକା ବସା, ଚିଲିମାଲ ଆଦି ଗାଁରେ ପହଞ୍ଚିଥିଲେ କୋରାପୁଟ ବିଧାୟକ । କଲାର ସମିତି ସଭ୍ୟ ନିଜ ଗାଁ କୁ ପକ୍କା ରାସ୍ତା ନଥିବା ଅଭିଯୋଗ ଆଣିଛନ୍ତି । ଅନେକ ଲୋକେ ନିଜ ଅଞ୍ଚଳର ମୌଳିକ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ କହିଛନ୍ତି ।

# ଗୃହର ତାଲା ଭାଙ୍ଗି ଚୋରି ମାମଲାରେ ୬ ଗିରଫ

ଜୟପୁର,୧୬ ।୧୧(ସମିସ): ଗତ କାର୍ତ୍ତିକ ପୂର୍ଣ୍ଣମୀ ଭୋରରୁ ଜୟପୁର ସଦରଥାନା ତେଲିଗୁଡା ଲକ୍ଷ୍ମୀନାରାୟଣ ନଗର ଅଞ୍ଚଳର ତାଲା ଭାଙ୍ଗି ଚୋରି ମାମଲାରେ ଜୟପୁର ସଦର ଥାନା ପୁଲିସ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଗିରଫ ଅଭିଯୁକ୍ତ ଜୟପୁର ଟାଉନଥାନା ସୌରା ଗୁଡାର କାର୍ତ୍ତିକ ମୁଦୁଲି ଓରଫ ରାହୁଲ (୧୯), କେନ୍ଦୁଗୁଡାର ମନୋଜ ଜାନୀ(୧୯), କୋରାପୁଟ ସଦରଥାନା ବଣ୍ଡାଗୁଡାର ସଞ୍ଜିବ ଖରା (୨୫), ଦଶମନ୍ତପୁର ଥାନା ଫଟକିଜାମ ଗ୍ରାମର ବାବୁଲା ବାଘ(୨୫), ସେମିଳିଗୁଡା ସେମିଳୁଗାଡ ଥାନା ଉପର ସାହିର ବାବୁଲା କୁଲଦୀପ(୪୮) ଏବଂ ମୁଖିବିଡେଇ ଗ୍ରାମର ପ୍ରହଲ୍ଲାଦ ଖିଲ ଓରଫ ରବି(୩୨)ରହିଛନ୍ତି । ଗିରଫ ଅଭିଯୁକ୍ତ ମାନଙ୍କ ଠାରୁ ୬ଟି ମୋବାଇଲ ଓ ଚୋରି ହୋଇଥିବା ସୁନା ଗହଣା ଜବତ ହୋଇଛି । ଏନେଇ ଆଜି ଟାଉନଥାନାରେ ଏସ୍‌ଡିପିଓ ପାର୍ଥ କାଶ୍ୟପ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ଗତ ୫ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ଭୋର ସାଢେ ୪ଟା ସମୟରେ ଲକ୍ଷ୍ମୀନାରାୟଣ ନଗରର ବାସିନ୍ଦା ଭାସ୍କର ଭୂୟାଁ ଏବଂ ତାଙ୍କ ପତ୍ନୀ ଗୃହରେ ତାଲା ଦେଇ ମନ୍ଦିର ଯାଇଥିଲେ । ଏହି ମନ୍ଦିରରୁ ପୂର୍ବାହ୍ନ ସାଢେ ୬ ସମୟରେ ଫେରିବା ବେଳେ ନିଜ ଗୃହର ମୁଖ୍ୟ ଦୁଆରରେ ତାଲା ଭାଙ୍ଗି ଖୋଲା ରହିଥିଲା । ଏହିପରି ଗୃରେ ପ୍ରବେଶ ବେଳେ ଗୃହ ଭିତର ଆଲମାରୀ ଏବଂ କାଠ ଟ୍ରଙ୍କର ତାଲା ଭାଙ୍ଗି ୩୫ ହଜାର ଟଙ୍କା ଏବଂ ସୁନା ଅଳଙ୍କାର ଚୋରି କରି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ସଦରଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ । ତଦନ୍ତରୁ ଜାଣି ପୁଲିସ ସୌରାଗୁଡର ଅଭିଯୁକ୍ତ ମନୋଜ ଓ କେନ୍ଦୁଗୁଡାର କାର୍ତ୍ତିକଙ୍କ ସମେତେ ଅନ୍ୟ ୩ଜଣ ସହ ଘରତାଲା ଭାଙ୍ଗି ଚୋରି କରିଥିବା ଜଣା ପଡିଥିଲା । ଉକ୍ତ ସୁନା ଅଳଙ୍କାର ଅଭିଯୁକ୍ତ ବାବୁଲା, ସଞ୍ଜିବ , ସେମିଳିଗୁଡାର ବାବୁଲା କୁଳଦୀପ, ପ୍ରହଲ୍ଲାଦ ଖିଲ ସୁନା ଗହଣାକୁ ଗ୍ରହଣ କରିଥିଲେ । ସୁନାକୁ ଗତ ୭ ତାରିଖରେ ସେମିଳିଗୁଡାସ୍ଥିତ ଏକ ଫାଇନାନ୍ସ କମ୍ପାନୀରେ ପ୍ରହଲ୍ଲାଦ ଖିଲଙ୍କ ସୁନା କହି ବାବୁଲା କୁଳଦୀପ ନାମରେ ବନ୍ଧକ ରଖାଯାଇଥିଲା । ପୁଲିସ ଏହି ମାମଲାରେ ଉକ୍ତ ଫାଇନାନ୍ସ କମ୍ପାନୀକୁ ଯାଇ ଯାଞ୍ଚ ପରେ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲେ ।

## ● କୋଲାବ ବ୍ରିଜ୍ ସୁରକ୍ଷା ଦାବି ଜୋରଧରିଲା

# ୧୮ରେ ରାସ୍ତାରୋକ ପାଇଁ ଚେତାବନୀ

ବୈପାରୀଗୁଡ଼ା, ୧୬।୧୧(ସମିସ): ବୈପାରିଗୁଡା ସୁରକ୍ଷା ମଞ୍ଚ ପକ୍ଷରୁ ଆସନ୍ତା ୧୮ ତାରିଖ ଦିନ ସକାଳ ୭ ଘଣ୍ଟା ଠାରୁ ଦିନ ୧୨ ଘଣ୍ଟା ପର୍ଯ୍ୟନ୍ତ କୋଟା ଛକ କୋଲାବ୍ ବ୍ରିଜ ନିକଟରେ ରାସ୍ତାରୋକ ହେବ । ଏନେଇ ନେଇ ମଞ୍ଚ ପକ୍ଷରୁ ବୈପାରିଗୁଡା ଥାନାରେ ଆଜି ଲିଖିତ ଆକାରରେ ସୂଚନା ଦିଆଯାଇଛି । ସୂଚନା ଥାଉକି, ବୈପାରିଗୁଡା ସୁରକ୍ଷା ମଞ୍ଚ ପକ୍ଷରୁ ଗତ ଅକ୍ଟୋବର ୧୪ ତାରିଖରେ ଜୟପୁର ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଦାବିକୁ ରକ୍ଷାକରି ଉପଜିଲ୍ଲାପାଳ ଏନ୍‌ଏଚ୍ ବିଭାଗକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ତେବେ ବିଭାଗୀୟ ଅଧିକାରୀ ତଦନ୍ତ କରି ୭ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଜଣାଇଥିଲେ । କିନ୍ତୁ ବିଡ଼ମ୍ବନାର ବିଷୟ ଆଜି ପର୍ଯ୍ୟନ୍ତ କାମ ଆରମ୍ଭ ହୋଇ ପାରିଲା ନାହିଁ । ତେଣୁ ବାଧ୍ୟ ହୋଇ ରାସ୍ତା ରୋକ ହେବ ବୋଲି ଚାତାବନୀ ଦେଇଛନ୍ତି ବୈପାରିଗୁଡା ସୁରକ୍ଷା ମଞ୍ଚ କର୍ମକର୍ତ୍ତା । ଏହି ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲା ପରିଷଦ ସଭ୍ୟ ରାଜେଶ ମହୁରୀଆ, ଆଇନଜୀବି ବିଶ୍ୱଜିତ ନାୟକ, ସମାଜସେବୀ ସନ୍ତୋଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



# ଖ୍ରୀଷ୍ଟିଆନ ଗ୍ରାମପଞ୍ଚାୟତ ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା



## ରାଜୀବ ନାୟକ ସର୍ବକନିଷ୍ଠ ସମ୍ପାଦକ

କୋରାପୁଟ,୧୬।୧୧(ସମିସ): ଜୟପୁର ଇଭେଞ୍ଜିକଲ ଲୁଥରାନ ଚର୍ଚ୍ଚ ଅଧୀନରେ ନବ ନିର୍ବାଚିତ ଜୟପୁର ସଦର ଖ୍ରୀଷ୍ଟିଆନ ଗ୍ରାମ ପଞ୍ଚାୟତର ପ୍ରତିନିଧି ମାନଙ୍କୁ ରବିବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଗତ ୧୧ ତାରିଖରେ ଭୋଟ ଗ୍ରହଣ କରାଯାଇ ୧୨ ତାରିଖ ଦିନ ଗଣତି କରାଯାଇଥିଲା । ପ୍ରଭାତ ବେନିଆ ସଭାପତି ଓ ଜ୍ଞାନ ସାଗର ଉପସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ରାଜୀବ କୁମାର ନାୟକ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି । ସେ ସର୍ବ କନିଷ୍ଠ ସମ୍ପାଦକ ହେବା ଗୌରବ ଅର୍ଜନ କରିଛନ୍ତି । ସେହିପରି ମାନସଜୀତ ଖୋସଲା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବାବେଳେ ତରୁଣ ପାଣି, ସଞ୍ଜୟ ବାଘ, ଅନିଲ କଚ୍ଛପ, ପ୍ରୀତି ସାଗରିକା ନାୟକ, ଫୁଲମା ଭତ୍ରା, ସିଲୁସିତା ସାରୋନ, ଲେମେନ୍ ଏବଂ ଲେଓମେନ୍ ଭାବେ ନିର୍ବାଚିତ ହୋଇଥିଲେ । ଅନ୍ୟ ପକ୍ଷରେ ଅଭିଷେକ ରାଜ ଖୋସଲା ଏବଂ ରଚିତା ନାୟକ ଯୁବ ପ୍ରତିନିଧି ଭାବେ ନିର୍ବାଚିତ ହୋଇଛନ୍ତି । ଡିନ୍ ରେଭ ହିମାଂଶୁ ଶେଖର ଚାନ୍ଦ, ଟାଉନ ପାଷ୍ଟର ରେଭ୍ ନିର୍ମଳ ଖୋସଲା ସ୍ଥାନୀୟ ପାଷ୍ଟର ରେଭ ହେଲେନା ଚାନ୍ଦଙ୍କ ସମେତ ଶତାଧିକ ଲୋକ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିବା ସହ ଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ନିର୍ବାଚିତ ପ୍ରତିନିଧି ମାନଙ୍କ କାର୍ଯ୍ୟକାଳ ୨୦୨୭ ନଭେମ୍ବର ପର୍ଯ୍ୟନ୍ତ ରହିବ ବୋଲି ଜଣାପଡିଛି ।

# ଡମ ସମାଜର ବିଶାଳ ଦିଆଲି ସମାବେଶ

ବନ୍ଧୁଗାଁ, ୧୬।୧୧(ସମିସ): ବନ୍ଧୁଗାଁ ବ୍ଲକ ଡମ ସମାଜ ପକ୍ଷରୁ ଦିଆଲି ପରବ ଭେଟଘାଟ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଡମ ସମାଜର ଉତ୍ତମ ନାୟକ, ଅଶୋକ କାଲପା, ଜଗେଶ ମହାନନ୍ଦିଆ ଓ ଶଙ୍କର ଦେବରପଲ୍ଲୀ ତତ୍ତ୍ୱାବଧାନରେ ଶୋଭାଯାତ୍ରା ସହ ତହସିଲ କାର୍ଯ୍ୟାଳୟର ସମ୍ମୁଖ ଖେଳ ପଡିଆରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରଥା ଅନୁଯାୟୀ ବିଭିନ୍ନ ଗାଁରୁ ଆସିଥିବା ସୁସ୍ୱାଦ ଖାଦ୍ୟକୁ ମଞ୍ଚ ସମ୍ମୁଖରେ ଥିବା ବାଲିରେ ନିର୍ମିତ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ୨୭ ଖଣ୍ଡ ଗ୍ରାମର ନାଇକ ଓ ଧାଂଗଡା ମାଝିଙ୍କ ଦ୍ୱାରା ଡମ ସମାଜର ପୂଜା ଅର୍ଚ୍ଚନା ପରେ କାର୍ଯ୍ୟକ୍ରମ ପରେ ମୁଖ୍ୟ ଅତିଥି ଭାବେ ଲକ୍ଷଣ ଖୋସଲା, ବାଲା ନାଗ, ଦୂର୍ଯ୍ୟ ନାଗ ସମ୍ମାନିତ ଅତିଥି ଭାବେ ଇଷ୍ଟ ସାଗରୀୟ, ରାଜେନ୍ଦ୍ର ଗାଣ୍ଡା ପତାଲେଶ ଖୋରା, ବୁଲୁ ଖୋରା, ଦୀନବନ୍ଧୁ ହିଆଲ୍, ଚିତ୍ରସେନ ବାଘ, ନମିତା ବୌଧ ଓ ମଧୁ ହିଆଳ ପ୍ରମୁଖ ଉପସ୍ଥିତ ରହିଥିଲେ । ଅତିଥି ମାନେ ଶିକ୍ଷା ଗୁରୁତ୍ୱ ଦେଇ ଆଗାମୀ ଦିନରେ ନିଜ ପୁଅ ଝିଅଙ୍କୁ ଶିକ୍ଷିତ କରିବାକୁ ପରାମର୍ଶ ଦେଇଥିଲେ । ବ୍ଲକରେ ଥିବା ୨୭ ଖଣ୍ଡ ଗ୍ରାମର ନାଇକ ଓ ଧାନଙ୍ଗଡ଼ା ମାଝୀ , ଶତାଧିକ ଗ୍ରାମର ଯୁବକ ଯୁବତୀ ଓ ବୃଦ୍ଧବୃଦ୍ଧା ଉପସ୍ଥିତ ରହି ଥିଲେ । ସ୍ଥାନୀୟ ପୋଲିସ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ଯୋଗାଇ ଦେଇ ଥିଲେ । ଏଥି ସହିତ ସମସ୍ତ ମଦ ଦୋକାନ ବନ୍ଦ ରହି ଥିଲା ।

# ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ



କାଳିମେଳା,୧୬।୧୧(ସମିସ): ଉତ୍କଳ ସାମ୍ବାଦିକ ସଂଘ ମାଲକାନଗିରି ଜିଲ୍ଲା ପକ୍ଷରୁ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ କାଳିମେଳା ଠାରେ ପାଳିତ ହୋଇଯାଇଛି । କାଳିମେଳା ବ୍ଲକ ବନ ବିଭାଗ ଅତିଥି ଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘର ସଭାପତି ଅଶୋକ ମିଶ୍ର ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଯୋଗ ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ସୁଭାସିନୀ ସୋଡି, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଅନ୍ୟତମ ଅତିଥି ଭାବେ କାଳିମେଳା ବିଡିଓ ପ୍ରଦୀପ କର, ତହସିଲଦାର ରାମକୃଷ୍ଣ ସତ୍ୟରାଜଗୁରୁ, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ଆତ୍ମସମ୍ମାନ ନୃସିଂହ ଚରଣ ମହାନ୍ତି, ଥାନା ଅଧିକାରୀ ମୁକୁନ୍ଦ ମେଲକା, ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘର ସମ୍ପାଦକ ବି ଶ୍ରୀନିବାସ ପାତ୍ର, ଉପ ସଭାପତି ପ୍ରଶାନ୍ତ ସାହୁ, କୋଷାଧ୍ୟକ୍ଷ ହୃଷିକେଶ ସେଠି, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମଲ୍ଲ, କାଳିମେଳା ବ୍ଲକ ସଭାପତି ସତ୍ୟ ନାରାୟଣ ସୁବୁଦ୍ଧି ପ୍ରମୁଖ ମଞ୍ଚାସୀନ ଥିଲେ । କାଳିମେଳା ବନବିଭାଗ ଅତିଥି ଭବନ ଠାରେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଅଶୋକ ମିଶ୍ରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଜାତୀୟ ପ୍ରେସ ଦିବସ ଅବସରରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଥିବା ବିଧାୟକ ଶ୍ରୀ ମାଡକାମୀ ମତବ୍ୟକ୍ତ କରିଛନ୍ତି । ମୁଖ୍ୟବକ୍ତା ଭାବେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ସଂଘର ସଦସ୍ୟ ଭଗବାନ ସାହୁ ସ୍ୱାଗତ ଭାଷଣ, ସଂଘର ସଦସ୍ୟ ସୌରଭ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାର ବରିଷ୍ଠ ସାମ୍ବାଦିକ ରତ୍ନାକର ଦାସ, ଦୁର୍ଗା ପ୍ରସାଦ ପଟ୍ଟନାୟକ, ଗୋପୀକୃଷ୍ଣ ପଟ୍ଟନାୟକଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା । ସତ୍ୟ ଖବର ପରିବେଷଣ ବେଳେ ଗିରଫ ହୋଇଥିବା ଲଡୁଆ ସାମ୍ବାଦିକ ବିକ୍ରମ ସ୍ୱାଇଁ, ଦୀପକ ମହାରଣା, ଅବିନାଶ ବେହେରା, ରାହୁଲ ଗୋଲାରି ପ୍ରମୁଖଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ବିଧାୟକ ନିଜ ଆଡୁ ସବୁ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

### ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ଗୋଲକୁଣ୍ଡା ଚାମ୍ପିଅନ, ବାରବାଟୀ ରନର୍ସଅପ୍

**ଭୁବନେଶ୍ୱର, ୧୬ା୧୧(ସମିସ)**

ଅଲ ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ) ଓ ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ପକ୍ଷରୁ କ୍ରିକେଟରେ ଆଇପିଏଲ୍ ଢ଼ାଞ୍ଚାରେ ଫ୍ରାଞ୍ଚାଇଜ୍ ଭିତ୍ତିକ ୧୨ଟି ଦଳକୁ ନେଇ ଓଡ଼ିଶାରେ ପ୍ରଥମଥର ଆୟୋଜିତ ହୋଇଥିବା ଓଡ଼ିଶା ଆଇକନିକ୍ ଚେସ୍ ପ୍ରିମିୟର ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଗୋଲକୁଣ୍ଡା ଗାର୍ଡିଅନ୍ସ ଚାମ୍ପିଅନ ହୋଇଥିଲାବେଳେ ବାରବାଟୀ ବ୍ୟାଟଲର୍ସ ରନସ ଅପ୍ ହୋଇଛି । ଭିକ୍ଟୋରିଆ ଭିକ୍ଟର୍ସ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲାବେଳେ ଅମ୍ବର ଆଭେଞ୍ଜର୍ସ ଚତୁର୍ଥ ସ୍ଥାନରେ ରହିଥିଲା । ପୁରସ୍କାର ବାବଦରେ ଚାମ୍ପିଅନ ଗ୍ରାଣ୍ଡ ଆୱାସ ମାଲିକାନାରେ ଖେଳୁଥିବା ଗୋଲକୁଣ୍ଡାକୁ ଟ୍ରଫି ସହ ୫ ଲକ୍ଷ, ଟ୍ରିପଲ 'ସି' କ୍ଲବ୍ ମାଲିକାନାରେ ଖେଳୁଥିବା ବାରବାଟୀ ବ୍ୟାଟଲର୍ସଙ୍କୁ ରନର୍ସ ଅପ୍ ଟ୍ରଫି ସହ ୩ ଲକ୍ଷ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛତିଶଗଡ଼ର ରାଘବେନ୍ଦ୍ର ସିଂଘାଣିଆଙ୍କ ଟିମ୍ ଭିକ୍ଟୋରିଆ ଭିକ୍ଟର୍ସଙ୍କୁ




ରନର୍ସ ଅପ୍ ଟ୍ରଫି ସହ ୨ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି । ଖେଳ ଶେଷରେ ଅନୁଷ୍ଠିତ ଉତ୍ସବରେ ସାଂସଦ ପ୍ରଦୀପ କୁମାର ବର୍ମା ମୁଖ୍ୟଅତିଥି, ଜେମିନୀ ଅଏଲର ଜେନେରାଲ ମ୍ୟାନେଜର ପ୍ରଦୀପ କିଶୋର ମହାପାତ୍ର, ଜିଏସ୍‌ଟି କମିଶନର ପ୍ରୀତିରଞ୍ଜନ ନାଥ, ଏଆଇସିଏଫ୍ ଯୁଗ୍ମ ସଚିବ ମନୀଷ କୁମାର, ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ପ୍ରଦୀପ୍ତ ମହାନ୍ତି, ଡ. ସଞ୍ଜୟ ଚୌଧୁରୀ, ଡ. ଚିଦାମ୍ବିକା ଖଟୁଆ, ଡ. ସେକ୍ ସମିମ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ ।

ଆଇପିଏଲ ଢ଼ାଞ୍ଚାରେ ହୋଟେଲ ଲାଇଫ୍‌ରେ ଗତ ୩ ଦିନ ଧରି ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ୧୨ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ରାଉଣ୍ଡ ରବିନ ଲିଗ୍ ଫର୍ମାଟରେ ଖେଳ ହେବା ପରେ ୪ଟି ଦଳ ନକ୍‌ଆଉଟକୁ ଉନ୍ନିତ ହୋଇଥିଲେ । ଆଇପିଏଲ୍ ପରି ପ୍ରଥମ ଦୁଇ ଦଳ ମଧ୍ୟରେ କ୍ୱାଲିଫାୟର-୧ରେ ପରସ୍ପର ସହ ମୁକାବିଲା କରିଥିଲେ । ଏଥିରେ ଭିକ୍ଟୋରିଆକୁ ହରାଇ ନଂ-୧ ଟିମ୍ ଗୋଲକୁଣ୍ଡା ପ୍ରଥମ ଟିମ୍ ଭାବେ ଫାଇନାଲକୁ ଯାଇଥିଲା । ଏଲିମିନେଟରରେ ଅମ୍ବର ଆଭେଞ୍ଜର୍ସଙ୍କୁ ହରାଇ ବାରବାଟୀ ଦ୍ୱିତୀୟ କ୍ୱାଲିଫାୟର୍ସକୁ ଯାଇଥିଲା । ପରେ ଖେଳାଯାଇଥିବା ଦ୍ୱିତୀୟ କ୍ୱାଲିଫାୟରରେ ଭିକ୍ଟୋରିଆକୁ ହରାଇ ବାରବାଟୀ ଦ୍ୱିତୀୟ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଥିଲା । ଫାଇନାଲରେ ବାରବାଟୀକୁ ହରାଇ ଗୋଲକୁଣ୍ଡା ଗାର୍ଡିଆନ୍ସ ଚାମ୍ପିଅନ ହୋଇଥିଲା । ଏହି ଦଳରେ ଆର୍ଯ୍ୟ ଅର୍ଣ୍ଣବ ସାମନ୍ତରାୟ, ମହୀତୋଷ ଦେ', ଅଧିନାୟକ ତଥା ଆଇଏମ୍ ଆରାଧ ଗର୍ଗ, ସ୍ୱପ୍ନିଲ ପ୍ରିୟଦର୍ଶୀ, ମୁକୁନ୍ଦ ହେମନ୍ତ ଅଗରୱାଲ, ଆଶ୍ରିୟା ଦାସ, ରାକେଶ କୁମାର ନାୟକ ଏବଂ ସୋୟମ ଲକ୍ଷ୍ମୀଦତ୍ତ ଡି ସାବତ ଖେଳାଳିଭାବେ ଚମତ୍କାର ପ୍ରଦର୍ଶନ କରିଥିଲେ ।

ଏହି ଟୁର୍ଣ୍ଣାମେଣ୍ଟର ଚିଫ୍ ଆର୍ବିଟର ଭାବେ ଆଇଏ ସୁରେଶ ଚନ୍ଦ୍ର ସାହୁ, ଡେପୁଟି ଚିଫ୍ ଆର୍ବିଟର ଭାବେ ଆଇଏ ତାପସ କୁମାର ମହାନ୍ତି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ । ସନ୍ତୋଷ ମହାପାତ୍ର, ପିଙ୍କି ମହାପାତ୍ର, ଅଭିଷେକ ଆଚାର୍ଯ୍ୟ ଓ ଅନ୍ୟ ଆର୍ବିଟରମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ । ଏଓସିଏ କାର୍ଯ୍ୟନିର୍ବାହୀ ସଦସ୍ୟ ରୀତେଶ ରଥ, ପଦ୍ମିନୀ ସିଂ, ଧନଞ୍ଜୟ ସାବତ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

### ରାଜ୍ୟ ବେଞ୍ଚପ୍ରେସ୍ ପ୍ରତିଯୋଗିତା ଉଦ୍‌ଯାପିତ

## ଖୋର୍ଦ୍ଧା ପ୍ରଥମ, କଟକ ଦ୍ୱିତୀୟ

**ଭୁବନେଶ୍ୱର, ୧୬ା୧୧(ସମିସ):** ଓଡ଼ିଶା ରାଜ୍ୟ ବେଞ୍ଚପ୍ରେସ୍ ପ୍ରତିଯୋଗିତା ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୬ଟି ଜିଲ୍ଲାରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏଥିରେ ଖୋର୍ଦ୍ଧା ଜିଲ୍ଲା ୨୩ଟି ସ୍ୱର୍ଣ୍ଣପଦକ ଜିତି ପ୍ରଥମ, କଟକ ଜିଲ୍ଲା ୮ଟି ସ୍ୱର୍ଣ୍ଣପଦକ ପାଇ ଦ୍ୱିତୀୟ ସ୍ଥାନରେ ରହିଛି । ସୁନ୍ଦରଗଡ଼ ୭ଟି ସ୍ୱର୍ଣ୍ଣ ସହ ତୃତୀୟ ହୋଇଛି । ଖେଳ ଶେଷରେ ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି, ଜଗନ୍ନାଥ



ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ଜାନକୀ ବଲ୍ଲଭ ମିଶ୍ର, ଚନ୍ଦ୍ରଶେଖର ସାହୁ, ପ୍ରଦୀପ କୁମାର ପାତ୍ର, ଏନ୍‌ବି ପଟ୍ଟନାୟକ, କୃଷ୍ଣଚନ୍ଦ୍ର ସାହୁ, ଲକିରାଣୀ ପାତ୍ର, ସ୍ୱାଗତିକା ଖଟେଇ ଓ ଅନୁପମା ସ୍ୱାଇଁ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।

## ଶ୍ୱେତପଦ୍ମାଙ୍କୁ ମିଳିଲା ଏକଲବ୍ୟ ପୁରସ୍କାର

**ଭୁବନେଶ୍ୱର, ୧୬ା୧୧(ସମିସ):** ରାଜ୍ୟର ପ୍ରମୁଖ ଅନ୍ତର୍ଜାତୀୟ ମହିଳା ବ୍ୟାଡମିଣ୍ଟନ ଖେଳାଳି ଶ୍ୱେତପଦ୍ମା ପଣ୍ଡାଙ୍କୁ ୩୩ତମ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଇଛି । ରବିବାର ଏକ ଘରୋଇ ହୋଟେଲେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ମୁଖ୍ୟ ଅତିଥି,

### ସମ୍ମାନିତ ହେଲେ ପ୍ରୀତିସ୍ମିତା ଓ ଆହାନ


ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଶ୍ୱେତପଦ୍ମାଙ୍କୁ ଇମ୍ପାକ୍ଟ ପ୍ରଦତ୍ତ ଟ୍ରଫି, ମାନପତ୍ର ଓ ୭ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ । ଏହା ବ୍ୟତୀତ ରାଜ୍ୟର ଆଉ ଦୁଇଜଣ ଖେଳାଳିଙ୍କୁ ସମ୍ମାନିତ କରାଯାଇଛି । ଭାରୋତ୍ତୋଳିକା ପ୍ରୀତୀସ୍ମିତା ଭୋଇ ଓ ଉଦୀୟମାନ ଟେନିସ ଖେଳାଳି ଆହାନଙ୍କୁ ମାନପତ୍ର, ଟ୍ରଫି ଓ



ଦେଢ଼ଲକ୍ଷ ଲେଖାଏଁ ଟଙ୍କା ଦିଆଯାଇଥିଲା ।

ଏକଲବ୍ୟ ପୁରସ୍କାର କମିଟି ଅଧ୍ୟକ୍ଷ ତଥା ଟ୍ରଷ୍ଟି ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅନ୍ୟତମ ଟ୍ରଷ୍ଟି ପାରମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ବିତରଣ ଉତ୍ସବକୁ ପୁରସ୍କାର କମିଟି ସଂଯୋଜକ ତଥା କର୍ପୋରେଟ ବ୍ୟାପାର ମୁଖ୍ୟ ଅଶ୍ୱିନୀପ୍ରସାଦ ମହାନ୍ତି ପରିଚାଳନା କରିଥିଲେ । ୧୯୯୩ ମସିହାରୁ ରାଜ୍ୟର ଉଦୀୟମାନ ଖେଳାଳିଙ୍କୁ ଇମ୍‌ଫା ପକ୍ଷରୁ ଏକଲବ୍ୟ ପୁରସ୍କାର ପ୍ରଦାନ କରାହୋଇଆସୁଛି ।

## ନିଖିଳ ଓଡ଼ିଶା ବିଲିଆର୍ଡ୍‌ସ ଓ ସ୍ନୁକର ରାଜ୍ୟ ର୍‍ୟାଙ୍କିଙ୍ଗ୍ ଚାମ୍ପିଅନ୍‌ସିପ୍ ଆରମ୍ଭ



ଭୁବନେଶ୍ୱର, ୧୬ା୧୧(ସମିସ): ୩୧ତମ ରାଜ୍ୟ ବିଲିୟାର୍ଡ୍ସ ଓ ସ୍ନୁକର ଚାମ୍ପିଅନସିପ୍ ପଟିଆ ଛକସ୍ଥିତ ସିକ୍ସ ପକେଟସ କ୍ଲବ୍ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ୪ଟି ବିଭାଗରେ ହେବାକୁ ଥିବା ଏହି ରାଜ୍ୟ ର୍‍ୟାଙ୍କିଙ୍ଗ୍ ଚାମ୍ପିଅନସିପ୍‌କୁ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ସଂଘ ସମ୍ପାଦକ ସମୀର ଅଲି ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟର ଶୀର୍ଷ ଖେଳାଳି, କ୍ଲବ୍ ମାଲିକ ଚେତନ ଆନନ୍ଦ ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ଆଜି ଶେଷ ହୋଇଥିବା ସବଜୁନିଅର ବିଲିୟାର୍ଡ୍ସରେ ଆଜ୍‌ଲାନ ଅଲିଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି । ସିନିଅର ବିଲିୟାର୍ଡ୍ସ ସେମିଫାଇନାଲରେ ସୁବ୍ରତ ଦାସ, ସମୀର ଅଲି ଓ ଚିରଞ୍ଜୀବ ସିଂ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ସିନିଅର ସ୍ନୁକର ପ୍ରଥମ ରାଉଣ୍ଡରେ ଜଗଦୀଶ ମହାନ୍ତି, ଅନୁଜ ପଣ୍ଡା, ନିଶି ପ୍ରକାଶ, ଉଦ୍‌ଭାସ ମହାପାତ୍ର, ପ୍ରିୟା ଗୋବିନ୍ଦ ଓ ରାକେଶ ମହାନ୍ତି ବିଜୟ ହାସଲ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ।

### ମହିଳା ଦୃଷ୍ଟିହୀନ ବିଶ୍ୱକପ୍ କ୍ରିକେଟ୍

## ପାକିସ୍ତାନକୁ ହରାଇଲା ଭାରତ

କଲମ୍ବୋ, ୧୬ା୧୧(ଏଜେନ୍ସି): ମହିଳା ଦୃଷ୍ଟିହୀନ ବିଶ୍ୱକପ୍ କ୍ରିକେଟରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୮ ୱିକେଟରେ ପଡୋଶୀ ପାକିସ୍ତାନକୁ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୨୩ ରନ୍‌ରେ ୪ଟି ୱିକେଟ ହରାଇବା ପରେ ମେହେରିନ୍ ଅଲିଙ୍କ ୬୬ ରନ୍ ସହାୟତାରେ ୮ ୱିକେଟ ହରାଇ ୧୩୫ ରନ୍ କରିଥିଲା । ଜବାବରେ ଭାରତ ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା । ଏହି ବିଜୟ ଫଳରେ ଭାରତ ସେମିଫାଇନାଲରେ ପ୍ରବେଶ କରିଛି । ଆସନ୍ତାକାଲି ବା ସୋମବାର ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ମଧ୍ୟରେ ଲିଗ୍ ମ୍ୟାଚ୍ ଖେଳାଯିବ ।

### ଜାତୀୟ ପାରା ସୁଇମିଂ ଚାମ୍ପିଅନ୍‌ସିପ୍

## ପ୍ରଥମ ଦିବସରେ ଓଡ଼ିଶାକୁ ୭ ପଦକ



**ଭୁବନେଶ୍ୱର, ୧୬ା୧୧ (ସମିସ):** ହାଇଦରାବାଦ୍‌ରେ ରବିବାର ଜାତୀୟ ପାରା ସୁଇମିଂର ୨୫ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ଦିବସରେ ଓଡ଼ିଶା ସନ୍ତରଣକାରୀମାନେ ପ୍ରଭାବୀ ପ୍ରଦର୍ଶନ କରି ୭ଟି ପଦକ ବିଜୟୀ ହୋଇଛନ୍ତି । ଯେଉଁଥିରେ ୩ଟି ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ ଏବଂ ଗୋଟିଏ ରୌପ୍ୟ ପଦକ ରହିଛି । ପୁରୁଷ ୧୦୦ ମିଟର ଫ୍ରିଷ୍ଟାଇଲର ଏସ୍-୪ କାଟାଗୋରୀରେ ବଳରାମ ସ୍ୱାଇଁ, ଏସ୍-୫ କାଟାଗୋରୀରେ ନରହରି ବେହେରା ଓ ମହିଳା ଏସ୍-୬ କାଟାଗୋରୀରେ କବିତା ଦଳାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେହିଭଳି ପୁରୁଷ ବ୍ୟାକ୍ ଷ୍ଟୋକ ଏସ୍-୧୧ କାଟାଗୋରୀରେ ରଞ୍ଜନ ହାଁସଦାଙ୍କୁ ରୌପ୍ୟ ପଦକ ମିଳିଛି । କାଂସ୍ୟ ପଦକ ସଫଳତା ପାଇଥିବା ସନ୍ତରଣକାରୀମାନେ ହେଲେ ଦୀନେଶ ମାଝୀ, ଶିବାନନ୍ଦ ବୈଦ୍ୟ ଓ କମଳ ଟୁଡୁ ।

### ଶରଣକୁଳ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

# ଟାଇବ୍ରେକର୍‌ରେ ଜିତିଲା ସେଞ୍ଚୁରିଆନ କ୍ଲବ୍

**ଶରଣକୁଳ,୧୬ା୧୧(ସମିସ)**

ଶରଣକୁଳ ଲଡୁକେଶ ଆଥଲେଟିକ୍ ଆସୋସିଏସନର ୬୪ ତମ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ସ୍ଥାନୀୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଉଦଘାଟିତ ହୋଇ ଯାଇଛି । ଆସାସିଏସନର ସଭାପତି ତଥା ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସଂଯୁକ୍ତା ପଢ଼ିଆରୀ, ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାସ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଥିଲେ । ଉଦଘାଟନୀ ମ୍ୟାଚ ଭୁବନେଶ୍ୱରର



ସେଞ୍ଚୁରିଆନ କ୍ଲବ ଓ ଜଟଣୀର ଉତ୍କଳ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧ ବେଶ ଚିତ୍ତାକର୍ଷକ ଥିବାବେଳେ ୧୧ ତମ ମିନିଟରେ ଜଟଣୀ ଦଳର ୧୦ ନମ୍ବର ଜର୍ସି ଖେଳାଳି ଚିଣ୍ଟୁ ସାମଲ ଚତୁରତାର ସହ ପ୍ରଥମ ଗୋଲ ସ୍କୋର କରି ଦଳକୁ ଆଗେଇ ନେଇଥିଲେ । ଦ୍ୱିତୀୟାର୍ଦ୍ଧ ଖେଳର ପ୍ରଥମ ମିନିଟରେ ଭୁବନେଶ୍ୱର ଦଳର ୭ ନମ୍ବର ଜର୍ସି ଖେଳାଳି ଅମିନୁ ଗୋଲ ଶୁଝାଇ ଦଳକୁ ସମାନ ସ୍ତରକୁ ଆଣିଥିଲେ । ଖେଳ ୧-୧ରେ ସମାନ ହେବା ପରେ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା ଓ ୩୧ ତମ ମିନିଟ ରେ ଚିଣ୍ଟୁ ସାମଲ ବିପକ୍ଷ ଦଳକୁ ଆଉ ଗୋଟିଏ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ । କିନ୍ତୁ ଶେଷ ସମୟ ପୂର୍ବରୁ ଭୁବନେଶ୍ୱର ଦଳ ଶୁଝାଇଦେବାରୁ ନିର୍ଦ୍ଧାରିତ ସମରେ ଖେଳ ୨-୨ ଗୋରେ ସମାନସ୍ତରେ ରହିଥିଲା । ମ୍ୟାଚ୍ର ଫଳାଫଳ ଲାଗି ଟାଇବ୍ରେକର ପଦ୍ଧତି ନିଆଯାଥିଲା । ଏଥରେ ଭୁବନେଶ୍ୱର ଦଳ ବିଜୟୀ ହୋଇଥିଲା ଓ ଦଳର ଅମିନୁଙ୍କୁ ଶ୍ରେଷ୍ଠ ଖେଳାଳି ରୁପେ ଚୟନ କରାଯାଇଥିଲା । ଶରଣକୁଳ ଜନସଂଗ୍ରାମ ପ୍ରେସ ପକ୍ଷରୁ ଅତିଥିଙ୍କ ଦ୍ୱାରା ଏକହଜାର ଅର୍ଥ ରାଶି ସହିତ ଏକ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଛି । ରେଫରୀ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ପ୍ରସନ୍ନ କୁମାର ନାୟକ, ଜ୍ୟୋତିରଞ୍ଜନ ସ୍ୱାଇଁ, ଜଗନ୍ନାଥ ପରିଡା ଲାଇନରେ ସହାୟତା କରିଥିଲେ। ବିକ୍ରମ କୁମାର ଦାଶ, କୃଷ୍ଣଚନ୍ଦ୍ର ମହାପାତ୍ର, ଚିତ୍ତ ରଞ୍ଜନ ବରାଡ଼, କୃଷ୍ଣଚନ୍ଦ୍ର ତ୍ରିପାଠୀ, ରମେଶଚନ୍ଦ୍ର ବରାଡ଼, ଅଖିଳ କୁମାର ମହାପାତ୍ର ପ୍ରମୁଖ ଖେଳ ରେ ସହଯୋଗ କରିଥିଲେ । ସୋମବାର ଖେଳ ଡ଼ିଏମଏସଏଫସି କେପିଝାଡ଼ଖଣ୍ଡ ଏବଂ ଗଣ୍ଡରପୁର ଫୁଟବଲ କ୍ଲବ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏସନର ସମ୍ପାଦକ ରବିନ୍ଦ୍ର କୁମାର ଚୌଧୁରୀ ଜଣାଇଛନ୍ତି ।

### ଆଜିଠୁ ମହିଳା କବାଡ଼ି ବିଶ୍ୱକପ୍

## ଟାଇଟଲ୍ ବଜାୟ ଲକ୍ଷ୍ୟରେ ଭାରତ

**ଢାକା, ୧୬ ।୧୧ (ଏଜେନ୍ସି):** ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣ ସୋମବାରଠାରୁ ବାଂଲାଦେଶର ଢାକାରେ ଆରମ୍ଭ ହେବାକୁଯାଉଛି । ୧୩ ବର୍ଷର ବ୍ୟବଧାନ ପରେ ମହିଳା କବାଡ଼ି ବିଶ୍ୱକପ୍ ଖେଳାଯିବ । ୨୦୧୨ରେ ବିହାରରେ ଖେଳାଯାଇଥିବା ପ୍ରଥମ ସଂସ୍କରଣରେ ଭାରତୀୟ ମହିଳା ଦଳ ଇରାନକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା । ଫଳରେ ଡିଫେଣ୍ଡିଂ ଚାମ୍ପିଅନ ଭାବେ ଭାରତ ଏଥର ବିଶ୍ୱକପ୍‌ରେ ପ୍ରବେଶ କରିଛି । ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଦ୍ୱିତୀୟ ସଂସ୍କରଣରେ ମୋଟ୍ ୧୧ଟି ଦଳ ଭାଗନେଇଛନ୍ତି । ଆୟୋଜକ ବାଂଲାଦେଶ ଓ ଭାରତ ସମେତ ଜର୍ମାନୀ, ଥାଇଲାଣ୍ଡ ଓ ଉଗାଣ୍ଡା ଗ୍ରୁପ୍-ଏ'ରେ ସ୍ଥାନ ପାଇଛନ୍ତି । ସେହିଭଳି ଗ୍ରୁପ୍-ବି'ରେ ଇରାନ, କେନିଆ, ନେପାଳ, ପୋଲାଣ୍ଡ, ଚାଇନିଜ ତାଇପେଇ ଓ ଯାଞ୍ଜିବର ରହିଛନ୍ତି । ଶେଷ ମୁହୂର୍ତ୍ତରେ ଆର୍ଜେଣ୍ଟିନା ଓହରିଯିବାରୁ ଗ୍ରୁପ୍-ଏ'ରେ ୫ଟି ଦଳ ସ୍ଥାନ ପାଇଛନ୍ତି । ପ୍ରତି ଗ୍ରୁପ୍‌ର ଦୁଇଟି ଲେଖାଏ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ପ୍ରବେଶ କରିବେ ।

### କୁଚ୍ ବିହାର ଟ୍ରଫି

## ଅର୍ପିତଙ୍କୁ ୩ ୱିକେଟ୍; ମହାରାଷ୍ଟ୍ର ୨୯୯/୫

**କଟକ, ୧୬ା୧୧(ସମିସ):** ଘରୋଇ ମହାରାଷ୍ଟ୍ର ଓ ଓଡ଼ିଶା ମଧ୍ୟରେ ରବିବାରଠାରୁ ନାଗୋଥାନେର ରିଲାଏନ୍ସ କ୍ରିକେଟ ଗ୍ରାଉଣ୍ଡରେ କୁଚ୍ ବିହାର ଟ୍ରଫି (୧୯ ବର୍ଷରୁ କମ୍) ମ୍ୟାଚ୍ ଆରମ୍ଭ ହୋଇଛି । ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ମହାରାଷ୍ଟ୍ର ଦଳ ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୫ ୱିକେଟ ବିନିମୟରେ ୨୯୯ ରନ ସଂଗ୍ରହ କରି ଦୃଢ଼ସ୍ଥିତିରେ ରହିଛି । ଦଳ ପକ୍ଷରୁ ଓପନର ଜାସନ ସିଂହ ସର୍ବାଧିକ ୧୦୨ ରନ କରିଥିଲେ । ସେହିଭଳି ୱିକେଟକିପର ସାଇ ପ୍ରଦେଶୀ ଏବଂ ଏସ୍ ଜଗତପ ଯଥାକ୍ରମେ ୪୫ ଏବଂ ୪୮ ରନ ସଂଗ୍ରହ କରି ଅପରାଜିତ



ରହିଛନ୍ତି । ଓଡ଼ିଶା ପକ୍ଷରୁ ଅର୍ପିତ ମହାନ୍ତି ୩ଟି ଏବଂ ରାଜ ଯାଦବ ୨ଟି ୱିକେଟ ଦଖଲ କରିଛନ୍ତି । ପ୍ରଥମ ଦିବସରେ ଓଡ଼ିଶା ବୋଲର ୯୨ ଓଭର ବୋଲିଂ କରି ମାତ୍ର ୫ ୱିକେଟ୍ ନେଇ ନିରାଶ କରିଛନ୍ତି ।

### ଏସିଆ କପ୍ ରାଇଜିଂ ଷ୍ଟାର୍

## ସୂର୍ଯ୍ୟବଂଶୀଙ୍କ ଦ୍ରୁତ ଇନିଂସ ବେକାର

**ଦୋହା, ୧୬ ।୧୧ (ଏଜେନ୍ସି):** ଏଠାରେ ଚାଲିଥିବା ଏସିଆ କପ୍ ରାଇଜିଂ ଷ୍ଟାର୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତ-ଏ ପ୍ରଥମ ପରାଜୟବରଣ କରିଛି । ରବିବାର ରାତିରେ ଖେଳାଯାଇଥିବା ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚରେ ଭାରତ-ଏ ୮ ୱିକେଟ୍‌ରେ ପାକିସ୍ତାନ-ଏ ନିକଟରୁ ପରାସ୍ତ ହୋଇଛି । ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ ୧୯ ଓଭରାରେ ୧୩୬ ରନ କରି ଅଲ୍‌ଆଉଟ୍ ହୋଇଥିଲା । ଦଳ ପକ୍ଷରୁ ଓପନର୍ ବୈଭବ ସୂର୍ଯ୍ୟବଂଶୀ ୨୮ ବଲରେ ୫ ଚୌକା ଓ ୩ ଛକା ସହ ସର୍ବାଧିକ ୪୫ ରନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନମନ ଧୀର ୩୫, ହର୍ଷ ଦୁବେ ୧୯, ନେହାଲ ୱାଧେର ୮ ଓ ରମନଦୀପ୍ ସିଂହ ୧୧ ରନ କରିଥିଲେ । ପାକିସ୍ତାନର ଶାହିଦ ଅଜିଜ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ । ଜବାବରେ ପାକିସ୍ତାନ-ଏ ୧୩.୨ ଓଭରରେ ୨ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା । ଓପନର୍ ମାଜ୍ ସାଦକତ୍ ୪୭ ବଲରେ ଅପରାଜିତ ୭୯ ରନ କରିଥିଲେ । ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଭାରତ ପୂର୍ବରୁ ପ୍ରଥମ ମ୍ୟାଚରେ ୧୪୮ ରନରେ ୟୁଏଇ'କୁ ହରାଇଥିଲା । ଶେଷ ମ୍ୟାଚରେ ଭାରତ ମଙ୍ଗଳବାର ଓମାନକୁ ଭେଟିବ ।

### ଟୋକିଓ ଡିଫ୍ ଅଲିମ୍ପିକ୍ସ

## ଟାଇଟଲ୍ ବଜାୟ ରଖିଲେ ଶୁଟର୍ ଶ୍ରୀକାନ୍ତ

**ଟୋକିଓ, ୧୬ ।୧୧ (ଏଜେନ୍ସି):** ଜାପାନର ରାଜଧାନୀ ଟୋକିଓରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଡିଫ୍ (ବଧିର) ଅଲିମ୍ପିକ୍ସର ୨୫ତମ ସଂସ୍କରଣରେ ଭାରତୀୟ ସୁଟର୍ ଧନୁଶ ଶ୍ରୀକାନ୍ତ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛନ୍ତି । ପୁରୁଷ ଏୟାର ରାଇଫଲ୍‌ରେ ଶ୍ରୀକାନ୍ତ ୨୫୨.୨ ସ୍କୋର ସହ ପୋଡିୟମର ଶୀର୍ଷ ସ୍ଥାନରେ ରହିଥିଲେ । ଶ୍ରୀକାନ୍ତ ୨୦୨୨ରେ ବ୍ରାଜିଲରେ ଅନୁଷ୍ଠିତ ଡିଫ୍ ଅଲିମ୍ପିକ୍ସର ଗତ ସଂସ୍କରଣରେ ମଧ୍ୟ ଏହି ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ଅନ୍ୟତମ ଭାରତୀୟ ସୁଟର୍ ମହମ୍ମଦ ଭାନିଆ ୨୫୦.୧ ସ୍କୋର ସହ ରୌପ୍ୟ ପଦକ ବିଜୟୀ ହୋଇଥିଲେ । ଫଳରେ ଭାରତ ଏହି ଇଭେଣ୍ଟରୁ ୨ଟି



ପଦକ ଜିତିବାରେ ସଫଳ ହୋଇଛି । ସେହିଭଳି ମହିଳା ଏୟାର ରାଇଫଲ୍ ଇଭେଣ୍ଟରେ ମଧ୍ୟ ଭାରତ ୨ଟି ପଦକ ଜିତିଛି । ମହିତ ସାନ୍ଧୁ ଓ କୋମଲ ୱାଗମାରେ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଛନ୍ତି ।

## ରାଜ୍ୟ ଓପନ ଚେସ୍ ଜିତିଲେ ତନ୍ମୟ

**ଭୁବନେଶ୍ୱର, ୧୬ା୧୧(ସମିସ):** ଓଡ଼ିଶା ରାଜ୍ୟ ଚେସ ସଂଘ ପକ୍ଷରୁ ଆଉ ଏକ ପ୍ରୋତ୍ସାହନମୂଳକ ଚେସ୍ ପ୍ରତିଯୋଗିତା 'ନିର୍ମଳ କୁମାର ପଟ୍ଟନାୟକ ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍' ରବିବାର ଅନୁଷ୍ଠିତ ହୋଇଯାଇଛି । କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ



ଆୟୋଜିତ ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ତନ୍ମୟ ତ୍ରିପାଠୀ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିଅନ ହୋଇଛନ୍ତି । ତାଙ୍କ ପଛକୁ ପାରାଦୀପର ଜ୍ଞାନରଞ୍ଜନ ସେଠୀଙ୍କୁ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି । କଟକର ନିରେକ ପରିଡ଼ା, ପ୍ରତ୍ୟୁଷ ମହାପାତ୍ର, ବାଲେଶ୍ୱରର ଶୁଭେନ୍ଦୁ କୁମାର ପାତ୍ର, ଭୁବନେଶ୍ୱରର ସତ୍ୟମାଧବ ଶତପଥୀ, ପୁରୀର କ୍ରିତୀଶ କୁମାର ଓ ଗଜପତିର ମନୀନ୍ଦ୍ର କାର୍ଜୀ ଯଥାକ୍ରମେ ତୃତୀୟରୁ ୮ମ ସ୍ଥାନ ଅଧିକାର କରିଛନ୍ତି । ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲାବେଳେ ରୟାଲ ପବ୍ଲିକ୍ ସ୍କୁଲର ପ୍ରଜ୍ଞା ସାହୁ, ସଞ୍ଜୀବ ପଟ୍ଟନାୟକ, ସ୍ମିତା ଭୋଳ ପ୍ରମୁଖ ପୁରସ୍କାର ବିତରଣ ଉତ୍ସବରେ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ ।



## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟ ଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଚକ୍ଷୁ ସମସ୍ୟା ଦେଖା ଦେବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଦିନରେ

- ୧୮୩୧- ଇକ୍ୱାଡୋର ଓ ଭେନେଜୁଏଲା ଗ୍ରେଟର୍ କଲମ୍ବିଆଠାରୁ ଅଲଗା ହେଲେ।
- ୧୯୨୮ -ସ୍ୱାଧୀନତା ସଂଗ୍ରାମୀ ଲାଲା ଲଜପତ୍ ରାୟଙ୍କ ବିୟୋଗ।
- ୧୯୬୬- ରୀତା ଫାରିଆ ବିଶ୍ୱ ସୁନ୍ଦରୀ ହେଲେ।
- ୧୯୯୯ -ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳନ ପାଇଁ ୟୁନେସ୍କୋ ଅନୁମତି ଦେଲା।



# ଆସିପାରେ 'କୁଛ କୁଛ ହୋତା ହୈ'ର ସିକ୍ୱେଲ
## କରନ୍ ଦେଲେ ଇସାରା

ବଲିଉଡ୍‌ର କିଙ୍ଗ୍‌ଖାନ୍ ଶାହାରୁଖ୍, କାଜଲ ଓ ରାନୀ ମୁଖାର୍ଜୀଙ୍କ ଅଭିନୀତ 'କୁଛ କୁଛ ହୋତା ହୈ'(୧୯୯୮) ଫିଲ୍ମ ବଲିଉଡର ଏକ ଆଇକନିକ୍ ଫିଲ୍ମ ଭାବେ ଜଣାଯାଏ। ଏହି ଫିଲ୍ମ ଆଜିବି ଦର୍ଶକଙ୍କ ହୃଦୟରେ ରାଜ୍ କରୁଛି। ଫିଲ୍ମଟି ପ୍ରେମ ଏବଂ ବନ୍ଧୁତା ଉପରେ ପର୍ଯ୍ୟବେସିତ ଥିଲା। ଏହା ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। କରନ୍ ଜୋହର୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ନିକଟରେ କରନ୍ ଏକ ସାକ୍ଷାତକାରରେ 'କୁଛ କୁଛ ହୋତା ହୈ ୨' ବିଷୟରେ କହିବା ସହ ଏଥିରେ କେଉଁ କଳାକାରମାନେ ଅଭିନୟ କରିବେ ସେବିଷୟରେ ମଧ୍ୟ କହିଥିଲେ। କରନ୍ କହିଥିଲେ ଯେ, ଯଦି 'କୁଛ କୁଛ ହୋତା ହୈ'ର ସିକ୍ୱେଲ ସେ ଆଣୁଛନ୍ତି ତେବେ ଏଥିରେ ରଣବୀର ସିଂହ, ଆଲିଆ ଭଟ୍ଟ, ଅନନ୍ୟା ପାଣ୍ଡେଙ୍କୁ ନେବେ। ଆଲିଆ ମଡର୍ଣ୍ଣ ଅଞ୍ଜଳି, ରଣବୀର ରାହୁଲ ଓ ଅନନ୍ୟା ଟିନା ହେବେ। ଟିନା ପାଇଁ ଜାହ୍ନବୀ କପୁର ଓ ସାରା ଅଲ୍ଲୀ ଖାନ୍‌ଙ୍କୁ ମଧ୍ୟ ସେ ବିକଳ୍ପ ଭାବେ ରଖିଥିବା କହିଛନ୍ତି। କରନ୍‌ଙ୍କ ଏହି ବୟାନ ପରେ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇ ଯାଇଛି। ଏହି ଫିଲ୍ମକୁ ପସନ୍ଦ କରୁଥିବା ଅନେକ ୟୁଜର୍ସ ଏଭଳି ଏକ ଆଇକନିକ୍ ଫିଲ୍ମର ସିକ୍ୱେଲ ଆଣନ୍ତୁ ନାହିଁ ବୋଲି କରନ୍‌ଙ୍କୁ କହିଛନ୍ତି। ଏଯାବତ୍ କରନ୍ ଏହାକୁ ନିର୍ମାଣ କରିବେ କି ନାହିଁ ତାହା ସ୍ପଷ୍ଟ ଭାବେ କିଛି କହିନାହାନ୍ତି।

# ହତ୍ୟାକାରୀକୁ ଧରିବା ପାଇଁ ୨୬ ବର୍ଷ ଦେଲେ ଘରଭଡ଼ା

ପତିପତ୍ନୀଙ୍କ ମଧ୍ୟରୁ କାହାରି ଜଣକର ମୃତ୍ୟୁ ହୋଇଗଲେ ଆର ଜଣକ ବଞ୍ଚିବା ବେଶ୍ କଷ୍ଟଦାୟକ ହୋଇଥାଏ। ଏହି କ୍ରମରେ ଜାପାନରୁ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ୨୬ ବର୍ଷ ଧରି ଏକ ଫ୍ଲାଟ୍‌ର ଭଡ଼ା ଦେଇ ଆସୁଥିଲେ ଯେଉଁଠାରେ ତାଙ୍କ ପତ୍ନୀଙ୍କୁ ହତ୍ୟା କରାଯାଇଥିଲା। ପତ୍ନୀର ହତ୍ୟାକାରୀଙ୍କୁ ଧରିବା ପାଇଁ କୌଣସି ତଥ୍ୟ ମିଳିଯାଉ ବୋଲି ଆଶା କରି ସେ ଏପରି କରି ଆସୁଥିଲେ। ୧୩ ନଭେମ୍ବର, ୧୯୯୯ ମସିହାରେ ନାମିକୋ ତାକାବାଙ୍କୁ ତାଙ୍କ ଫ୍ଲାଟ୍‌ରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ହତ୍ୟାକାରୀ ତାଙ୍କ ବେକରେ ବାରମ୍ବାର ଛୁରୀ ଭୂଷିଥିଲା। ଏହି ସମୟରେ ତାଙ୍କ ସାନ ପୁଅ ପାଖରେ ଶୋଇଥିଲେ ମଧ୍ୟ ତାର କୌଣସି କ୍ଷତି ହୋଇ ନ ଥିଲା। ଏନେଇ ପୁଲିସ ୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ପଚରାଉଚରା କରିବା ପରେ ବି ହତ୍ୟାକାରୀର ସନ୍ଧାନ ମିଳି ନ ଥିଲା। ତେବେ ସାତୋରୁ ତାକାବା(ନାମିକୋଙ୍କ ସ୍ୱାମୀ) ଅପରାଧ ସ୍ଥଳରେ ଲାଗିଥିବା ରକ୍ତଛିଟାକୁ ସଫା କରିବା ତଥା ସେହି ଫ୍ଲାଟ୍‌ରୁ ତାଙ୍କର ଆସବାବପତ୍ରକୁ ହଟାଇବାକୁ ସିଧାସିଧା ମନା କରିଥିଲେ। ସେ ନିଜ ଝିଅକୁ ଧରି ଅନ୍ୟ ଏକ ସ୍ଥାନରେ ରହିଲେ। ସେ ଦ୍ୱିତୀୟ ବିବାହ କରି ନ ଥିଲେ। ସ୍ତ୍ରୀର ହତ୍ୟାକାରୀକୁ ଧରିବା ପାଇଁ ୨୬ ବର୍ଷ ଧରି ଫ୍ଲାଟ୍‌ର ଭଡ଼ା ବାବଦରେ ୧.୨ କୋଟି ଟଙ୍କା ଦେଇଥିଲେ। ସେ ଲଗାତାର ଗଣମାଧ୍ୟମରେ ସାକ୍ଷାତକାର ଦେଇ ତାଙ୍କ ସ୍ତ୍ରୀଙ୍କ ହତ୍ୟାକାରୀଙ୍କୁ ଧରିବା ପାଇଁ କହୁଥିଲେ। ଶେଷରେ ଏହି ଘଟଣାର ୨୬ ବର୍ଷ ପରେ ଚଳିତ ବର୍ଷ ଅକ୍ଟୋବର ମାସରେ ହତ୍ୟାକାରୀ ଚିହ୍ନଟ ହୋଇଥିଲେ। ହତ୍ୟାକାରୀ ନାଁ ହେଉଛି କୁମିକୋ ୟାସୁଫୁକୁ। ସେ ସାତୋରୁଙ୍କର ସ୍କୁଲ ସାଙ୍ଗ ଥିଲେ। କୁମିକୋ ସାତୋରୁଙ୍କୁ ଏକତରଫା ପ୍ରେମ କରୁଥିଲେ। ସାତୋରୁଙ୍କୁ କିନ୍ତୁ କୁମିକୋଙ୍କ ପ୍ରେମକୁ ପ୍ରତ୍ୟାଖ୍ୟାନ କରିଥିଲେ। ୩୦ ଅକ୍ଟୋବର, ୨୦୨୫ରେ କୁମିକୋ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିଲେ। ତେବେ ଅପରାଧ ସ୍ଥଳକୁ ମିଳିଥିବା ରକ୍ତନମୁନା ତାଙ୍କ ସହିତ ମ୍ୟାଚ୍ ହୋଇଥିଲା। ତେବେ ସାତୋରୁ ହତ୍ୟାକାରୀଙ୍କ ସମ୍ପର୍କରେ ଶୁଣିବା ପରେ ସ୍ତବ୍ଧ ହୋଇ ଯାଇଥିଲେ। ସାତୋରୁ କହିଛନ୍ତି ଯେ, 'ସେ ଯେଉଁ ଘର ପାଇଁ ଏତେ ଦିନରୁ ଭଡ଼ା ଦେଇ ଆସୁଥିଲେ କୁମିକୋ ତାରି ଆଖପାଖରେ ଦୀର୍ଘ ବର୍ଷ ଧରି ରହି ଆସୁଥିଲେ।' ଦୀର୍ଘ ୨୬ବର୍ଷ ଧରି ସେ ନ ରହି ମଧ୍ୟ ଯେଉଁ ଫ୍ଲାଟ୍ ପାଇଁ ଭଡ଼ା ଦେଇ ଆସୁଥିଲେ, ଉକ୍ତ ନିଷ୍ପତ୍ତି ଠିକ୍ ଥିଲା ବୋଲି ସାତୋରୁ କହିଛନ୍ତି।



# କର୍ମଚାରୀଙ୍କୁ ସୁନା କି-କ୍ୟାପ୍ ଉପହାର



ଅନେକ କମ୍ପାନି କର୍ମଚାରୀଙ୍କୁ ଉତ୍ସାହିତ କରିବା ପାଇଁ ବୋନ୍‌ସ, ଉପହାର ଆଦି ଦିଅନ୍ତି। ଏହି କ୍ରମରେ ଚୀନ୍‌ର ଏକ କମ୍ପାନି ଉପହାରରେ କର୍ମଚାରୀଙ୍କୁ ସୁନା କି ବୋର୍ଡ କ୍ୟାପ୍ ଦେଇ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ଚୀନ୍ ଶେନ୍‌ଝେନ୍‌ରେ ଥିବା ଇନ୍‌ଷ୍ଟା ୩୬୦ ନାମକ କମ୍ପାନି କର୍ମଚାରୀଙ୍କୁ ଦୀର୍ଘ ଚାରିବର୍ଷ ଧରି ସୁନା କିବୋର୍ଡ କ୍ୟାପ୍ ଦେଇ ଆସୁଛି। କମ୍ପାନି ପକ୍ଷରୁ ଏହାର ନାମ 'ଗୋଲଡେନ୍ ବୋନସ୍' ନାମ ଦିଆଯାଇଛି। ନିକଟରେ ଏହି କମ୍ପାନି ଚୀନ୍ ପ୍ରୋଗାମର ଡେ ( ୨୪ ଅକ୍ଟୋବରରେ) ଅବସରରେ ୨୧ ଜଣ କର୍ମଚାରୀଙ୍କୁ ସୁନାର କି କ୍ୟାପ୍ ଉପହାରରେ ଦେଇଥିଲା। ଏହି କି କ୍ୟାପ୍‌ଗୁଡ଼ିକ ମଧ୍ୟରେ ସ୍ପେସ୍ ବାର୍ ମଧ୍ୟ ଥିଲା। ଏହାର ମୂଲ୍ୟ ପାଖାପାଖି ୪୫ ଲକ୍ଷ ଟଙ୍କା ହେବ। ଏଯାବତ୍ କମ୍ପାନି ପକ୍ଷରୁ କର୍ମଚାରୀଙ୍କୁ ସମୁଦାୟ ୫୫ଟି ସୁନାର କି କ୍ୟାପ୍ ପ୍ରଦାନ କରାଯାଇଛି। ସୁନାର ଏହି କି କ୍ୟାପ୍‌ଗୁଡ଼ିକ କେବଳ ବୋନସ୍ ନୁହେଁ ଏହା କର୍ମଚାରୀଙ୍କ ପରିଶ୍ରମ ଓ ନିଷ୍ଠାର ପ୍ରତୀକ ବୋଲି ଇନ୍‌ଷ୍ଟା ୩୬୦ ପକ୍ଷରୁ କୁହାଯାଇଛି। ସୁନା ଦେଉଥିବାରୁ ଏହି କମ୍ପାନିକୁ ଚୀନ୍‌ରେ 'ଗୋଲଡ୍ ଫ୍ୟାକ୍ଟ୍ରି' ବୋଲି କୁହାଯାଏ। ସେହିପରି ଇନ୍‌ଷ୍ଟା ୩୬୦ ଏହାର ୧୦ ବର୍ଷ ପୂର୍ତ୍ତି ଅବସରରେ କର୍ମଚାରୀ ଓ ଇଣ୍ଟର୍ଣ୍ଣଙ୍କୁ ଉପହାର ସ୍ୱରୂପ ଗୋଲଡ୍ ବ୍ଲାଇଣ୍ଡ ବାକ୍ସ ଦେଇଥିଲା। ଏଥିରେ ୦. ୩୬ ଗ୍ରାମ୍‌ର ଶୁଦ୍ଧ ସୁନାର ଷ୍ଟିକର୍ ଥିଲା। ଏହି କମ୍ପାନି କର୍ମଚାରୀଙ୍କୁ କେବଳ ବୋନ୍‌ସ ନୁହେଁ, ସେମାନଙ୍କ ବ୍ୟକ୍ତିଗତ ଖୁସିକୁ ମଧ୍ୟ ପ୍ରାଧାନ୍ୟ ଦେଇଥାଏ। ବିଶେଷ ଅବସରରେ ସୁନା ଉପହାର ଦେଇଥାଏ। କୌଣସି କର୍ମଚାରୀଙ୍କ ବିବାହ କିମ୍ବା ପିଲା ଜନ୍ମ ହେଲେ କମ୍ପାନି ପକ୍ଷରୁ ଏକ ଗ୍ରାମ୍ ଓଜନର ସୁନା ମୁଦ୍ରା ପ୍ରଦାନ କରାଯାଏ।


# ତୁଳସୀ ଜଟାର ମହତ୍ତ୍ୱ



**ହିନ୍ଦୁ ଧର୍ମରେ ତୁଳସୀକୁ ସବୁଠୁ ପବିତ୍ର ବୃକ୍ଷ ବୋଲି କୁହାଯାଇଛି। ତୁଳସୀ କେବଳ ଭଗବାନ ବିଷ୍ଣୁଙ୍କ ପ୍ରିୟ ନୁହେଁ, ଏହା ଘରର ସକାରାତ୍ମକ ଶକ୍ତି ସଞ୍ଚାର କରିବା ସହିତ ସମୃଦ୍ଧିର ପ୍ରତୀକ ଭାବେ ବିବେଚନା କରାଯାଏ। ଯେମିତି ତୁଳସୀ ପତ୍ରର ମହତ୍ତ୍ୱ ଅଛି, ଠିକ୍‌ସେମିତି ତୁଳସୀ ଫୁଲ ବି ମଙ୍ଗଳକାରୀ। କୁହାଯାଏ ତୁଳସୀ ଗଛରେ ତୁଳସୀ ଫୁଲ ମା' ଲକ୍ଷ୍ମୀଙ୍କ ଆଗମନର ସଙ୍କେତ ଦେଇଥାଏ।**

ଧାର୍ମିକ ଗ୍ରନ୍ଥରେ କୁହାଯାଇଛି, ଭଗବାନ ବିଷ୍ଣୁଙ୍କ ପୂଜା ତୁଳସୀ ବିନା ଅଧୁରା। ତେଣୁ ତୁଳସୀରେ ଫୁଲ ଆସିଲେ ଏହାକୁ ଶ୍ରୀହରିଙ୍କ ଭୋଗ ସହିତ ଅର୍ପଣ କରନ୍ତୁ। ଏଭଳି କରିବା ଦ୍ୱାରା ଭଗବାନ ବିଷ୍ଣୁ ଅତ୍ୟନ୍ତ ପ୍ରସନ୍ନ ହୋଇଥାନ୍ତି ଏବଂ ପୁଣ୍ୟ ପ୍ରାପ୍ତି ହୁଏ। ଏହା ଜୀବନରୁ ନକାରାତ୍ମକତାକୁ ଦୂରେଇ ସୌଭାଗ୍ୟ ଆଣେ। ସେହିପରି ଆର୍ଥିକ ସମସ୍ୟା ଦେଇ ଗତି କରୁଥିଲେ, ଶୁକ୍ରବାର ମା' ଲକ୍ଷ୍ମୀଙ୍କୁ ତୁଳସୀ ଫୁଲ ଅର୍ପଣ କରିବା ଉଚିତ। ଏଭଳି କରିବା ଦ୍ୱାରା ଦେବୀ ଲକ୍ଷ୍ମୀ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି। ଏହି ଉପାୟ ଅର୍ଥ ସମସ୍ୟା ଦୂର କରେ।

ସେହିପରି ଘରେ ଲଗାତାର କଳି, ଝଗଡ଼ା, ଚିନ୍ତା ଓ ନକାରାତ୍ମକ ପରିବେଶ ବଜାୟ ରହିଲେ, ତୁଳସୀ ଫୁଲକୁ ବ୍ୟବହାର କରିବା ଭଲ। ଏକ ପାତ୍ରରେ ଗଙ୍ଗାଜଳ ନେଇ ତାହାକୁ ତୁଳସୀ ଫୁଲରେ ଘରେ ସିଞ୍ଚନ କରିବା ଦ୍ୱାରା ଘର ପରିବେଶ ଶୁଦ୍ଧ ଓ ଶାନ୍ତିପୂର୍ଣ୍ଣ ହୋଇଥାଏ। ଉଭୟ ତୁଳସୀ ଓ ଗଙ୍ଗାଜଳ ପବିତ୍ରତାର ପ୍ରତୀକ ହୋଇଥିବାରୁ ଏହାର ମିଶ୍ରଣ ଶୁଭଫଳ ପ୍ରଦାନ କରେ।



# ସ୍ୱସ୍ତି

# ପୂଜା ଫୁଲ ଧୋଇ ଚଢ଼ାଉ ଥିଲେ

ଫୁଲ ବିନା ଦେବୀ ଦେବତା ଏବଂ ଧାର୍ମିକ ଅନୁଷ୍ଠାନ ଅଧୁରା ବୋଲି କୁହାଯାଏ। ଶାସ୍ତ୍ରରେ ପୂଜା ଫୁଲର ଅନେକ ନିୟମ ରହିଛି। ସେହିପରି ଭଗବାନଙ୍କ ପାଖେ ଲାଗି ହେଉଥିବା ଫୁଲର ମହତ୍ତ୍ୱ ବେଶି। ତେବେ ଏହି ଫୁଲକୁ ଭଗବାନଙ୍କୁ ଲାଗି କରିବା ପୂର୍ବରୁ ଏହାକୁ ଅନେକ ଧୋଇ ଚଢ଼ାଇ ଥାନ୍ତି। ହେଲେ ଏଭଳି କରିବା ଠିକ୍ କି ଭୁଲ୍ ସେ ସମ୍ପର୍କରେ ଅନେକ ଜାଣନ୍ତି ନାହିଁ।

ଧ୍ୟାନ ଦେବା ଦରକାର ଯେ, ଭଗବାନଙ୍କୁ କୌଣସି ଜିନିଷ ଲାଗି କରିବା ବେଳେ ତାହା ତାଜା ଥିବା ଦରକାର। ତେଣୁ ଭଗବାନଙ୍କୁ ଚଢ଼ାଯାଉଥିବା ଫୁଲ ବାସି ହେବା ଅନୁଚିତ। ଫୁଲରେ ଜଳ ସ୍ପର୍ଶ ହେବା ଯୋଗୁଁ ତାହା ଜଳ ଦେବତାଙ୍କୁ ଅର୍ପିତ ବୋଲି ବିବେଚନା କରାଯାଏ। ତେଣୁ ଫୁଲକୁ ଧୋଇ ଠାକୁରଙ୍କୁ ଲାଗି କରିବା ଠିକ୍ ନୁହେଁ। ଫୁଲକୁ ଧୋଇ ଚଢ଼ାଇବା ଦ୍ୱାରା ଏହାର ପବିତ୍ରତା ନଷ୍ଟ ହୁଏ। ତା'ସହ ଭଗବାନଙ୍କ ପାଖେ ଅର୍ପଣ ହେଉଥିବା ଫୁଲକୁ ଧୋଇବା ଠିକ୍ ନୁହେଁ। ନିୟମ ଅନୁସାରେ, ସ୍ନାନ ପରେ ଫୁଲ ତୋଳିବା ଉଚିତ। ସେହିପରି ବଜାରରୁ ଆଣୁଥିବା ଫୁଲକୁ ମଧ୍ୟ ନ ଧୋଇ ପୂଜା ଥାଳିରେ ସିଧା ରଖିବା ଉଚିତ। ହିନ୍ଦୁ ମାନ୍ୟତାନୁସାରେ, ଭଗବାନଙ୍କୁ ବାସି, ପୋକ ଲଗା ଫୁଲ, ଛିଣ୍ଡା ଫୁଲ, ତଳେ ପଡ଼ିଥିବା ଫୁଲ ଲାଗି କରିବା ଅନୁଚିତ। ସେହିପରି ଠାକୁରଙ୍କ ପାଖରେ ଲାଗି ହୋଇଥିବା ଫୁଲକୁ ଅନ୍ୟ ଠାକୁରଙ୍କୁ ଲାଗି କରିବା ଅନୁଚିତ।





# ମା' ଲକ୍ଷ୍ମୀଙ୍କ ପ୍ରିୟ ଭୋଗ

**ମା'ଲକ୍ଷ୍ମୀଙ୍କ ପୂଜାରେ ଭୋଗର ବିଶେଷ ମହତ୍ତ୍ୱ ରହିଛି। କୁହାଯାଏ ଠିକ୍ ଓ ପବିତ୍ର ଭୋଗ ସାମଗ୍ରୀ ଦ୍ୱାରା ମା' ଲକ୍ଷ୍ମୀଙ୍କ ଆରାଧନା କରିବା ଦ୍ୱାରା ତାଙ୍କ କୃପା ପ୍ରାପ୍ତି ହୁଏ। ତେଣୁ ମା'ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଭୋଗ ଉପରେ ବିଶେଷ ଗୁରୁତ୍ୱ ଦେବା ଉଚିତ।**



- କ୍ଷୀର, ଚାଉଳ ଏବଂ ଗୁଡ଼ରେ ପ୍ରସ୍ତୁତ କ୍ଷୀରି ଭୋଗ ମା' ଲକ୍ଷ୍ମୀଙ୍କୁ ଅର୍ପଣ କରିବା ଶୁଭ। କ୍ଷୀରି ଭୋଗ ଲାଗି କରିବା ଦ୍ୱାରା ଘରେ ଧନ, ସୁଖ ଓ ସମୃଦ୍ଧି ବଜାୟ ରହେ।
- ଲଡୁକୁ ସୌଭାଗ୍ୟର ପ୍ରତୀକ ବୋଲି କୁହାଯାଏ। ବେସନ କିମ୍ବା ବୁନ୍ଦିରେ ତିଆରି ଲଡୁ ମା' ଲକ୍ଷ୍ମୀଙ୍କୁ ଲାଗି କରିବା ଦ୍ୱାରା ପାରିବାରିକ ସମୃଦ୍ଧି ଓ ପ୍ରେମ ଭାବ ବୃଦ୍ଧି ପାଏ।
- ସୁଜି, ଦେଶୀ ଘିଅ ଓ ଗୁଡ଼ରେ ପ୍ରସ୍ତୁତ ହାଲୁଆ ମା' ଲକ୍ଷ୍ମୀଙ୍କ ଅତ୍ୟନ୍ତ ପ୍ରିୟ। ଏହାକୁ ଭୋଗ ଭାବେ ଅର୍ପଣ କଲେ ଘରେ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ।
- କଦଳୀ, ସେଓ, ଡାଳିମ୍ବ ଭଳି ଅନ୍ୟ ଫଳ ଲକ୍ଷ୍ମୀ ମା'ଙ୍କୁ ଅର୍ପଣ କଲେ ଜୀବନରେ ସ୍ଥିରତା ଆସେ। ମା' ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି।
- ନଡ଼ିଆ ବା ଶ୍ରୀଫଳକୁ ପୂର୍ଣ୍ଣତାର ପ୍ରତୀକ ବୋଲି ବିବେଚନା କରାଯାଏ। ଏହାକୁ ଅର୍ପଣ କଲେ ଆଧ୍ୟାତ୍ମିକ ଉନ୍ନତି ହୋଇଥାଏ। ମା' ଲକ୍ଷ୍ମୀଙ୍କୁ ଏହା ପ୍ରଦାନ କଲେ ଭୌତିକ ସୁଖ, ସାଧନର ବିକାଶ ଘଟେ।



# ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଅର୍ପଣର ନିୟମ

**ସୂର୍ଯ୍ୟଦେବଙ୍କୁ ପ୍ରସନ୍ନ କରିବା ପାଇଁ ସୂର୍ଯ୍ୟୋଦୟ ପୂର୍ବରୁ ଜଳ ଅର୍ଘ୍ୟ ଅର୍ପଣ କରିବା ଉଚିତ। ଏହି ଅର୍ଘ୍ୟ ଅର୍ପଣର ନିୟମ ବି ଅଛି।**

- ପ୍ରଥମେ ସ୍ନାନ ସାରି ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ।
- ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରନ୍ତୁ।
- ତା'ସହ ଅର୍ଘ୍ୟ ଅର୍ପଣର ସମୟ ନିର୍ଦ୍ଧାରିତ କରି ସେହି ସମୟରେ ସବୁଦିନ ଅର୍ଘ୍ୟ ଦେବା ଉଚିତ।
- ତମ୍ବା ଢ଼ାଳରେ ଅର୍ଘ୍ୟ ଅର୍ପଣ କରିବା ଉଚିତ।
- ଅର୍ଘ୍ୟ ଜଳରେ ନାଲି ଫୁଲ, ଚନ୍ଦନ ଓ ଅକ୍ଷତ ପକାନ୍ତୁ। ସେହି ଜଳକୁ ଅର୍ଘ୍ୟ ଭାବେ ଅର୍ପଣ କରନ୍ତୁ।
- ଅର୍ଘ୍ୟ ଦେବାବେଳେ ଜଳଧାରରେ ସୂର୍ଯ୍ୟଙ୍କ ଦର୍ଶନ କରିବା ଶୁଭ।
- ଏହି ଅର୍ଘ୍ୟ ସମୟରେ ସୂର୍ଯ୍ୟଙ୍କ କିରଣ ଦେଖିବା ଉତ୍ତମ।
- ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବା ବେଳେ ସୂର୍ଯ୍ୟ ମନ୍ତ୍ର ଜପ କରିବା ଉଚିତ।
- ଅର୍ଘ୍ୟ ଅର୍ପଣ ସମୟରେ ନିଜ ମୁଖକୁ ପୂର୍ବ ଦିଗରେ ରଖନ୍ତୁ।

ଇଡେନ୍ ସ୍ପିନ୍ ପିଚ୍ ହେଲା ବୁମେରାଂ | ହାର୍ମର ଶ୍ରେଷ୍ଠ ଖେଳାଳି | ୨୨ରୁ ଦ୍ୱିତୀୟ ଟେଷ୍ଟ

# ଅଢ଼େଇ ଦିନରେ ହାରିଲା ଭାରତ

କୋଲକାତା,୧୬।୧୧(ଏଜେନ୍ସି)

ଅଢ଼େଇ ଦିନରେ ଇଡେନ୍ ଟେଷ୍ଟ ଲଢ଼େଇ ଶେଷ। ଅଧିନାୟକ ଶୁବମନ ଗିଲ୍‌ଙ୍କ ଅନୁପସ୍ଥିତିରେ ଇଡେନ୍‌ର ସ୍ପିନ୍ ପିଚ୍‌ରେ ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ଉଚିତ ମୁକାବିଲା କରିପାରିଲାନି ଭାରତ। ଯାହା ଫଳରେ ଏଠାରେ ରବିବାରର ଶେଷ ହୋଇଥିବା ପ୍ରଥମ ଟେଷ୍ଟର ତୃତୀୟ ଦିନ ଟି’ ପୂର୍ବରୁ ଭାରତ ୩୦ ରନ୍‌ରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜିତ ହୋଇଛି। ଭ୍ରମଣକାରୀ ଦଳ ପ୍ରଦତ୍ତ ୧୨୪ ରନ୍‌ର ଟାର୍ଗେଟକୁ ହାସଲ କରିବାରେ ସମର୍ଥ ହେଲାନି ଭାରତ। ଦଳ ୩୫ ଓଭରରେ ୯ ୱିକେଟ ହରାଇ ୯୩ ରନ୍ କରିଅଲଆଉଟ ହୋଇଥିଲା। ଆହତ ଯୋଗୁଁ ପ୍ରଥମ ଇନିଂସରେ ୩ଟି ବଲ୍‌ରୁ ୪ ରନ୍ କରିଥିବା ଗିଲ୍ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିବାକୁ ଆସି ନ ଥିଲେ। ଦକ୍ଷିଣ ଆଫ୍ରିକାର ଏହି ଐତିହାସିକ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ୩୬ ବର୍ଷୀୟ ଅଫ୍‌ସ୍ପିନର ସାଇମନ ହାର୍ମର ଉଭୟ ଇନିଂସରେ ୪ଟି ଲେଖାଏଁ ୱିକେଟ ନେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟରେ ସିରିଜ୍‌ରେ ୧-୦ରେ ଆଗୁଆ ରହିଥିବା ଦକ୍ଷିଣ ଆଫ୍ରିକା ଆସାମର ଗୁଆହାଟୀରେ ଭାରତ ସହ ଦ୍ୱିତୀୟ ଟେଷ୍ଟ ନଭେମ୍ବର ୨୨ରୁ ଖେଳିବ। ଭାରତରେ ଦୀର୍ଘ ୧୫ ବର୍ଷ ପରେ ଦକ୍ଷିଣ ଆଫ୍ରିକା ଟେଷ୍ଟ ଜିତିବାରେ ସମର୍ଥ ହୋଇଛି। ତାହା ପୁଣି ସ୍ପିନ୍ ବୋଲରଙ୍କ ସଫଳତା ବଳରେ। ଭାରତ ଉଭୟ ଇନିଂସରେ ହରାଇଥିବା ୧୮ଟି ୱିକେଟ ମଧ୍ୟରୁ ଦକ୍ଷିଣ ଆଫ୍ରିକୀୟ ସ୍ପିନରମାନେ ୧୨ଟି ୱିକେଟ ନେଇଥିଲେ।



## ୨୦୬ ଓଭର, ୫୧୭ ରନ୍, ୩୮ ୱିକେଟ୍

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ଅଢ଼େଇଦିନରେ ଶେଷ ହୋଇଛି। ଆଲୋକ ଅଭାବରୁ ଖେଳ ବ୍ୟାହତ ହୋଇ ନ ଥିଲେ ଆହୁରି ଆଗରୁ ଶେଷ ହୋଇଥାନ୍ତା। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୫୫ ଓଭରରେ୧୫୯ ରନ୍ କରିଥିଲା। ଜବାବରେ ଗିଲ୍ ୪ ରନ୍‌ରେ ମ୍ୟାଚ୍ ଛାଡ଼ିବା ପରେ ଭାରତ ୬୬.୨ ଓଭରରେ ୧୮୯ ରନ୍ କରିଥିଲା। ୩୦ ରନ୍‌ରେ ପଛୁଆ ଥିବା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୫୪ଓଭରରେ ୧୫୩ ରନ୍ କରିଥିଲା। ଏହା ଫଳରେ ଭାରତକୁ ଏହି ମ୍ୟାଚ୍ ଜିତିବାକୁ ୧୨୪ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଭାରତ ଦ୍ୱିତୀୟ ଇନିଂସରେ ମାତ୍ର ୩୫ ଓଭର ଖେଳି ୯୩ ରନ୍‌ରେ ଆଉଟ ହୋଇଥିଲା। ଆହତ ଯୋଗୁ ଗିଲ୍ ବ୍ୟାଟିଂ କରିବାକୁ ଆସି ନ ଥିଲେ। ଏହା ଫଳରେ ଏହି ମ୍ୟାଚ୍‌ରେ ମୋଟ ୨୦୬.୨ ଓଭର ଖେଳ ସମ୍ଭବ ହୋଇଥିଲା। ଏଥିରେ ଉଭୟ ଦଳ ମିଳିତଭାବେ ୫୧୭ ରନ୍ କରିଥିଲାବେଳେ ୩୮ ଟି ୱିକେଟର ପତନ ଘଟିଥିଲା। ଆହତ ଥିବାରୁ ଗିଲ ଉଭୟ ଇନିଂସରେ ବ୍ୟାଟିଂ କରି ପାରି ନ ଥିଲେ।

ଏହି ମ୍ୟାଚ୍‌ର ଆଜି ସକାଳେ ଦକ୍ଷିଣ ଆଫ୍ରିକା ତାହାର ଦ୍ୱିତୀୟ ଇନିଂସ ୭ ୱିକେଟରେ ୯୩ ରନ୍‌ରୁ ଖେଳ ଆରମ୍ଭ କରି ୧୫୩ ରନ୍‌ରେ ଆଉଟ ହୋଇଥିଲା। ୨୯ ରନ୍‌ରେ ଅପରାଜିତ ଥିବା ଅଧିନାୟକ ତେମ୍ବା ୧୩୬ ବଲ୍‌ରୁ ଏହି ମ୍ୟାଚ୍‌ରେ ସର୍ବାଧିକ ୫୫ ରନ୍ କରି ଶେଷଯାଏ ଆଉଟ ହୋଇ ନ ଥିଲେ। କିନ୍ତୁ ନଂ-୯ରେ ବ୍ୟାଟିଂ କରିଥିବା କର୍ବିନ ବୋଶଙ୍କ ୨୫ ରନ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ୪ଟି, କୁଲଦୀପ ଯାଦବ ଓ ମହମ୍ମଦ୍ ସିରାଜ ୨ଟି ଲେଖାଏଁ ୱିକେଟ ନେଇଥିଲେ।

ଏହା ଫଳରେ ଏହି ମ୍ୟାଚ୍ ଜିତିବାକୁ ଭାରତ ପାଇଥିବା ୧୨୪ ରନ୍‌ର ଟାର୍ଗେଟକୁ ପିଛା କରି ଦ୍ୱିତୀୟ ଇନିଂସରେ ୯୩ ରନ୍ କରିଥିଲା। ନଂ-୩ରେ ବ୍ୟାଟିଂ କରିଥିବା ୱାଶିଂଟନ ସୁନ୍ଦର ୯୨ ବଲ୍ ଖେଳି ସର୍ବାଧିକ ୩୧, ଅକ୍ଷର ପଟେଲ ୨୬, ଜାଡେଜା ୧୮ ଓ ଧ୍ରୁବ ଜୁରେଲ ୧୩ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ସାଇମନ ହାର୍ମର ୨୧ ରନ୍‌ରେ ୪ଟି, ମାର୍କୋ ୟାନ୍‌ସେନ୍ ଓ କେଶବ ମହାରାଜ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**


**ଦକ୍ଷିଣ ଆଫ୍ରିକା**: ୧୫୯ (ମାରକ୍ରମ-୩୧, ବୁମ୍‌ରା-୫/୨୭) ଓ ୧୫୩ (ବଭୁମା-୫୫*, ଜାଡେଜା-୪/୫୦)।
**ଭାରତ**: ୧୮୯ (ରାହୁଲ-୩୯, ସୁନ୍ଦର-୨୯, ହାର୍ମର-୪/୩୦, ୟାନ୍‌ସେନ୍-୩/୩୫) ଓ ୯୩ (ସୁନ୍ଦର-୩୧, ଅକ୍ଷର-୨୬, ଜାଡେଜା-୧୮, ହାର୍ମର-୪/୨୧)।

## ୧୫ ବର୍ଷ ପରେ ଟେଷ୍ଟ ଜିତିଲା ଦ. ଆଫ୍ରିକା



କୋଲକାତା,୧୬।୧୧(ଏଜେନ୍ସି): ଭାରତକୁ ୩୦ ରନ୍‌ରେ ହରାଇ ଦକ୍ଷିଣ ଆଫ୍ରିକା ଭାରତ ମାଟିରେ ଦୀର୍ଘ ୧୫ ବର୍ଷ ପରେ ପ୍ରଥମ ଟେଷ୍ଟ ବିଜୟ ହାସଲ କରିଛି। ୨୦୧୦ରେ ଶେଷଥର ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ଟେଷ୍ଟ ଜିତିବା ପରେ ଏଠାରେ ଉଭୟଙ୍କ ମଧ୍ୟରେ ଖେଳାଯାଇଥିବା ମୁକାବିଲାରେ ୬ଷ୍ଠ ବିଜୟ ହାସଲ କରିଛି। ୩୬ ବର୍ଷ ୨୭୯ ଦିନରେ ସ୍ପିନର ସାଇମନ୍ ହାର୍ମର ତୃତୀୟ ବରିଷ୍ଠ ଖେଳାଳି ଭାବେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହା ପୂର୍ବରୁ କ୍ଲାଇବ୍ ଲୟଡ ୧୯୮୩-୮୪ରେ ଓ କିଥ୍ ଫ୍ଲେଚର ୧୯୮୧-୮୨ ଟେଷ୍ଟ ସିରିଜ୍‌ରେ ଭାରତ ବିପକ୍ଷରେ ହାର୍ମରଙ୍କଠାରୁ ଅଧିକ ବୟସରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

### ● ଇଡେନ୍ ପିଚ୍‌କୁ ଗମ୍ଭୀରଙ୍କ ସମର୍ଥନ



ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ କୋଲକାତାର ଇଡେନ ଗାର୍ଡେନରେ ଖେଳାଯାଇଥିବା ପ୍ରଥମ ଟେଷ୍ଟର ପିଚ୍‌କୁ ସମର୍ଥନ ଜଣାଇଛନ୍ତି ଭାରତୀୟ କୋଚ୍ ଗୌତମ ଗମ୍ଭୀର। ଏହି ମ୍ୟାଚ୍ ଅଢ଼େଇ ଦିନରେ ଶେଷ ହୋଇଥିଲା ଓ ମୋଟ ୨୦୬.୨ ଓଭର ଖେଳରେ ଉଭୟ ଦଳ ଦୁଇଥର ଲେଖାଏଁ ଅଲଆଉଟ ହୋଇଥିଲେ। ଏହା ସତ୍ତ୍ୱେ ଗମ୍ଭୀର ଇଡେନ୍ ପିଚ୍‌କୁ ଖରାପ ବୋଲି କହି ନ ଥିଲେ। ବରଂ ଆମେ ଏଭଳି ପିଚ୍‌ରେ ୧୨୪ ରନ୍ କରିବା ସମ୍ଭବ ଥିଲା। ପିଚ୍ ନିର୍ମାତା ସୁଜନ ମୁଖାର୍ଜୀ ଖୁବ୍ ସହଯୋଗ କରିଥିଲେ। ଆମେ ଯେଉଁ ପିଚ୍ ଚାହିଁଥିଲୁ ତାହା ମିଳିଥିଲା। କିନ୍ତୁ ଯେଉଁ ଦଳ ଭଲ ଖେଳିଲା, ସେହି ଦଳ ବିଜୟୀ ହେଲା ବୋଲି ଗମ୍ଭୀର କହିଛନ୍ତି।

### ● ଅପରାଜେୟ ଟେଷ୍ଟ ଅଧିନାୟକ ତେମ୍ବା



ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳର ନେତୃତ୍ୱ ନେବା ପରଠାରୁ ଅଧିନାୟକ ତେମ୍ବା ବଭୁମା ଗୋଟିଏ ହେଲେ ମ୍ୟାଚ୍‌ରେ ହାରି ନାହାନ୍ତି। ତାଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଦଳ ୧୧ଟି ଟେଷ୍ଟ ଖେଳି ୧୦ଟିରେ ବିଜୟୀ ହୋଇଛି। ଏହି ୧୦ଟି ମଧ୍ୟରେ ଇଂଲଣ୍ଡର ଲର୍ଡ୍ସର ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟ ସର୍ବଶ୍ରେଷ୍ଠ ବୋଲି ସେ କହନ୍ତି। ସେହିପରି ଭାରତୀୟ ମାଟିରେ ମଧ୍ୟ ଦଳକୁ ସେ ୧୫ ବର୍ଷ ପରେ ଟେଷ୍ଟ ବିଜୟର ସ୍ୱାଦ ଚଖାଇଛନ୍ତି।

### ● ବିଶ୍ୱ ଚାମ୍ପିଅନ ହେଲା ଭଳି ଲାଗିଲା

କୋଲକାତାରେ ଭାରତ ବିପକ୍ଷ ବିଜୟକୁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ବିଜୟ ସହ ତୁଳନା କରିଛନ୍ତି ଦକ୍ଷିଣ ଆଫ୍ରିକାର କୋଚ୍ ଶୁକରି କନରାଡ। ତାଙ୍କ ମତରେ ଏହି ବିଜୟ ମୋତେ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ବିଜୟ ଭଳି ଲାଗୁଛି। ୧୫ ବର୍ଷ ପରେ ଭାରତରେ ଟେଷ୍ଟ ଜିତିଥିବାରୁ ଏହା ବୋନସ ମିଳିଲା ଭଳି ଲାଗୁଛି। ଏତିକିରେ ଆମର କାମ ଶେଷ ହୋଇନାହିଁ। ସିରିଜ୍ ବିଜୟୀ ହେବା ପରେ ଆମେ ଭାରତର ଦୁର୍ଗ ଦଖଲ କରିବୁ ବୋଲି ସେ କହିଛନ୍ତି।

### ● ଚତୁର୍ଥ ଇନିଂସରେ ଭାରତର ତୃତୀୟ ସର୍ବନିମ୍ନ ସ୍କୋର

ଏଠାରେ ଭାରତ ଆଗରେ ୧୨୪ ରନ୍‌ର ଟାର୍ଗେଟ ରହିଥିଲା। ଜବାବରେ ଭାରତ ୯୩ ରନ୍ କରିଥିଲା। ଟେଷ୍ଟ ଇତିହାସର ଚତୁର୍ଥ ଇନିଂସରେ ଏହା ଭାରତର ତୃତୀୟ ସର୍ବନିମ୍ନ ସ୍କୋର। ପୂର୍ବରୁ ଦଳ ୧୯୯୭ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୮୧, ୧୯୭୭ ଇଂଲଣ୍ଡ ବିପକ୍ଷରେ ୮୩ ରନ୍ କରିଥିଲା। ଏଠାରେ ୯୩ ରନ୍‌ରେ ଆଉଟ ହେବା ଭାରତର ତୃତୀୟ ସର୍ବନିମ୍ନ ଟେଷ୍ଟ ସ୍କୋର। ୯ମ ଥର ଲାଗି ଭାରତ ଟେଷ୍ଟର ପ୍ରଥମ ଇନିଂସରେ ଅଗ୍ରଣୀ ନେବା ପରେ ପରାଜିତ ହୋଇଛି।

ଦ୍ୱିତୀୟ ଅନ୍‌ଅଫିସିଆଲ୍ ଦିନିକିଆରେ ଦକ୍ଷିଣ ଆଫ୍ରିକା-ଏ’ ପରାସ୍ତ

## ଆଗୁଆ ସିରିଜ୍ କବ୍‌ଜା କଲା ଭାରତ-ଏ

ରାଜକୋଟ, ୧୬।୧୧ (ଏଜେନ୍ସି): ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ବିପକ୍ଷରେ ଏଠାରେ ରବିବାର ଖେଳାଯାଇଥିବା ଦ୍ୱିତୀୟ ଅନ୍‌ଅଫିସିଆଲ୍ ଦିନିକିଆ ମ୍ୟାଚକୁ ଭାରତ-ଏ ୯ ୱିକେଟ୍‌ରେ ବିଜୟୀ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା-ଏ ଘରୋଇ ବୋଲର ନିଶାନ୍ତ ସିନ୍ଧୁ ଓ ହର୍ଷିତ ରାଣାଙ୍କ ବୋଲିଂକୁ ସାମ୍ନା କରି ନ ପାରି ୩୦.୩ ଓଭରରେ ୧୩୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର୍ ରିଭାଲ୍ଡୋ ମୁନସାମୀ ସର୍ବାଧିକ ୩୩ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେଲାନୋ ପୋଟଗିଟର ୨୩, ଡିଆନ ଫଷ୍ଟର ୨୨, ଲୁଆନ-ଡି ପ୍ରିଟୋରିୟସ ୨୧ ରନ କରିଥିଲେ। ଭାରତ-ଏ ପକ୍ଷରୁ ନିଶାନ୍ତ (୭-୧-୧୬-୪) ଓ ହର୍ଷିତ (୫-୧-୨୧-୩) ମିଳିତ ଭାବେ ୭ଟି ୱିକେଟ୍ ନେଇଥିଲେ। ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୨ଟି ଓ ଅଧିନାୟକ ତିଲକ ବର୍ମାଙ୍କ ଗୋଟିଏ ୱିକେଟ୍ ମିଳିଥିଲା। ଜବାବରେ ୧୩୩ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଦଳ ଓପନର୍ ଋତୁରାଜ ଗାଏକୱାଡଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ୨୭.୫ ଓଭରରେ ଗୋଟିଏ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଋତୁରାଜ ୮୩ ବଲରେ ୬୮ ରନ ଓ ଅଧିନାୟକ ତିଲକ ୬୨ ବଲରେ ଅପରାଜିତ ୨୯ ରନ କରିଥିଲେ। ଅଭିଷେକ ଶର୍ମା ୨୨ ବଲ୍‌ରେ ୩୨ ରନ କରି ଏକମାତ୍ର ବ୍ୟାଟର୍ ଭାବେ ଆଉଟ୍ ହୋଇଥିଲେ। ଗାଏକୱାଡଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବରୁ ପ୍ରଥମ ଦିନିକିଆକୁ ୪ ୱିକେଟ୍‌ରେ ଜିତିଥିବା ଭାରତ-ଏ ଏଥିସହ ୨-୦ରେ ଆଗୁଆ ସିରିଜ କବ୍‌ଜା କରିନେଇଛି। ଅନ୍ତିମ ତଥା ୩ୟ ମ୍ୟାଚ୍ ନଭେମ୍ବର ୧୯ ରେ ଏଠାରେ ଅନୁଷ୍ଠିତ ହେବ।

## ରଣଜୀ ଟ୍ରଫି: ଓଡ଼ିଶାର ସମ୍ମାନ ରଖିଲେ ବିପ୍ଳବ-ଅନିଲ

ଭୁବନେଶ୍ୱର, ୧୬ ।୧୧ (ସମିସ):

ଘରୋଇ ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ରବିବାରଠାରୁ ସ୍ଥାନୀୟ କିଟ୍ କ୍ରିକେଟ୍ ଷ୍ଟାଡିୟମରେ ରଣଜୀ ଟ୍ରଫି ୫ମ ରାଉଣ୍ଡ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୮୯ ଓଭରରେ ୭ ୱିକେଟ୍ ହରାଇ ୨୪୩ ରନ ସଂଗ୍ରହ କରିଛି। ଖେଳ ଶେଷବେଳକୁ ଅନିଲ ପରିଡ଼ା ୯୮ ଓ ରାଜେଶ ମହାନ୍ତି ୨ ରନ କରି ଖେଳୁଛନ୍ତି। ଅନିଲଙ୍କ ସହ ଅଭିଜ୍ଞ ବିପ୍ଳବ ସାମନ୍ତରାୟ ଦମ୍‌ଦାର ଅର୍ଦ୍ଧଶତକୀୟ ଇନିଂସ ଖେଳି ଓଡ଼ିଶାର ସମ୍ମାନ ରଖିଛନ୍ତି। ଚଳିତ ସିଜନରେ ଉଭୟ ବିପ୍ଳବ ଓ ଅନିଲ ପ୍ରଥମ ମ୍ୟାଚ୍ ଖେଳୁଛନ୍ତି। ଗତ ସିଜନରେ ଅନୀଲ ଡେବ୍ୟୁ ମ୍ୟାଚ୍‌ରେ ଅପରାଜିତ ୯୯ ରନର ଇନିଂସ ଖେଳିବା ପରେ ଆଉ ସୁଯୋଗ ପାଇ ନ ଥିଲେ।

### ୩୪/୪: ଓଡ଼ିଶାର ପ୍ରାରମ୍ଭିକ ବିପର୍ଯ୍ୟୟ

ପାଞ୍ଚ ବର୍ଷର ବ୍ୟବଧାନ ପରେ କିଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ରଣଜୀ ଲଢ଼େଇରେ ଟସ୍ ଜିତି ଘରୋଇ ଓଡ଼ିଶାର ଅଧିନାୟକ ଶୁଭ୍ରାଂଶୁ ସେନାପତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଶୁଭ୍ରାଂଶୁଙ୍କ ଏହି ନିଷ୍ପତ୍ତି ବୁମେରାଂ ସାବ୍ୟସ୍ତ ହୋଇଥିଲା। ଧୀମା ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୨୦ ଓଭରବେଳକୁ ମାତ୍ର ୩୪ ରନ ମଧ୍ୟରେ ଦୁଇ ଓପନର୍ ଗୌରବ ଚୌଧୁରୀ (୧୦ ରନ) ଓ ସ୍ୱସ୍ତିକ ସାମଲ (୯)ଙ୍କ ସହ ଶୁଭ୍ରାଂଶୁ (୧୩) ଓ ଗୋବିନ୍ଦ (୦)ଙ୍କ ୱିକେଟ୍ ହରାଇଥିଲା। ଏହି ସମୟରେ ମଧ୍ୟକ୍ରମରେ ଅଭିଜ୍ଞ ବିପ୍ଳବଙ୍କ ସହ ଯୁବ ବ୍ୟାଟର୍ ଅନିଲ ବ୍ୟାଟିଂର ମଙ୍ଗ ସମ୍ଭାଳିଥିଲେ।





ଗତ ସିଜନ ଭଳି ଚଳିତ ବର୍ଷ ମଧ୍ୟ ପ୍ରାରମ୍ଭରୁ ଅଣଦେଖାର ଶିକାର ହୋଇଥିବା ବିପ୍ଳବ ପ୍ରତ୍ୟାବର୍ତ୍ତନ ସୁଯୋଗର ଭରପୁର ଫାଇଦା ଉଠାଇଥିଲେ। ଅନିଲଙ୍କ ସହ ମିଶି ବିପ୍ଳବ ନାଗାଲାଣ୍ଡ ବୋଲରଙ୍କୁ ଧୈର୍ଯ୍ୟର ସହ ମୁକାବିଲା କରି ୫ମ ୱିକେଟ୍‌ରେ ୧୭୯ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ିଥିଲେ। ଫଳରେ ଦଳୀୟ ସ୍କୋର ୨୦୦ ଶହ ରନ ଅତିକ୍ରମ ହୋଇଥିଲା। ତେବେ ବିପ୍ଳବ ୯୨ ରନ (୧୪୫ ବଲ୍, ୯ ଚୌକା ଓ ୧ ଛକା) କରିଥିବାବେଳେ ନାଗାଲାଣ୍ଡ ବାମହାତୀ ସ୍ପିନର ଲାମଲିୱତି ଲେମତରଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ଶତକରୁ ବଞ୍ଚିତ ହୋଇଥିଲେ। ଏହାପରେ ସମ୍ବିତ ବରାଳ (୧୧ ରନ) ଓ ପଦାର୍ପଣକାରୀ ୱିକେଟ୍‌କିପର ଶାୱନ ପହରିୟା (୧) ନିରାଶ କରିଥିଲେ। ଅନିଲ ଓ ରାଜେଶ ଏହାପରେ ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ। ନିଜର ୨ୟ ମ୍ୟାଚ୍ ଖେଳୁଥିବା ଅନିଲ ୨୪୯ ବଲରେ ୯ ଚୌକା ଓ ୧ ଛକା ସହ ୯୮ ରନ କରି ଅପରାଜିତ ରହିଛନ୍ତି। ଗତ ସିଜନରେ ପଦାର୍ପଣରେ ସର୍ଭିସେସ ବିପକ୍ଷରେ ଅପରାଜିତ ୯୯ ରନ କରିଥିଲେ ମଧ୍ୟ ଅନିଲଙ୍କୁ ଚଳିତ ସିଜନ ପ୍ରାରମ୍ଭରୁ ଅଣଦେଖା କରାଯାଇଥିଲା। ଦେବାଶିଷ ମହାନ୍ତିଙ୍କ ପ୍ରଶିକ୍ଷଣରେ ଖେଳୁଥିବା ନାଗାଲାଣ୍ଡର ଅଧିନାୟକ ରଙ୍ଗସେନ ଜୋନାଥନ, ରୋନିତ୍ ମୋରେ ଓ ଲାମଲିୱତି ୨ଟି ଲେଖାଏ ୱିକେଟ୍ ନେଇଛନ୍ତି।

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ
‘ସକାଳ’ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ
Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India
In Association with:
CBSE-XI & XII SRI VINAYAKA Concept School BHUBANESWAR
5th Anniversary
ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.
ରାୟଗଡା | ସେଞ୍ଚୁରିୟନ ପବ୍ଲିକ ସ୍କୁଲ, ରିଙ୍ଗ ରୋଡ, ଯୁଜିଏମଆଇଟି କଲେଜ ପାଖରେ, ରାୟଗଡା | ଶିବ ନାରାୟଣ ଗୌଡ - ୭୦୦୮୧୪୧୨୧୬
ନବରଙ୍ଗପୁର | ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆଁଗଡ, ମିର୍ଗାନ୍ ଗୁଡା, ନବରଙ୍ଗପୁର | ଗୌରାଙ୍ଗ ପାତ୍ର - ୭୯୭୮୭୩୩୬୩୬
ମାଲକାନଗିରି | ମାଲକାନଗିରି ମହା ବିଦ୍ୟାଳୟ, ମାଲକାନଗିରି | ଅଶୋକ ମିଶ୍ର - ୯୦୭୮୯୩୨୨୨୬
କୋରାପୁଟ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ନଗର ପାରାବେଢା, ଜୟପୁର | ସୁପ୍ରିତ ପୂଜାରୀ - ୯୪୩୭୨୮୨୧୦୫
୨୩ ନଭେମ୍ବର ୨୦୨୫ । ରବିବାର
ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ
ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।
ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS